

କାହାଣୀ ପାଇଁ ଅଟକିଛି
'ଏସ୍ଏସ୍ଏମ୍ବି୨୯'ର ସୁଟିଂ
▶ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-28 •TUESDAY •22 JULY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୮ •ମଙ୍ଗଳବାର •୨୨ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

## କଲେଜ ଉପରେ ଖସିଲା ବାୟୁସେନା ବିମାନ



■ ଢାକା, ୨୧।୭(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢାକାରେ ଆଜି ବାୟୁସେନାର ଏକ ଜେଟ୍ ବିମାନ କଲେଜ ଉପରେ ଖସିପଡ଼ିବାରୁ ୧୯ ଜଣ ପ୍ରାଣ ହରାଇଛନ୍ତି ଏବଂ ଶହେରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୬ ଜଣ ଛାତ୍ରଛାତ୍ରୀ, ଦୁଇ ଜଣ ଶିକ୍ଷକ ଓ ଜେଟ୍ ପାଇଲଟ୍ ଅଛନ୍ତି। ବିମାନଟି ଉଡ଼ିବାର ୩୦ ମିନିଟ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଆହତ ହୋଇଥିବା ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**୧୯ ମୃତ, ୧୬୦ ଆହତ**

ମାଇଲଷ୍ଟୋନ ସ୍କୁଲ ଏଣ୍ଡ କଲେଜରେ ଆଜି ପାଠପଢ଼ା ଚାଲିଥିବା ବେଳେ ଏହା ଉପରେ ଜେଟ୍ ଖସିପଡ଼ିଥିଲା। ପାଇଲଟ ଫ୍ଲାଇଟ୍ ଲେଫ୍ଟନାଣ୍ଟ ମହମ୍ମଦ ତୋଉକିର ଇସ୍‌ଲାମଙ୍କ ସମେତ ୧୬ ଛାତ୍ର ଓ ଦୁଇଜଣ ଶିକ୍ଷକ ମୃତ୍ୟୁବରଣ କରିଛନ୍ତି। ୧୬୦ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ। ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ ବିମାନ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ପ୍ରଧାନମନ୍ତ୍ରୀ ୟୁନୁସ ଏଥିପାଇଁ ଶୋକ ପ୍ରକାଶ କରିଛନ୍ତି।

## ଶପଥ ନେଲେ ଜଷ୍ଟିସ ମାନସ ପାଠକ

■ କଟକ, ୨୧।୭ (ସମିସ): ଜଷ୍ଟିସ ମାନସ ରଞ୍ଜନ ପାଠକ ଆଜି ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ପାଠକଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଶପଥ ପାଠ କରାଇଛନ୍ତି। ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ସମସ୍ତ ବିଚାରପତି, ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କ ସମେତ ବହୁ ପୂର୍ବତନ ବିଚାରପତି ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ।

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି**

ଗତ ମେ' ୨୬ତାରିଖରେ ଜଷ୍ଟିସ ▶ପୃଷ୍ଠା-୭



# ଉପରାଷ୍ଟ୍ରପତି ଧନଖଡ଼ଙ୍କ ଇସ୍ତଫା

■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା କୁହାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଇଥିବା ଇସ୍ତଫାପତ୍ରରେ ଧନଖଡ଼ ଲେଖିଛନ୍ତି ଯେ ଡାକ୍ତରଙ୍କ ପରାମର୍ଶ ଓ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛନ୍ତି। ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ମଧ୍ୟ ସହଯୋଗ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି।



କାର୍ଯ୍ୟକାଳ ପୂରିବା ପୂର୍ବରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରେ ଧନଖଡ଼ ହେଉଛନ୍ତି ତୃତୀୟ ବ୍ୟକ୍ତି। ଏହାପୂର୍ବରୁ ୧୯୬୯ରେ ଭିଭି ଗିରି ଏବଂ ୧୯୮୭ରେ ଆର. ଭେଙ୍କଟରମଣ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ କୌଣସି ଉପରାଷ୍ଟ୍ରପତି ଏଭଳି ଇସ୍ତଫା ଦେଇନଥିଲେ। ଉଭୟ ଭିଭି ଗିରି ଏବଂ ଭେଙ୍କଟରମଣ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଇସ୍ତଫା ଦେଇଥିଲେ। କିନ୍ତୁ ଧନଖଡ଼ ସ୍ୱାସ୍ଥ୍ୟ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି।

ଉପରାଷ୍ଟ୍ରପତି ଧନଖଡ଼ଙ୍କ ଅଚାନକ ଇସ୍ତଫା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଦିନରେ ସେ ଆଜି ରାଜ୍ୟସଭାରେ ଗୃହ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରେ ତାଙ୍କର ଅଚାନକ ଇସ୍ତଫା ଖବରକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ପଦ ଏବେ ଖାଲି ରହିବ ଏବଂ ଆସନ୍ତା ୬ ମାସ ମଧ୍ୟରେ ଏହି ପଦ ଲାଗି ନିର୍ବାଚନ କରିବାକୁ ପଡ଼ିବ।

ରାଷ୍ଟ୍ରପତିଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ଧନଖଡ଼ ଉଲ୍ଲେଖ କରିଛନ୍ତି, ଏବେ ନିଜର ସ୍ୱାସ୍ଥ୍ୟ ପ୍ରତି ତାଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ଏବଂ ଏଥିପାଇଁ ଡାକ୍ତର ପରାମର୍ଶ ମଧ୍ୟ ଦେଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସେ ସମ୍ବିଧାନର ଧାରା ୬୭(ଏ) ଅନୁଯାୟୀ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଉଛନ୍ତି। ସମଗ୍ର କାର୍ଯ୍ୟକାଳ ସମୟରେ ସୁସଂପର୍କ ଓ ଅକୁଣ୍ଠ ସମର୍ଥନ ପାଇଁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମସ୍ତ ସାଂସଦ ଯେପରି ତାଙ୍କୁ ସ୍ନେହ ଓ ଶ୍ରଦ୍ଧା କରିବା ସହିତ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି, ସେଥିପାଇଁ ଧନଖଡ଼ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ୭୪ ବର୍ଷୀୟ ଧନଖଡ଼ ୨୦୨୨ରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ▶ପୃଷ୍ଠା-୭

### ଭାରତର ଉପରାଷ୍ଟ୍ରପତି

| | |
|---|---|
| ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍ | ୧୯୫୨-୬୨ |
| ଡ. ଜାକିର ହୁସେନ୍ | ୧୯୬୨-୬୭ |
| ଭି.ଭି.ଗିରି | ୧୯୬୭-୬୯ |
| ଗୋପାଳସ୍ୱରୂପ ପାଠକ | ୧୯୬୯-୭୪ |
| ବି.ଡି. ଯତି | ୧୯୭୪-୭୯ |
| ଏମ୍.ହିଦାୟତୁଲ୍ଲା | ୧୯୭୯-୮୪ |
| ଆର୍.ଭେଙ୍କଟରମଣ | ୧୯୮୪-୮୭ |
| ଡ. ଶଙ୍କରଦୟାଲ ଶର୍ମା | ୧୯୮୭-୯୨ |
| କେ.ଆର୍.ନାରାୟଣନ୍ | ୧୯୯୨-୯୭ |
| କୃଷ୍ଣକାନ୍ତ | ୧୯୯୭ - ୨୦୦୨ |
| ଭୈରୋସିଂହ ଶେଖାୱାତ | ୨୦୦୨-୦୭ |
| ଏଚ.ହମିଦ୍ ଆନସାରୀ | ୨୦୦୭- ୧୭ |
| ଏମ୍.ଭେଙ୍କିଆ ନାଇଡୁ | ୨୦୧୭-୨୨ |
| ଜଗଦୀପ ଧନଖଡ଼ | ୨୦୨୨-୨୫ |

## ସଂସଦର ମୌସୁମୀ ଅଧିବେଶନ
# ଆରମ୍ଭରୁ ହଙ୍ଗାମା

- ସଂସଦରେ ଉଠିଲା ଓଡ଼ିଶା ପ୍ରସଙ୍ଗ
- ପହଲଗାମ, ବିହାର ଉପରେ ଆଲୋଚନା ଦାବି
- ଉଭୟ ଗୃହ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ



■ ନୂଆଦିଲ୍ଲୀ, ୨୧।୭: ଆରମ୍ଭରୁ କମ୍ପିଲା ସଂସଦର ମୌସୁମୀ ଅଧିବେଶନ। ଆଜି ବୈଠକ ଆରମ୍ଭ ହେବାମାତ୍ରେ ଉଭୟ ଗୃହରେ ବିରୋଧୀ ଦଳମାନେ ପହଲଗାମ, ଅପରେସନ ସିନ୍ଦୂର ଏବଂ ବିହାର ପ୍ରସଙ୍ଗରେ ଆଲୋଚନା ଦାବିରେ ହୋହାଲ୍ଲା କରିଥିଲେ। ସମସ୍ତ କାର୍ଯ୍ୟ ବନ୍ଦ ରଖି ଏହିସବୁ ପ୍ରସଙ୍ଗ ଉପରେ ତୁରନ୍ତ ଆଲୋଚନା କରିବାକୁ ସେମାନେ ଦାବି କରିଥିଲେ। ଏଥିପାଇଁ ସରକାର ରାଜି ନହେବାରୁ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୃହକୁ ମୁଲତବୀ ରଖାଯାଇଥିଲା।

ଲୋକସଭା ଆରମ୍ଭ ହେବାମାତ୍ରେ କଂଗ୍ରେସ ସଭ୍ୟ ମଣିକମ୍ ଟାଗୋର ଉପରୋକ୍ତ ପ୍ରସଙ୍ଗ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟସଭାରେ ମଧ୍ୟ ଦଳୀୟ ସାଂସଦ ରଣଦୀପ ସୁର୍ଯେୱାଲା ନିୟମ ୨୬୭ ଅନୁଯାୟୀ ନୋଟିସ ଦେଇଥିଲେ। କିନ୍ତୁ ଅଧ୍ୟକ୍ଷ ଧନଖଡ଼ ଏହି ନୋଟିସକୁ ଖାରଜ କରିଦେଇଥିଲେ। ତେବେ ଏହାଉପରେ ସଂକ୍ଷିପ୍ତ ମନ୍ତବ୍ୟ ରଖିବା ପାଇଁ ▶ପୃଷ୍ଠା-୭

## ସିଦ୍ଧରମେୟାଙ୍କ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମାମଲା
# ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ରାଜନୈତିକ ଲଢେଇ ନିର୍ବାଚନରେ ଲଢିବା ଉଚିତ, ଯାଞ୍ଚ ଏଜେନ୍ସିଙ୍କ ମାଧ୍ୟମରେ ନୁହେଁ। ଇଡିକୁ ଏପରି ଭାବେ କାହିଁକି ବ୍ୟବହାର କରାଯାଉଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ମହୀଶୂର ସହରୀ ବିକାଶ ବୋର୍ଡ (ମୁଡା) ମାମଲାରେ ଇଡି ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ଇଡି ପକ୍ଷରୁ ଜାରି କରାଯାଇଥିବା ସମନକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ କର୍ଣ୍ଣାଟକ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ମାତ୍ର ଇଡି ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା। ଏହାର ଶୁଣାଣି କରି ରାଜନୈତିକ ସଂଘର୍ଷରୁ ଦୂରେଇ ରହିବା ପାଇଁ ଇଡିକୁ ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି।



ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କଡ଼ା ବାଣୀ ଶୁଣାଇଛନ୍ତି। ମୁହଁ ଖୋଲିବାକୁ ସୁପ୍ରିମକୋର୍ଟଙ୍କୁ ବାଧ୍ୟ କରନାହିଁ ବୋଲି ମାନ୍ୟବର ଖଣ୍ଡପୀଠ କହିଛନ୍ତି।

ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ଆମ ମୁହଁ ଖୋଲିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ, ଇଡି ଉପରେ କଠୋର ଟିପ୍ପଣୀ ଦେବାକୁ ବାଧ୍ୟ ହେବୁ। ମୋ ପାଖରେ ମହାରାଷ୍ଟ୍ରର କିଛି ଅଭିଜ୍ଞତା ରହିଛି। ରାଜନୈତିକ ଲଢେଇ ନିର୍ବାଚନରେ ଲଢନ୍ତୁ। ରାଜନୈତିକ ସଂଘର୍ଷ ପାଇଁ ଏଜେନ୍ସିକୁ କାହିଁକି ଅପବ୍ୟବହାର କରୁଛନ୍ତି। କୌଣସି ଚାଲବାଜି କରିବାର ଆବଶ୍ୟକତା ନାହିଁ। ଏହାପରେ ଇଡି ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଏହି ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବ୍ୟବହାର ନ କରିବାକୁ ଅତିରିକ୍ତ ସଲିସିଟର ଜେନେରାଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଇଡିର ଆବେଦନ ▶ପୃଷ୍ଠା-୭

## ଜେଲ୍ ଗଲେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି

■ ଭୁବନେଶ୍ୱର,୨୧।୭(ସମିସ): ଦୁଷ୍କର୍ମ ମାମଲାରେ ଗତକାଲି ଗିରଫ ହୋଇଥିବା ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ସୋମବାର ଜେଲ୍ ଯାଇଛନ୍ତି। ପୁଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ମେଡିକାଲ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରିଥିଲା। ଜାମିନ୍ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ମେଡିକାଲ ପରୀକ୍ଷା ପାଇଁ ଯିବା ସମୟରେ ଉଦିତ୍ କହିଛନ୍ତି ଯେ ଏହା ତାଙ୍କ ବିରୋଧରେ ସରକାରଙ୍କ ଷଡ଼ଯନ୍ତ୍ର। ମେଡିକାଲ ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ। ଅନ୍ୟପକ୍ଷରେ ଉଦିତ ଜେଲ୍ ଯିବା ପରେ ଥାନାରେ ଅଭିଯୋଗ କରିଥିବା ପୀଡ଼ିତା ଏବଂ ଅନ୍ୟ ୩ ଜଣଙ୍କ ▶ପୃଷ୍ଠା-୭

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣାର ପ୍ରତିବାଦ
# ତିନି ଆର୍‌ଡିସି ଅଫିସ୍ ଆଗରେ ଗର୍ଜିଲା ବିଜେଡି

■ ଭୁବନେଶ୍ୱର, ୨୧।୭ (ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି, ମହିଳା ବିରୋଧୀ ଅପରାଧ ବୃଦ୍ଧି ଏବଂ ଏଫ୍ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ବିଜେଡି ପକ୍ଷରୁ ରାଜ୍ୟର ୩ ଆର୍‌ଡିସି ଅଫିସ ଘେରଓ କରାଯାଇଛି। ଏଫ୍ଏମ୍ କଲେଜର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆର୍‌ଡିସି ଅଫିସ ସମ୍ମୁଖରେ ଦଳ ବିକ୍ଷୋଭ, ପ୍ରତିବାଦ ପ୍ରଦର୍ଶନ କରିଛି। କଲେଜ ଛାତ୍ରୀ ଆତ୍ମଦାହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଦଳ। ବିଜେଡିର ହଜାର ହଜାର କର୍ମୀ ଏଥିରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିଥିବା ବେଳେ ଦଳ ପକ୍ଷରୁ ଆର୍‌ଡିସିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ ନ୍ୟାୟ ପାଇଁ ▶ପୃଷ୍ଠା-୭




**ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**

## ପୁଲିସ ଦେଲାନି ନ୍ୟାୟ: ଥାନାରେ ବିଷ ପିଇଲେ ଯୁବତୀ

■ ନୟାଗଡ଼, ୨୧।୭(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପୁଲିସଠାରୁ ନ୍ୟାୟ ନ ପାଇ ଜଣେ ଯୁବତୀ ଥାନା ପରିସରରେ ବିଷ ପିଇଦେବା ଭଳି ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଥାନା ପରିସରରେ ଯୁବତୀଜଣଙ୍କ କୀଟନାଶକ ପିଇବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



ଇଟାମାଟି ଥାନା ଶରଧାପୁର ଗାଁର ଛବି ମାଝୀଙ୍କ ଝିଅ ପିଙ୍କି ସେହି ଗାଁର ବୈକୁଣ୍ଠ ସ୍ୱାଇଁଙ୍କ ପୁଅ ଆଲୋକଙ୍କୁ ଭଲ ପାଉଥିଲେ। ଆଲୋକ ବିବାହ ପ୍ରତିଶ୍ରୁତି ଦେଇ ପିଙ୍କିଙ୍କ ସହ ସମ୍ପର୍କ ରଖିଥିଲେ। କିନ୍ତୁ ପରେ ଆଲୋକ ବିବାହ କରିବାକୁ ରାଜି ନହେବାରୁ ପିଙ୍କି ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ୍ ଆଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୁଲିସ ଦଫା କୋହଳ କରିଥିବାରୁ ଆଲୋକଙ୍କୁ ଶୀଘ୍ର ଜାମିନ ମିଳିଗଲା ବୋଲି ପିଙ୍କି ଅଭିଯୋଗ କରିଛନ୍ତି। ଆଲୋକ ଜଣେ ସିଆର୍‌ପିଏଫ୍ ଯବାନ ବୋଲି ସୂଚନା ମିଳିଛି। ଜାମିନ ପାଇବା ପରେ ସେ ତାଙ୍କ ଡ୍ୟୁଟିରେ ▶ପୃଷ୍ଠା-୭

# ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ

■ ଯାଜପୁର, ୨୧।୭ (ସମିସ): ସାରା ରାଜ୍ୟରେ ଏବେ ନାରୀ ନିର୍ଯାତନାକୁ ନେଇ ହୁଲସ୍ଥୁଲ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଯାଜପୁରରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକଙ୍କ ଦ୍ୱାରା ଜଣେ ନାବାଳିକା ଖେଳାଳିଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଯାଜପୁର ଥାନା ଅଞ୍ଚଳର ନାବାଳିକା ହକି ଖେଳାଳିଙ୍କୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ପ୍ରଶିକ୍ଷକ ବାରମ୍ବାର ଅସଦାଚାରଣ କରୁଥିଲେ। ଏନେଇ ସଂପୃକ୍ତ ନାବାଳିକା ପ୍ରତିବାଦ କରିଥିଲେ। ତେବେ ଗତ ଜୁଲାଇ ୩ ତାରିଖରେ ସଂପୃକ୍ତ ନାବାଳିକା ଘରକୁ ଫେରୁଥିବା ବେଳେ କୋଚ ସିଦ୍ଧାର୍ଥ ରାଉତ, ସନ୍ଦୀପ ସ୍ୱାଇଁ ଏବଂ ସାଗର ବିଭିନ୍ନ ବାହାନା କରି ତାଙ୍କୁ ଏକ ବାଇକ୍‌ରେ ବସାଇ ଜ୍ୟୋତି ଲଜ୍‌କୁ ନେଇ ଯାଇଥିଲେ। ଲଜ୍‌ରେ ସାଗର ଓ ସାର୍ଥକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏସଂପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଛାଡ଼ି ଦେଇଥିଲେ। ଏସଂକ୍ରାନ୍ତରେ ନାବାଳିକା ଜଣଙ୍କ ରବିବାର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ୭୦(୨), ୩୫୧(୨), ୭୪, ୩(୫) ଏବଂ ୬ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ନାବାଳିକାର ବୟାନ ରେକର୍ଡ କରିବା ସହିତ ଘଟଣାର ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସଂପୃକ୍ତ ନାବାଳିକାକୁ ଡାକ୍ତରମାଇନା କରିବା ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ▶ପୃଷ୍ଠା-୭



ପ୍ରଶିକ୍ଷକଙ୍କ ସମେତ ୪ ଅଭିଯୁକ୍ତ ଅଟକ

## ଜଗତସିଂହପୁରରେ ଚାଞ୍ଚଲ୍ୟ
# ବିଲ ମଝିରୁ ଟେକିନେଇ ଯୁବତୀଙ୍କୁ ଗଣଦୁଷ୍କର୍ମ

■ ଜଗତସିଂହପୁର, ୨୧।୭ (ସମିସ): ଜଗତସିଂହପୁର ସଦର ଥାନା ଅଞ୍ଚଳରେ ଆଜି ଜଣେ ଯୁବତୀଙ୍କୁ ୨ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଛନ୍ତି। ଯୁବତୀଜଣଙ୍କ ଆଜି ସାଙ୍ଗ ଜନ୍ମଦିନରେ ଯୋଗଦେଇ ଫେରୁଥିବା ବେଳେ ତାଙ୍କ ସହ ଏହି ବର୍ବର କାଣ୍ଡ ଘଟିଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଅଭିଯୁକ୍ତ ଦ୍ୱୟ ଫେରାର୍ ହୋଇଯାଇଥିବା ଜଣାଯାଇଛି।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା**


ସୂଚନାନୁଯାୟୀ, ଯୁବତୀଜଣଙ୍କ ଆଜି ତାଙ୍କର ଜଣେ ବାନ୍ଧବୀଙ୍କ ଜନ୍ମଦିନରେ ଯୋଗଦେବାକୁ ଯାଇଥିଲେ। ▶ପୃଷ୍ଠା-୭






## ଭି ଅଚ୍ୟୁତାନନ୍ଦନଙ୍କ ପରଲୋକ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବୟୋବୃଦ୍ଧ କମ୍ୟୁନିଷ୍ଟ ନେତା ଭିଏସ୍ ଅଚ୍ୟୁତାନନ୍ଦନ ସୋମବାର ୧୦୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ଜୁନ୍ ୨୩ରେ ଏକ ଘରୋଇ ହସ୍ପିଟାଲରେ



ଭର୍ତ୍ତି କରାଯାଇଥିଲା। ତାଙ୍କୁ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଓ ସିପିଏମ୍ ରାଜ୍ୟ ସମ୍ପାଦକ ଏମ୍‌ଭି ଗୋବିନ୍ଦନ ହସ୍ପିଟାଲ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଶୋକବ୍ୟକ୍ତ କରିଛନ୍ତି। ୨୦୧୯ରେ ସେ ମାଇନର ଷ୍ଟ୍ରୋକର ଶିକାର ହେବା ପରେ ରାଜନୀତି ତଥା ସାଧାରଣ ଜୀବନରୁ ଦୂରେଇ ଯାଇଥିଲେ। ସେ ୨୦୦୬ରୁ ୨୦୧୧ ମଧ୍ୟରେ କେରଳ ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ଭାଳିଥିଲେ। ୧୯୩୮ରେ କଂଗ୍ରେସ୍‌ରେ ଯୋଗ ଦେଇ ରାଜନୀତିରେ ପ୍ରବେଶ କରିଥିଲେ। ସେ ମଧ୍ୟ ଏକାଧିକ ପୁସ୍ତକ ଲେଖିଛନ୍ତି। ୪୦ ବର୍ଷର ରାଜନୈତିକ କ୍ୟାରିଅରରେ ସେ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କେରଳକୁ ଏକ ମୁସ୍‌ଲିମ ବହୁଳ ରାଜ୍ୟ ଭାବେ ପରିଣତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ।

## ମଦ ପାର୍ଟିରେ ଚଢ଼ଉ; ୩୯ ଯୁବକଯୁବତୀ ଗିରଫ

ଅହମଦାବାଦ, ୨୧।୭(ଏଜେନ୍ସି): ୬୫ ବର୍ଷ ହେବ ଗୁଜରାଟରେ ମଦ ବନ୍ଦ କରାଯାଇଥିବା ବେଳେ ଅହମଦାବାଦ ଜିଲ୍ଲାର ସାନନ୍ଦରେ ରବିବାର ବିଳମ୍ବିତ ରାତିରେ ରେଡ୍ ରିସୋର୍ଟରେ ଚାଲିଥିବା ଏକ ହାଇପ୍ରୋଫାଇଲ ମଦ ପାର୍ଟି ଉପରେ ପୁଲିସ ଚଢ଼ାଉ କରିଥିଲା। ପ୍ରବଳ ନିଶାରେ ଥିବା ୧୩ ଯୁବକ ଓ ୨୬ ଯୁବତୀଙ୍କୁ ପୁଲିସ ଗିରଫ କରିଛି। ସମସ୍ତଙ୍କୁ ମେଡିକାଲ ଚେକ୍‌ଅପ୍ ପାଇଁ ସିଭିଲ ହସ୍ପିଟାଲ ପଠାଯାଇଛି। ପରେ ଭୋର ୩ଟାରେ ସମସ୍ତଙ୍କୁ ସାନନ୍ଦ ଥାନକୁ ନିଆଯାଇଥିଲା। ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ ଗିରଫ କରିଛି। ସହରର ନାମୀଦାମୀ ବିଲ୍ଡର ପ୍ରତୀକ ସାନ୍ଧିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ମଦ ପାର୍ଟି ରଖାଯାଇଥିଲା ବୋଲି କୁହାଯାଇଛି। ଏହି ପାର୍ଟିରେ ପାଖାପାଖି ୧୦୦ ଜଣ ଉପସ୍ଥିତ ଥିଲେ। ତେବେ ୫୦ଜଣଙ୍କୁ ଗିରଫ୍ କରାଯାଇଛି ବୋଲି ପୁଲିସ କହିଛି। ସୂଚନା ମିଳିବା ପରେ ହିଁ ଯୁବକ ଓ ଯୁବତୀଙ୍କ ପରିବାର ଲୋକ ଥାନରେ ପହଞ୍ଚିଥିଲେ।ଏଥିସହ ସିଲ୍ ହୋଇଥିବା ୫ଟି ମଦ ବୋତଲ ଜବତ କରାଯାଇଥିଲା। ବିଲ୍ଡର ପ୍ରତୀକ ରିୟଲ ଇଷ୍ଟେଟ ବ୍ୟବସାୟ ସହ ଫ୍ରୋଜନ ଫୁଟ୍ କମ୍ପାନୀ ମଧ୍ୟ ପରିଚାଳନା କରନ୍ତି। ଉଲ୍ଲେଖଥାଉ କି, ୧୯୬୦ ମେ ୧ରୁ ଗୁଜରାଟ୍‌ରେ ମଦ ବିକ୍ରି ନିଷିଦ୍ଧ କରାଯାଇଛି ଏବଂ ମଦର ଉତ୍ପାଦନ, ବିକ୍ରି ଓ ସେବନ ଉପରେ ପ୍ରତିବନ୍ଧକ ଲଗାଯାଇଛି।

## ୮ ରେଳବାଇ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇର ଏକ କୋର୍ଟ ରେଳବାଇର ପୂର୍ବତନ ୮ ଜଣ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ କୋର୍ଟ ପ୍ରତ୍ୟେକ କର୍ମଚାରୀଙ୍କ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୨୦୦୨ ଅଗଷ୍ଟ ୧୭ରେ ସିବିଆଇ ଏମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ଓ ୨୦୦୩ ଜୁଲାଇ ୨୮ରେ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା। ୮ ଜଣ କର୍ମଚାରୀଙ୍କୁ ବାଦ୍ ଦେଲେ ଆଉ ଜଣେ ଅଭିଯୁକ୍ତଙ୍କ ଦେହାନ୍ତ ହୋଇଛି। ଏମାନଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର, ଚୋରି, ଅସାଧୁ ଉପାୟ ଅବଲମ୍ବନ, ପ୍ରମାଣ ନଷ୍ଟ କରିବାର ଅଭିଯୋଗ ହୋଇଥିଲା। ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଦେବା ପାଇଁ ଏହି କର୍ମଚାରୀମାନେ ପ୍ରାର୍ଥୀ ପିଛା ୫୦, ୦୦୦ ଟଙ୍କା ଆଦାୟ କରିଥିବାର ଅଭିଯୋଗ ହୋଇଥିଲା।

## ହସ୍ପିଟାଲରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍

ଚେନ୍ନାଇ, ୨୧।୭(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ସୋମବାର ସ୍ଥାନୀୟ ଗ୍ରିମ୍ସ ରୋଡସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର



ନିୟମିତ ପ୍ରାତଃଭ୍ରମଣ କରିବା ବେଳେ ହାଲ୍‌କା ମୁଣ୍ଡ ବୁଲାଇବା କାରଣରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତାଙ୍କର ଆବଶ୍ୟକୀୟ ଟେଷ୍ଟ ତଥା ରୁଟିନ ଚେକ୍‌ଅପ୍ କରାଯାଉଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଗୋଟିଏ କିମ୍ବା ଦୁଇଦିନ ହସ୍ପିଟାଲରେ ରହିବେ ବୋଲି କୁହାଯାଇଛି। ୭୨ ବର୍ଷୀୟ ଷ୍ଟାଲିନ୍ ୨୦୨୧ରୁ ତାମିଲନାଡୁର ୮ମ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ରହିଛନ୍ତି।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ସୋମବାର ସଂସଦରେ ମହାଭିଯୋଗ ପାରିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ଲୋକସଭାରେ ବାଚସ୍ପତି ଓମ ବିର୍ଲାଙ୍କୁ ସ୍ମାରକପତ୍ର ପ୍ରଦାନ କରିଯାଇଛି। ସେହିପରି ରାଜ୍ୟସଭାରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ମହାଭିଯୋଗ ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ମଙ୍ଗଳବାର ଏକ ଯାଞ୍ଚ୍ କମିଟି ଗଠନ କରି ବାଚସ୍ପତି ବିର୍ଲା ପ୍ରସ୍ତାବକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। କୌଣସି ବିଚାରପତିଙ୍କୁ ହଟାଇବା ପାଇଁ ଅତିକମ୍‌ରେ ଲୋକସଭାର ୧୦୦ ଓ ରାଜ୍ୟସଭାର ୫୦ ସଦସ୍ୟଙ୍କ ସ୍ୱାକ୍ଷର ଆବଶ୍ୟକ ହୋଇଥାଏ।



## ୩୭ ଦିନ ପରେ ଫେରିବାକୁ ବ୍ରିଟେନ ଲଢୁଆ ବିମାନ ପ୍ରସ୍ତୁତ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): ୩୭ ଦିନରେ ତିରୁବନନ୍ତପୁରମ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଫସି ରହିବା ପରେ ବ୍ରିଟେନ ରୟାଲ ନେଭିର ଏଫ୍- ୩୫ବି ଫାଇଟର ଜେଟ୍ ଶେଷରେ ଉଡାନ ଭରି ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହୋଇଛି। ଗତ ଜୁନ୍ ୧୪ରେ ଖରାପ ପାଗ, ଇନ୍ଧନ ଜନିତ ସମସ୍ୟା ଓ ବୈଷୟିକ ତ୍ରୁଟି କାରଣରୁ ଏହି ବିମାନ ଜରୁରୀ ଅବତରଣ କରିଥିଲା। ବିମାନକୁ ଠିକ୍ କରିବା ଓ ତା'ର ମରାମତି ପାଇଁ ୫ ସପ୍ତାହରୁ ଅଧିକ ସମୟ ଲାଗିଥିଲା। ବ୍ରିଟେନର ୨୫ ଜଣ ଇଞ୍ଜିନିୟରଙ୍କୁ ନେଇ ଗଠିତ ଦଳ ଏହାକୁ ଠିକ୍ କରିବାକୁ ସମର୍ଥ ହୋଇଛନ୍ତି। ଏବେ ଏହି ଜେଟ ଉଡାଣ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି କୁହାଯାଇଛି। ୫ମ ପିଢ଼ିର ଏହି ଲଢୁଆ ବିମାନର ମୂଲ୍ୟ ୯୧୫ କୋଟି ଟଙ୍କା। ଏହି ଘଟଣାକ୍ରମରେ ଭାରତୀୟ ବାୟୁସେନା ବ୍ରିଟେନକୁ ସହାୟତା ପ୍ରଦାନ କରିଥିଲା। ବ୍ରିଟିଶ ହାଇକମିଶନର ମଧ୍ୟ ଏଥିପାଇଁ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ୩୭ ଦିନ ଧରି ବିମାନବନ୍ଦରରେ ରହିଥିବାରୁ ଏବେ ବ୍ରିଟେନକୁ ପାର୍କିଂ ପାଉଣା ଦେବାକୁ ହେବ। ଏହିକ୍ରମରେ ବ୍ରିଟେନକୁ ଦିନକୁ ୨୬, ୨୬୧ ଟଙ୍କା ଓ ମୋଟ ଉପରେ ୯.୧୯ ଲକ୍ଷ ଟଙ୍କା ତିରୁବନନ୍ତପୁରମ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେବାକୁ ହେବ।

# ସବୁ ସୀମା ଅତିକ୍ରମ କରୁଛି ଇଡି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସୁପ୍ରିମକୋର୍ଟ କଠୋର ଭାଷାରେ ସମାଲୋଚନା କରିଛନ୍ତି। ଏହି କେନ୍ଦ୍ରୀୟ ଏଜେନ୍ସି ସବୁ ସୀମା ପାର୍ କରିଯାଉଛି ବୋଲି କହିଛନ୍ତି। ଭୁଲ୍ ହୋଇଥିଲେ ବି ଜଣେ ଓକିଲ ଏବଂ ମହକିଲଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଶେଷ ହୋଇଥାଏ। ଏହାକୁ ନେଇ ଓକିଲଙ୍କ ବିରୋଧରେ କେମିତି ନୋଟିସ୍ ଜାରି କରାଯାଇପାରିବ ନାହିଁ। ଏଭଳି ମାମଲାରେ ଇଡି ପାଇଁ ମାର୍ଗଦର୍ଶିକା ଜାରି କରାଯିବା ଉଚିତ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଆଇନଗତ ପରାମର୍ଶ ଦେଇଥିବା ଜଣେ ଓକିଲଙ୍କୁ ଇଡି ସମନ ପଠାଇବା ମାମଲାର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଉପରେ କୋର୍ଟ ଚିନ୍ତା ଏବଂ ଅସନ୍ତୋଷ ପ୍ରକାଶ କରିଛନ୍ତି। ତଦନ୍ତ ସମୟରେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ଉପସ୍ଥିତ ହୋଇଥିବା ବରିଷ୍ଠ ଓକିଲ ଅରବିନ୍ଦ ଦତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇ ଥିଲା। ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରଭାବ ସମ୍ବନ୍ଧିତ ମାମଲାର ନିଜ ଆଡୁ ଶୁଣାଣି କରି ମାର୍ଗଦର୍ଶିକା ଆଣିବା ପାଇଁ କୋର୍ଟ କହିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆଜିର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଅନେକ ମାମଲାରେ ଇଡି ନିଜ ସୀମା ଲଙ୍ଘନ କରୁଥିବା ଦେଖାଯାଉଛି। ଆମେ କିଛି ଜାଣିନାହୁଁ ବୋଲି ଭାବନାହିଁ। ଆମେ ଖବର ଦେଖୁନାହୁଁ। ୟୁଟ୍ୟୁବରେ ସାକ୍ଷାତାକାର ବି ଦେଖୁନାହୁଁ। ସରକାର ଏବଂ ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କ ମନ୍ତବ୍ୟ ଉପରେ

### ଓକିଲଙ୍କୁ ସମନ ପଠାଇଥିଲା ଏଜେନ୍ସି

### ଇଡି ପାଇଁ ମାର୍ଗଦର୍ଶିକା ହେବା ଉଚିତ

ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରସଙ୍ଗକୁ ଉଚ୍ଚ ସ୍ତରରେ ରଖାଯାଇଛି। ତଦନ୍ତକାରୀ ସଂସ୍ଥାକୁ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ନୋଟିସ୍ ଜାରି ନ କରିବାକୁ କୁହାଯାଇଛି। ମିଥ୍ୟା କାହାଣୀ ଗଢ଼ି ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଅନେକ ସମୟରେ ବିଭିନ୍ନ ମାମଲାକୁ ଆଧାର କରି ଭୁଲ ଭାବେ ଉପସ୍ଥାପନ କରାଯାଇଥାଏ। ଏହା ମୁଁ କହୁଛି, ଇଡି ନୁହେଁ। ଏକ ପ୍ରତିଷ୍ଠାନ ବିରୁଦ୍ଧରେ କାହାଣୀ ଗଢ଼ିବା ପାଇଁ ଷଡ଼ଯନ୍ତ୍ର ହେଉଛି। କୋର୍ଟ କିଛି ମାମଲାରୁ ଏହା ଜାଣିପାରିବେ। ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ମଧ୍ୟ କହିଥିଲେ ଯେ ସେ ଇଡି ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଓକିଲମାନଙ୍କୁ ସମନ ପଠାଇବା ଭୁଲ ଥିଲା। କାରଣ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ସମନ କରାଯାଇପାରିବ ନାହିଁ। ସେହିପରି ମେହେଟ୍ଟା ଗଣମାଧ୍ୟମ ରିପୋର୍ଟକୁ ନେଇ ସତର୍କ କରାଇ ଥିଲେ। ସେ ଦୁର୍ନୀତି ଅଭିଯୁକ୍ତ ରାଜନେତାଙ୍କ ବିଷୟରେ ଉଲ୍ଲେଖ କରିବାରୁ ଏହାକୁ ରାଜନୀତିକରଣ ନ କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ବୋଲି ସିଜେଆଇ ଉଲ୍ଲେଖ କରିଥିଲେ।

ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ବିକାଶ ସିଂହ ଚୀନ୍ ଏବଂ ତୁର୍କୀର ଉଦାହରଣ ଦେଇ କହିଥିଲେ ଯେ ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଆକ୍ରମଣ କରୁଥିବା ଦେଶର ମାର୍ଗରେ ଭାରତ ନ ଯିବା ଉଚିତ। ଏହାକୁ ସବୁଦିନ ପାଇଁ ରଦ୍ଦ କରିଦିଆଯିବା ଉଚିତ। ତୁର୍କୀ ଏବଂ ଚୀନ୍ ଓକିଲ ସଂଘକୁ ଭାଙ୍ଗି ଦେଇଥିବା କୁହାଯାଉଛି। ଆଇନଗତ ରାୟ ଦେବା ପାଇଁ ଓକିଲଙ୍କୁ ସମନ ଘଟଣା ବିପଜ୍ଜନକ ଉଦାହରଣ ସୃଷ୍ଟି କରିଛି। ନଚେତ, ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବ। ଓକିଲ ସ୍ୱାଧୀନ ଭାବେ ପରାମର୍ଶ ଦେଇପାରିବେ ନାହିଁ।

## ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ରାୟ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିପ୍ପଣୀକୁ ନେଇ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରିବାକୁ ଆବେଦନ କରାଯାଇଛି। ସୁପ୍ରିମକୋର୍ଟ ସୋମବାର ଏହି ମାମଲାର ଶୁଣାଣି କରି ନ୍ୟାୟିକ ପ୍ରକ୍ରିୟାକୁ ରାଜନୀତିକରଣ କରିବାକୁ ନେଇ ଚେତାବନୀ ଦେଇଛନ୍ତି। ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଦାତବ୍ୟ ସଂସ୍ଥା ଆତ୍ମଦୀପ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନରେ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ମମତା ନ୍ୟାୟପାଳିକାର ଅଧିକାରକୁ ଦୁର୍ବଳ କରିବା ଭଳି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ତେଣୁ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାକୁ ନେଇ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲକୁ ପଚାରିଥିଲେ ଯେ ଅନୁମତି ମିଳିଯିବ ବୋଲି ଆପଣ ନିଶ୍ଚିତ ତ! କୋର୍ଟଙ୍କ ସାମ୍‌ନାରେ ରାଜନୀତି କରିବାକୁ ଚେଷ୍ଟା କରନାହିଁ। ରାଜନୈତିକ ଲଢେଇ ଆଉ କୋଉଠିକୁ ଯାଇ ଲଢିନିଅ। ଚାରି ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା

# ବିଭ୍ରାନ୍ତ କରୁଛନ୍ତି ବିଦେଶୀ ଗଣମାଧ୍ୟମ

ନୂଆଦିଲ୍ଲୀ/ଅହମଦାବାଦ, ୨୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ନେଇ କେନ୍ଦ୍ର ସରକାର ତରବରରେ କୌଣସି ନିଷ୍କର୍ଷ ନ ବାହାର କରିବାକୁ ମତ ଦେଇଛନ୍ତି। ପାଇଲଟ୍‌ଙ୍କ ତ୍ରୁଟି ପାଇଁ ଦୁର୍ଘଟଣା ହୋଇଛି ବୋଲି ପ୍ରକାଶିତ ଖବରକୁ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ରାମମୋହନ ନାଇଡୁ ଭୁଲ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ବିଦେଶୀ ଗଣମାଧ୍ୟମକୁ ସଂଯମତା ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ରାଞ୍ଚ୍ (ଏଏଆଇବି) ବିମାନ ଦୁର୍ଘଟଣାର ଯାଞ୍ଚ ଜାରି ରଖିଛି। ତେଣୁ ଅନ୍ତିମ ରିପୋର୍ଟ ଜାରି ନ ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ମନ୍ତବ୍ୟ ନ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଦୁର୍ଘଟଣା ହୋଇଥିଲା ବୋଲି ବିଦେଶୀ ଗଣାମାଧ୍ୟମଗୁଡିକ ଖବର ପରିବେଷଣ କରିଥିଲେ। ବିମାନର ବ୍ଲାକ ବକ୍ସର ଡାଟାକୁ ଡିକୋଡ କରାଯାଇଛି। ପ୍ରଥମଥର ପାଇଁ ଦେଶରେ ଏପରି ହୋଇଛି। ଏହି କାର୍ଯ୍ୟ ମଧ୍ୟ ଏଏଆଇବି କରିଛି। ଏଏଆଇବିର ଉପରେ ଆମର ପୂରା ବିଶ୍ୱାସ ଓ ଭରସା ରହିଛି। ପୂର୍ବରୁ ବ୍ଲାକ ବକ୍ସର ତଥ୍ୟକୁ ଡିକୋଡ କରିବା ପାଇଁ ଆମେ ବିଦେଶ ଯାଉଥିଲୁ। କିନ୍ତୁ ଏବେ ସେକଥା ଆଉ ନାହିଁ।

### ଅନ୍ତିମ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରିବାକୁ ସରକାରଙ୍କ ପରାମର୍ଶ

ଏଏଆଇବି ଦୁର୍ଘଟଣା ସଂକ୍ରାନ୍ତରେ ପ୍ରାଥମିକ ରିପୋର୍ଟ ଜାରି କରିଛି। ଟେକ୍ ଅଫ୍‌ର ୯ ସେକେଣ୍ଡ ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିଲା। କିନ୍ତୁ ଏହାପରେ ସମସ୍ୟା ଆସିଥିଲା ବୋଲି କୁହାଯାଇଛି। ଅହମଦାବାଦ ବିମାନ ଦୁର୍ଘଟଣାରେ ମୋଟ୍ ୨୭୫ ଜଣ ପ୍ରାଣ ହରାଇଥିଲେ।



ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୧୭ରେ ୱାଲ ଷ୍ଟ୍ରିଟ ଜର୍ନାଲରେ ବିମାନ ଦୁର୍ଘଟଣା ନେଇ ରିପୋର୍ଟ ପ୍ରକାଶ କରିଥିଲା। ଏଥିରେ ପାଇଲଟ୍ କ୍ୟାପଟେନ୍ ସୁମିତ ସଭରୱାଲ ଦୁଇଟି ଯାକ ଇଞ୍ଜିନର ଫୁଏଲ ସପ୍ଲାଇକୁ ରୋକିଥିଲେ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା।

## ଏୟାର ଇଣ୍ଡିଆକୁ ୬ ମାସରେ ୯ ନୋଟିସ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଏୟାର ଇଣ୍ଡିଆର ସମସ୍ୟା ବଢ଼ିବାରେ ଲାଗିଛି। ସୁରକ୍ଷା ସମ୍ବନ୍ଧିତ ନିୟମ ଉଲ୍ଲଙ୍ଘନକୁ ନେଇ ଗତ ୬ ମାସରେ ଏହି ଏୟାରଲାଇନ୍ସକୁ ୯ ଥର ନୋଟିସ ପଠାଗଲାଣି। ରାଜ୍ୟ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏହି ସୂଚନା ଦେଇଛନ୍ତି। ଗୋଟିଏ ମାମଲାରେ ପ୍ରବର୍ତ୍ତନ ଜନିତ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିବାବେଳେ ଅନ୍ୟ ମାମଲାର ତଦନ୍ତ ଜାରି ରହିଛି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ଏୟାର ଲାଇନ୍ସ ସୁରକ୍ଷା ଯାଞ୍ଚର କେନ୍ଦ୍ରରେ ରହିଛି। କେନ୍ଦ୍ରମନ୍ତ୍ରୀ ସଂସଦର ପ୍ରଥମ ଦିନରେ ଅହମଦାବାଦ ଦୁର୍ଘଟଣାକୁ ନେଇ ବିବୃତ୍ତି ରଖିଛନ୍ତି। ସରକାର ମାମଲାର ଗହନ ଯାଞ୍ଚ ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି।

## ରନୱେରୁ ଖସିଲା ଏୟାର ଇଣ୍ଡିଆ ବିମାନ; ବର୍ତ୍ତିଲେ ଯାତ୍ରୀ

ମୁମ୍ବାଇ, ୨୧।୭ (ଏଜେନ୍ସି): ଦେଶର ସବୁଠୁ ବ୍ୟସ୍ତ ବହୁଳ ମୁମ୍ବାଇ ବିମାନବନ୍ଦରରେ ସୋମବାର ସକାଳ ୯ଟା ୨୭ରେ ବଡ଼ ଅଘଟଣ ଘଟିଛି। ଅବତରଣ ସମୟରେ ଏୟାର ଇଣ୍ଡିଆ ବିମାନ (ଏଆଇ ୨୭୪୪) ରନୱେରୁ ଖସି ଯାଇଛି। ଏଥିଯୋଗୁଁ ବିମାନ ରନୱେରୁ ୧୬ରୁ ୧୭ ମିଟର ଦୂରରେ ଥିବା ଘାସକୁ ଚାଲି ଯାଇଛି। ଏଥିରେ ବିମାନର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଛି। ବିମାନର ତିନୋଟି ଟାୟାର ଫାଟି ଯାଇଛି। ଡେଣା ଏବଂ ରନୱେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ରନୱେରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ରନୱେ ପାର୍ଶ୍ୱରେ ଥିବା ତିନୋଟି ସାଇନ୍ ବୋର୍ଡ ଏବଂ ଚାରୋଟି ଲାଇଟ ମଧ୍ୟ ଭାଙ୍ଗି ଯାଇଛି। ତେବେ ଅଳ୍ପକେ ସମସ୍ତ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମୁମ୍ବାଇରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଭାଇରଲ ଫଟୋ ଏବଂ ଭିଡିଓରୁ ଜଣାପଡୁଛି ଯେ ଡାହାଣ ଇଞ୍ଜିନର ନାସାଲ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ବିମାନକୁ ପାର୍କିଂକୁ ନିଆଯାଇଥିଲା। ଏଠାରେ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ବାହାର କରାଯାଇଥିଲା। ଏହି ମାମଲାର ଯାଞ୍ଚ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଏକ ଟିମ୍ ବିମାନବନ୍ଦରରେ ପହଞ୍ଚିଛି। ବିମାନର ଯାଞ୍ଚ ଜାରି ରହିଛି। ଉଭୟ ପାଇଲଟଙ୍କୁ ହଟାଇ ଦିଆଯାଇଛି। ଦୁର୍ଘଟଣାର କାରଣ ଯାଞ୍ଚ କରାଯାଉଛି। ବିମାନ ପରିଚାଳନା ଜାରି ରଖିବା ପାଇଁ ଅନ୍ୟ ଏକ ରନୱେ ଆରମ୍ଭ କରାଯାଇଛି।



## ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ: ୧୨ ଅଭିଯୁକ୍ତ ଖଲାସ

ମୁମ୍ବାଇ, ୨୧।୭(ଏଜେନ୍ସି): ବହୁ ଚର୍ଚ୍ଚିତ ୨୦୦୬ ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ ମାମଲାରେ ହାଇକୋର୍ଟ ସୋମବାର ସବୁ ୧୨ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଦୀର୍ଘ ୧୯ ବର୍ଷ ପରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସରକାର ଓକିଲ ଦୋଷ ପ୍ରମାଣ କରିବାର ବିଫଳ ହୋଇଛନ୍ତି ବୋଲି କୋର୍ଟ କହିଛନ୍ତି। ଅଭିଯୁକ୍ତମାନେ ଅପରାଧ କରିଛନ୍ତି ବୋଲି କହିବା କଷ୍ଟକର। ତେଣୁ ଏମାନଙ୍କୁ ଖଲାସ କରାଯାଉଛି। ଯଦି ଏମାନେ ଅନ୍ୟ କୌଣସି ମାମଲାରେ ଅଭିଯୁକ୍ତ ନୁହଁନ୍ତି, ତେବେ ସେମାନଙ୍କୁ ତୁରନ୍ତ ଖଲାସ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବାଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ ସିରିଜ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା।

ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ



ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟ୍‌ରେ ଏହି ସବୁ ବିସ୍ଫୋରଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବୋମାରେ ଆରଡିଏକ୍ସ, ଆମୋନିଆ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା।

ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଲପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଲପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ପେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତକୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସ୍ୱାମୀଙ୍କୁ ମାରି ଟାଇଲ ତଳେ ପୋତିଲେ ସ୍ତ୍ରୀ ଓ ପ୍ରେମିକ

ପାଲଘର, ୨୧।୭(ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ବଲିଉଡ୍ ସୁପର ହିଟ୍ ସିନେମା 'ଦୃଶ୍ୟମ' ଶୈଳୀରେ ଏକ ହତ୍ୟାକାଣ୍ଡ ଘଟିଛି। ପ୍ରେମିକଙ୍କ ସହାୟତାରେ ଜଣେ ପତ୍ନୀ ନିଜ ସ୍ୱାମୀଙ୍କୁ ହତ୍ୟା କରି ନିଜ ଘରର ଟାଇଲ ତଳେ ପୋତିବା ସହ ମୃତଦେହକୁ ଲୁଚାଇବାକୁ ପ୍ରୟାସ କରିଛନ୍ତି। ୩୫ ବର୍ଷୀୟ ବିଜୟ ଚାଭନ ଗତ ୧୫ ଦିନ ହେବ ନିଖୋଜ ଥିଲେ। ମୁମ୍ବାଇଠାରୁ ୭୦କିମି ଦୂର ନାଲାସୋପାରା ଇଷ୍ଟର ଗଡ଼ଗାପଡ଼ା ଅଞ୍ଚଳରେ ବିଜୟ ଓ ତାଙ୍କ ୨୮ ବର୍ଷୀୟ ପତ୍ନୀ କୋମଲ ଚାଭନ ରହୁଥିଲେ। ସୋମବାର ସକାଳେ ବିଜୟଙ୍କ ଭାଇ ତାଙ୍କୁ ଖୋଜିବାକୁ ଆସି ଘରେ ପହଞ୍ଚିଥିଲେ। କିନ୍ତୁ ଘର ଚଟାଣର କୋଡୋଟି ଟାଇଲ ଅନ୍ୟଗୁଡିକ ସହ ମେଳ ଖାଉ ନଥିବା ସେ ଲକ୍ଷ୍ୟ କରିଥିଲେ। ସନ୍ଦେହ ହେବାରୁ ସେ ମେଳ ଖାଉ ନଥିବା ଭିନ୍ନ ରଙ୍ଗର ଟାଇଲକୁ କାଢ଼ି ଦେବା ପରେ ଏକ ସାର୍ଟ ପୋତା ହୋଇଥିବା ଦେଖିଥିଲେ ଓ ଉତ୍କଟ ଦୁର୍ଗନ୍ଧ ହେବାର ଜାଣି ପରିଥିଲେ। ଏହାପରେ ସେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ ବିଜୟ ମୃତଦେହ ଟାଇଲ ତଳୁ ଉଦ୍ଧାର କରିଥିଲା।

■ ଛତୁ ଚୋରିରୁ ମହାଭାରତ

## ଖୁଡ଼ୀ, ଭଉଣୀକୁ ଟାଙ୍ଗିଆରେ ହାଣିଦେଲା

ପଦ୍ମପୁର, ୨୧।୭ (ସମିସ): ସାମାନ୍ୟ ଛତୁ ଚୋରିକୁ କେନ୍ଦ୍ର କରି ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ପଥୁରୀ ଗାଁରେ ଆଜି ଦୁଇଦୁଇଟି ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ନିଜ ଖୁଡ଼ୀ ଓ ଭଉଣୀକୁ ଟାଙ୍ଗିଆରେ ହାଣି ଅତି ନୃଶଂସ ଭାବେ ହତ୍ୟା କରିଛି। ମୃତକଦ୍ୱୟ ହେଲେ, ଗାଁର ସାବିତ୍ରୀ ନାଗ ଓ ତାଙ୍କ ଖୁଡ଼ୀ ବେଲମତି ନାଗ। ପଦ୍ମପୁର ଆଦର୍ଶ ଥାନା ପୁଲିସ୍ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ନାରକୀୟ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଶଶିଭୂଷଣ ନାଗ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି।

**ଗୁରୁତର ଦାଦା ହସ୍ପିଟାଲରେ**

ପୁଲିସ୍ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନାନୁଯାୟୀ, ଶଶିଭୂଷଣ ଛତୁ ବ୍ୟବସାୟ କରନ୍ତି। ଆଜି ତାଙ୍କର କିଛି ଛତୁ ଚୋରି ହୋଇଥିବା ସନ୍ଦେହ କରି ପରିବାରଲୋକଙ୍କୁ ଏ ସଂପର୍କରେ ପଚରାଉଚରା କରିଥିଲେ। ଏହାକୁ ନେଇ ପରିବାର ଭିତରେ କଳହ ହୋଇଥିଲା। ତେବେ କ୍ରମେ ଏହା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶଶିଭୂଷଣ ଘରେ ଥିବା ଏକ ଟାଙ୍ଗିଆ ଆଣି ଖୁଡ଼ୀ ବେଲମତି, ଭଉଣୀ ସାବିତ୍ରୀ ଓ ଦାଦା ବିଶିକେଶନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ସାବିତ୍ରୀ ଓ ବେଲମତୀଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପଡ଼ୋଶୀଙ୍କଠାରୁ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦ୍ୱୟଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗୁରୁତର ବିଶିକେଶନଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଏହି ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଶଶିଭୂଷଣ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲା।

## ବନ୍ଦ ଘରେ ମହିଳା ଜୀବନ୍ତ ଦଗ୍ଧ

ବ୍ରହ୍ମପୁର, ୨୧।୭ (ସମିସ): ସୋମବାର ଅପରାହ୍ଣରେ ବ୍ରହ୍ମପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଚଳନଗର ୫ମ ଲାଇନରେ ଏକ ତାଲାବନ୍ଦ ଘରେ ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ମହିଳା ଜଣ ହେଲେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ହରିଶଙ୍କର ରଥଙ୍କ ସ୍ତ୍ରୀ ନମିତା ରଥ (୫୫)।



ଜୟଦେବ ଚୌଧୁରୀଙ୍କ ଘରେ ହରିଶଙ୍କର ଭଡ଼ାରେ ରହୁଛନ୍ତି। ପ୍ରତିଥର ଭଳି ଆଜି ନମିତାଙ୍କୁ ବାହାରୁ ତାଲା ପକାଇ ପରିବାର ଲୋକ ବାଲିପଡ଼ା ଯାଇଥିଲେ। ମଧ୍ୟାହ୍ନରେ ଘରୁ ପୋଡ଼ା ଗନ୍ଧ ବାହାରିବାରୁ ତଳେ ରହୁଥିବା ଘରମାଲିକଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ତୁରନ୍ତ ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର ତାଲା ଭାଙ୍ଗିଥିଲେ। ଅଗ୍ନିଶମ କର୍ମଚାରୀ ଘର ଭିତରକୁ ଯାଇ ଦେଖିବା ବେଳକୁ ନମିତାଙ୍କ ଶରୀରରେ ନିଆଁ ଲାଗି ଯାଇଥିଲା। ତୁରନ୍ତ ସେ ନିଆଁକୁ ଆୟତ୍ତ କରିଥିଲେ ହେଁ ମହିଳାଙ୍କ ଶରୀରର ଅଧିକାଂଶ ଅଂଶ ଜଳି ଯାଇଥିଲା। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ଏମକେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ହେଲା ତାହା ଜଣାପଡ଼ିନାହିଁ।

## ଘରୁ ଡାକିନେଇ ମାରିଦେଲେ

ସମ୍ବଲପୁର, ୨୧।୭ (ସମିସ): ଭୋଜି କରିବାକୁ ଡାକି ନେଇ ପିଟିପିଟି ମାରିଦେଲେ। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ଠେଲକୋଲୋଇ ଥାନା ଅଧୀନ ବୋମାଲୋଇ ଗ୍ରାମରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଜନ୍ମେଜୟ କିଷାନ (୨୯)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୋମାଲୋଇ ଗାଁର ସୁଜିତ ମୁଣ୍ଡା(୨୨), ରଞ୍ଜିତ ମୁଣ୍ଡା ଓରଫ୍ ତୁଲୁ (୨୦), ପ୍ରମୋଦ ମୁଣ୍ଡା ଓରଫ୍ ରଘୁ (୩୨), ଦଶରଥ ମୁଣ୍ଡା ଓରଫ୍ ଜୁନୁ (୨୨), ରାଜେଶ ମୁଣ୍ଡା ଓରଫ୍ ଛୋଟୁ (୨୦) ଓ

**୬ ସାଙ୍ଗ ଗିରଫ**

ଜିତେନ୍ଦ୍ର କିଷାନ ଓରଫ୍ କାଲକୁଟ (୧୮)। ଏମାନେ ସଂଘବଦ୍ଧ ଭାବେ ଜନ୍ମେଜୟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଶନିବାର ରାତି ପ୍ରାୟ ୮ଟାରେ ୭ରୁ ୮ଜଣ ଯୁବକ ଜନ୍ମେଜୟଙ୍କୁ ଭୋଜି କରିବାକୁ କହି ଗ୍ରାମର କଣ୍ଟାପଡ଼ା ଶ୍ମଶାନ ଘାଟ ପାଖକୁ ଡାକିନେଇଥିଲେ। ତେବେ, ସେଠାରେ ଭୋଜିଭାତ କରିବା ସମୟରେ ବଚସା ହୋଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସାଙ୍ଗମାନେ ସଂଘବଦ୍ଧ ଭାବେ ବାଡ଼ି, ହାତରେ ପିନ୍ଧିଥିବା ବଳା ଓ ଫାଇବର୍ ଯୋଗେ ଜନ୍ମେଜୟଙ୍କୁ ପିଟି ପିଟି ମାରିଦେଇଥିଲେ। ଖବର ପାଇ ଠେଲକୋଲୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଜନ୍ମେଜୟଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଠେଲକୋଲୋଇ ଥାନାରେ ଏକ ହତ୍ୟା ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**ଭଣ୍ଡେଇଦେଲେ କେନ୍ଦ୍ର ସରକାର**

# ଦ୍ୱିତୀୟ ପାଇକ ବିଦ୍ରୋହ ପାଇଁ ମହାସଂଘର ଆହ୍ୱାନ

ଭୁବନେଶ୍ୱର,୨୧।୭ (ସମିସ): ଓଡ଼ିଶାର ପାଇକ ବିଦ୍ରୋହକୁ ଜାତୀୟସ୍ତରରେ ମାନ୍ୟତା ଦେବାରେ ଟାଳଟୁଳ ନୀତି ବିରୋଧରେ ଦ୍ୱିତୀୟ ବିଦ୍ରୋହ ପାଇଁ ଆହ୍ୱାନ ଦେଇଛି ପାଇକ ମହାସଂଘ। ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣରେ ବିଳମ୍ବ, ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ସ୍ଥାପନ, ପାଇକ ଏକାଡେ଼ମୀ ଓ ପାଇକ ରେଜିମେଣ୍ଟ ଗଠନ ଆଦିରେ ଅବହେଳା ସାଙ୍ଗକୁ ଏବେ ଏନ୍‌ସିଆର୍‌ଟି ପୁସ୍ତକୁ ପାଇକ ବିଦ୍ରୋହକୁ ବାଦ ଦେବା ପ୍ରତିବାଦରେ ଖୋର୍ଦ୍ଧାମାଟିରୁ ପୁଣି ପାଇକ ବିଦ୍ରୋହ ଆରମ୍ଭ ହେବ ବୋଲି ମହାସଂଘ ଚେତାବନୀ ଦେଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେପାଇକ ବିଦ୍ରୋହର ୨୦୦ ଶହ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବର୍ଣ୍ଣନା କରିଥିଲେ। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଦକର ପାଇକ ବିଦ୍ରୋହକୁ ପାଠ୍ୟକ୍ରମରେ (ସିବିଏସଇ)ରେ ସ୍ଥାନୀତ କରାଯିବାକୁ ଘୋଷଣା କରିଥିଲେ।୨୦୨୦-୨୧ ଶିକ୍ଷାବର୍ଷରେ ସିବିଏସଇ ପାଠ୍ୟପୁସ୍ତକରେ ପାଇକବିଦ୍ରୋହ ସ୍ଥାନ ପାଇଥିଲେ ହେଁ ଏହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଉଲ୍ଲେଖ କରାଯାଇ ନ ଥିଲା। ହେଲେ ଚଳିତ ବର୍ଷ ତାହାକୁ ବି ବାଦ୍ ଦିଆଯାଇଛି। କେବଳ ସେତିକି ନୁହେଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ଗଠନ କରାଯିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨କୋଟି ଟଙ୍କା ଅର୍ଥ ବି ମଞ୍ଜୁର ହୋଇଥିଲେ ବି ତାହା ବି ହୋଇପାରି ନାହିଁ। ପାଇକ ଏକେଡେ଼ମୀ ପ୍ରସ୍ତାବ ମଧ୍ୟରେ ଅଟକି ଯାଇଛି।



ସେହିପରି ପାଇକ ଐତିହ୍ୟ ସ୍ମାରକୀର ଭିତ୍ତିପ୍ରସ୍ତର ତତ୍‌କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ମସିହାରେ ବରୁଣେଇ ପାଦଦେଶରେ ସ୍ଥାପନ ବି କରିଥିଲେ। ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ଏକର ୬୮୫ ଡ଼ିସିମିଲି ଜାଗାକୁ ୩୧ କୋଟି ୯୭ ଲକ୍ଷ ଟଙ୍କା ଛାଡ଼ କରି ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ। ମାତ୍ର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜମି ଯୋଗାଇ ଦେବା ସତ୍ତ୍ୱେ ଏଯାଏ ତାହା ନିର୍ମାଣ ହୋଇ ପାରିଲା ନାହିଁ। ଏମିତିକି ପାଇକ ସ୍ମାରକୀ ତ ଦୂରର କଥା ଏପର୍ଯ୍ୟନ୍ତ ଇଟା ଖଣ୍ଡ ମଧ୍ୟ ପଡ଼ି ପାରି ନାହିଁ। ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତ ସଂସଦ ଭବନରେ ପାଇକ ରେଜିମେଣ୍ଟ ସ୍ଥାପନ ଘୋଷଣା କରାଯାଇ ପାରିଲା ନାହିଁ। ଗତ ନିର୍ବାଚନ ପ୍ରଚାର ସମୟରେ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ ନିକଟରେ ଏ ସଂକ୍ରାନ୍ତରେ ଦାବି କରାଯାଇଥିଲା। ପୂର୍ବତନ ବିଜେଡି ସରକାର ପାଇକ ସ୍ମାରକୀ ପାଇଁ ଜମି ଯୋଗଇ ଦେବା ସହ ପାଇକ ଏକାଡେମୀ କରିଛନ୍ତି। ଯେଉଁଥିପାଇଁ

■ ମିଳିଲାନାହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା
■ ଗଠନ ହୋଇପାରିଲାନି ସ୍ୱତନ୍ତ୍ର ପାଇକ ରେଜିମେଣ୍ଟ
■ ଅଟକିଛି ଚେୟାର ପ୍ରତିଷ୍ଠା, ଆଗେଇପାରୁନି ସ୍ମାରକୀ

କରିଥିଲେ ହେଁ କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି। ପାଇକ ମହାସଂଘ ଏହି ମାନ୍ୟତା ପାଇଁ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଆସୁଥିବା ବେଳେ ଡବଲ ଇଞ୍ଜିନ୍ ସରକାରରେ କୌଣସି ସାଂସଦ, ବିଧାୟକ କିମ୍ବା ମନ୍ତ୍ରୀ ଏ ସମ୍ପର୍କରେ ପଦଟିଏ ସ୍ୱର ଉଠାଇ ନାହାନ୍ତି।

ପାଇକ ମହାସଂଘର ରାଜ୍ୟ ସଭାପତି ଡ. ଅଶୋକ କୁମାର ପାଲଟାସିଂହ କହିଛନ୍ତି ଯେ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିବା ଏବଂ ପାଇକ ସ୍ମାରକୀକୁ ଆଗେଇ ନେବା ନୂତନ ସରକାରଙ୍କ ଦାୟିତ୍ୱ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଘୋଷଣା କରନ୍ତୁ; ନଚେତ୍ ଓଡ଼ିଆ ଅସ୍ମିତା କଥା କହି ଡିଣ୍ଡିମ ପିଟୁଥିବା ବିଜେପି ସରକାରକୁ ପାଇକ ମହାସଂଘ ଆଗାମୀ ଦିନରେ ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପାଲଟା ସିଂହ, ଗାୟନ ସାମଲ, କେଦାର ନାଥ ଦାସ କହିଛନ୍ତି।

## ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ

**ଡାକ୍ତରଙ୍କ ସହ ଆଲୋଚନା, ପରିବାର ସଦସ୍ୟଙ୍କୁ ଆଶ୍ୱାସନା**



ଭୁବନେଶ୍ୱର,୨୧।୭ (ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲ୍ଲା ବଳଙ୍ଗାର ପୀଡ଼ିତାଙ୍କୁ ଭେଟିଛନ୍ତି ବିଜେଡିର ରାଜ୍ୟସଭା ସଂସଦୀୟ ପ୍ରତିନିଧି ଦଳ। ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସସ୍ମିତ ପାତ୍ର, ମାନସରଞ୍ଜନ ମଙ୍ଗରାଜ, ସୁଲତା ଦେଓ ଓ ନିରଞ୍ଜନ ବିଶି ପ୍ରମୁଖ ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ସାଂସଦମାନେ ଡାକ୍ତରଙ୍କ ସହ ପୀଡ଼ିତାଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ତାଙ୍କ ସମ୍ପର୍କୀୟ ଓ ପରିବାର ସଦସ୍ୟମାନଙ୍କୁ ପ୍ରତିନିଧିମଣ୍ଡଳୀ ଆଶ୍ୱାସନା ପ୍ରଦାନ କରିଛନ୍ତି।

**ଧବଳେଶ୍ୱର କଲେଜ ଅଧ୍ୟାପିକାଙ୍କୁ ନିର୍ଯାତନା ଘଟଣାରେ ନୂଆମୋଡ଼**

## ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବି: ଅଧ୍ୟକ୍ଷ

ତିଗିରିଆ/କଟକ, ୨୧।୭ (ସମିସ): କଟକ ଜିଲ୍ଲା ଗୁରୁଡ଼ିଝାଟିଆସ୍ଥିତ ଶ୍ରୀଶ୍ରୀଧବଳେଶ୍ୱର ମହାବିଦ୍ୟାଳୟରେ ଅଧ୍ୟାପିକାଙ୍କୁ କଲେଜ ଅଧ୍ୟକ୍ଷ ନିର୍ଯାତନା ଦେବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। କଲେଜ ଅଧ୍ୟକ୍ଷ ଏବେ ମୁହଁ ଖୋଲିଛନ୍ତି। ପୂର୍ବରୁ ସମସ୍ତ ଅଭିଯୋଗର ତଦନ୍ତକୁ ସାମ୍ନା କରିଥିବା ବେଳେ ଏବେ ମଧ୍ୟ ସେ ତଦନ୍ତକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ତାଙ୍କୁ ଜାଣିଶୁଣି ବଦନାମ କରାଯାଉଛି। ଯଦି ତାଙ୍କୁ ନ୍ୟାୟ ନମିଳେ, ତେବେ କଲେଜ ଆଗରେ ଆତ୍ମାହୁତି ଦେବା ନେଇ ଧମକ ଦେଇଛନ୍ତି ଅଧ୍ୟକ୍ଷ। ତେବେ ଅଭିଯୋଗକାରୀ ଅଧ୍ୟାପିକା ଏବଂ ଅଧ୍ୟକ୍ଷଙ୍କ ମଧ୍ୟରୁ କିଏ ସତ କହୁଛନ୍ତି; ତାହା ବିଭାଗୀୟ ତଦନ୍ତ ପରେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀମହଲରେ ଆଲୋଚନା ହେଉଛି।

ଗତ ୨୦୨୧ ମସିହାରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଅଶୋକ କୁମାର ସାମନ୍ତରାୟଙ୍କ ବିରୁଦ୍ଧରେ ଅଧ୍ୟାପିକା ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ସେ କଟକ ଜିଲ୍ଲାପାଳ, କଲେଜ ପରିଚାଳନା କମିଟି, ଗଭର୍ଣ୍ଣିଂ ବଡି ପ୍ରେସିଡେଣ୍ଟ, ଆଠଗଡ଼ ଉପଜିଲ୍ଲାପାଳ, ଉଚ୍ଚ ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ସେ ନିରାଶ ହୋଇ ଗୁରୁଡ଼ିଝାଟିଆ ଥାନାରେ ଜଣାଇଥିଲେ। ପୁଲିସ କିନ୍ତୁ ଏତଲା ଗ୍ରହଣ ନ କରିବାରୁ ଶେଷରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜଣେ କି ଦୁଇଜଣ ଅଧ୍ୟାପିକା ନୁହେଁ, ପାଞ୍ଚଜଣ ଅଧ୍ୟାପିକା ଅଧ୍ୟକ୍ଷଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜାନୁଆରୀ ୨୦ତାରିଖରେ ଅବଗତ କରାଯାଇଥିବା ନେଇ ସଂପୃକ୍ତ ଅଧ୍ୟାପିକାଜଣଙ୍କ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ମସିହାରେ ଗୁରୁଡ଼ିଝାଟିଆସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଜଣେଅଧ୍ୟାପିକାଙ୍କୁ ଫେସବୁକ ଚାଟିଂରେ ଜନୈକ ଅଧ୍ୟାପକ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ସଂପୃକ୍ତ ଅଧ୍ୟାପିକା ଗୁରୁଡ଼ିଝାଟିଆ ଥାନା ତଥା ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପୁଲିସ ତଥା ବିଭିନ୍ନ ଅଧିକାରୀଙ୍କ ପକ୍ଷରୁ ତଦନ୍ତ ହୋଇଥିଲା। ୨୦୨୧ରେ ସଂପୃକ୍ତଅଧ୍ୟାପକ ଅଧ୍ୟକ୍ଷଦାୟିତ୍ୱ ଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ଅଧ୍ୟାପକଙ୍କ ଗଞ୍ଜାମ ଜିଲ୍ଲା ଆସିକା କଲେଜକୁ ବଦଳି ଆଦେଶ ହୋଇଥିଲା। ବଦଳି ଆଦେଶ ପରେ କଲେଜ କର୍ତ୍ତୃପକ୍ଷ ଅଧ୍ୟାପକଙ୍କୁ ରିଲିଭ୍ କରିଥିଲେ। ମାତ୍ର ଉଚ୍ଚଶିକ୍ଷା ବିଭାଗ ଆସିକା କଲେଜକୁ କୌଣସି ସୂଚନା ଦେଇ ନ ଥିବାରୁ ଅଧ୍ୟାପକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ଗୁରୁଡ଼ିଝାଟିଆ କଲେଜକୁ ଫେରି ଆସିଥିଲେ।

**ନିର୍ଯାତନା ନିଆଁ ଥମୁନି**

## ଅନୁଗୋଳ କଲେଜର ୪ ଅଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୨୧।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନା ସହି ନ ପାରି ଆତ୍ମଦାହ ଉଦ୍ୟମ କରି ମୃତ୍ୟୁବରଣ କରିବା ଘଟଣା ମନରୁ ନ ଲିଭୁଣୁ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆସିଛି ସମାନ ଅଭିଯୋଗ। ବିଡ଼ମ୍ବନା ହେଉଛି ଗତ ଜାନୁଆରୀ ମାସରୁ ଏ ସଂକ୍ରାନ୍ତରେ ୪ ଜଣ ଅଧ୍ୟାପକଙ୍କ ବିରୋଧରେ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ହେଁ ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗତ ଜାନୁଆରୀ ୧୩ ତାରିଖରେ ସରକାରଙ୍କ ନିକଟରେ ଅନୁଗୋଳ କଲେଜର ପ୍ରାଣୀବିଜ୍ଞାନ ବିଭାଗର ୩ ଏବଂ ଇଂରାଜୀ ବିଭାଗର ଜଣେ ଅଧ୍ୟାପକ କିଛି ନିର୍ଦ୍ଦିଷ୍ଟ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଥିବା

**୭ମାସ ହେଲା ବିଭାଗରେ ପଡ଼ିଛି ଅଭିଯୋଗ**

ଅଭିଯୋଗ ହୋଇଥିଲା। ଉଦ୍ଦେଶ୍ୟମୂଳକ ଭାବେ ଏପରି କରାଯାଉ ଥିବାରୁ ଛାତ୍ରୀଙ୍କୁ ମାନସିକ ଯନ୍ତ୍ରଣା ପ୍ରଦାନ କରାଯାଉଥିବାରୁ ବହୁ ଛାତ୍ରୀ ନିୟମିତ ପାଠ ପଢ଼ିବାକୁ କଲେଜ ଆସୁ ନାହାନ୍ତି। ଏସବୁ ଘଟଣା କଲେଜ କର୍ତ୍ତୃପକ୍ଷ ଓ ଅଧ୍ୟକ୍ଷଙ୍କ ଜ୍ଞାତସାରରେ ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଦୀର୍ଘ ୧୫ରୁ ୨୦ ବର୍ଷ ଧରି ଏହି ସମସ୍ତ ଅଧ୍ୟାପକମାନେ ମହାବିଦ୍ୟାଳୟରେ କାର୍ଯ୍ୟରତ ଥିବାରୁ ତଦନ୍ତକୁ ପ୍ରଭାବିତ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ମାତ୍ର ଜାନୁଆରୀ ମାସରେ ହୋଇଥିବା ଏହି ଅଭିଯୋଗ ସମ୍ପର୍କରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଭାଗ ସାତମାସ ହେଲା କାହିଁକି ଏପରି ଅଭିଯୋଗକୁ ଚାପି ରଖିଛି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏଫ୍‌ଏମ୍ କଲେଜ ଛାତ୍ରୀ ଅଧ୍ୟକ୍ଷଙ୍କ ଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରି ନିରାଶ ହେବା ପରେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଇଛନ୍ତି। ହେଲେ ଛାତ୍ରୀଙ୍କୁ ନିର୍ଯ୍ୟାତନା ପରି ଗୁରୁତର ଅଭିଯୋଗ ସତ୍ତ୍ୱେ ଏତେ ବେଫିକର କାହିଁକି ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

**ଆସୁଛି ପଛକୁ ପଛ ଦୁଇ ଲଘୁଚାପ**

## କାଲିଠୁ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୧।୭ (ସମିସ): ଆସନ୍ତା ୨୩ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୪ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାକୁ ଥିବାବେଳେ ଏଥିପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରିଯାଇଛି। ୨୩ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୪ ଓ ୨୫ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୩ରୁ୨୬ ତାରିଖ ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଏଥିପାଇଁ କେନ୍ଦ୍ର ପକ୍ଷରୁ ଆସନ୍ତା ୨୩ଠାରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

ଅନ୍ୟପଟେ ବର୍ତ୍ତମାନ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ଅନୁଭୂତ ହେଉଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷା ଦେଖିବାକୁ ମିଳିଛି। ମଙ୍ଗଳବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ବିଶେଷ କରି କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

**ଗମ୍ଭାରିମାଳିଆ ଟ୍ରିପଲ ମର୍ଡର ମାମଲା**

## ହାଇକୋର୍ଟରେ ଫାଶୀ ଦଣ୍ଡାଦେଶ ରଦ୍ଦ

କଟକ, ୨୧।୭ (ସମିସ): ବହୁଚର୍ଚ୍ଚିତ ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମରେ ସଂଗଠିତ ଟ୍ରିପଲ ମର୍ଡର୍ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ଆଠମଲ୍ଲିକ ଅତିରିକ୍ତ ଦୌରା ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ପ୍ରକାଶ ବେହେରା ଓ ନନ୍ଦକିଶୋର ସେଠୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏହାସହ ମୃତ ଦମ୍ପତିଙ୍କ ନାବାଳିକା ଝିଅଙ୍କୁ ୩୦ଲକ୍ଷ ଟଙ୍କା ପୀଡ଼ିତା କ୍ଷତିପୂରଣ ଆଇନ ଅନୁସାରେ ପ୍ରଦାନ କରିବାକୁ ଅନୁଗୋଳ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

ଅଦାଲତ କହିଛନ୍ତି ଯେ ଅପରାଧୀମାନେ ଯେଉଁମାନେ ବି ହୁଅନ୍ତୁ ନା କାହିଁକି, ସେମାନେ ତିନି ଜଣଙ୍କ ଜୀବନ ନେଇଛନ୍ତି। ଯେଉଁଥିରେ ଜଣେ ନାବାଳକ ବାଳକ ମଧ୍ୟ ଅଛନ୍ତି। ତେବେ ଏହି ମାମଲାରେ ଆବେଦନକାରୀ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ ପାଇଁ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରାଯାଇନାହିଁ। ଫୌଜଦାରୀ ନ୍ୟାୟଶାସ୍ତ୍ର ଅନୁସାରେ ଅପରାଧ ଯେତେ ଗମ୍ଭୀର ହେଉ, ପ୍ରମାଣର ପରିମାଣ ସେତେ କଠୋର ହେବା ଉଚିତ। ସରକାରୀ ପକ୍ଷ ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି, ତାହା ଅନୁମାନ ଏବଂ ସନ୍ଦେହ ଉପରେ ଆଧାରିତ। କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଯେତେବେଳେ ଜବତ ସାମଗ୍ରୀଗୁଡ଼ିକ ଆବେଦନକାରୀଙ୍କ ବିରୋଧରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ ନାହିଁ, ସେତେବେଳେ ଡିଏନଏ ପରୀକ୍ଷା ରିପୋର୍ଟ ବି ସେମାନଙ୍କ ବିରୋଧରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୧୭ ଅକ୍ଟୋବର ୧୦ ତାରିଖରେ କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମର ବିରଞ୍ଚି ନାୟକ, ପତ୍ନୀ ତାରଣୀ ନାୟକ ଓ ୭ବର୍ଷୀୟ ନାବାଳକ ପୁତ୍ର ଏକଲବ୍ୟଙ୍କୁ ଅଭିଯୁକ୍ତ ଆବେଦନକାରୀ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ମହିଳା ହିଂସା ପ୍ରସଙ୍ଗରେ 'ଶୂନ୍ୟ ସହନଶୀଳ' ନୀତି: କଂଗ୍ରେସ



ଭୁବନେଶ୍ୱର,୨୧।୭ (ସମିସ): ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି, ନିମାପଡ଼ା ପୋଡ଼ି ଘଟଣା ତଥା ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଏବଂ ସରକାରଙ୍କ ନିରବତା ବିରୋଧରେ କଂଗ୍ରେସ ଦଳ ଆଦୌ ସାଲିସ୍ କରିବ ନାହିଁ। ମହିଳା ହିଂସା ପ୍ରସଙ୍ଗରେ କଂଗ୍ରେସ ଦଳ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରି ଆସୁଛି। ତେଣୁ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଦଳ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

ରବିବାର ରାତିରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ଏକ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯିବା ପରେ କଂଗ୍ରେସର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଥିଲା। ବିଶେଷ କରି ଦଳ ପକ୍ଷରୁ ନାରୀ ନ୍ୟାୟ ନାଁରେ ଜାରି ରହିଥିବା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ନାଁ ଏଥିରେ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସରକାରୀ ବିଜେପିର ଛାତ୍ର ଓ ଯୁବ ସଂଗଠନ

■ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଆନ୍ଦୋଳନ ଅବ୍ୟାହତ ରହିବ
■ ନିମାପଡ଼ା ଘଟଣାରେ ଅଭିଯୁକ୍ତ ଧରା ନ ପଡ଼ିବାରୁ ବର୍ଷିଲେ ଭକ୍ତ

ମଧ୍ୟ କଂଗ୍ରେସ ଦଳକୁ ନୈତିକତାର ପାଠ ପଢ଼ାଇବା ଆରମ୍ଭ କରି ଦଳକୁ ଅଡୁଆ ସ୍ଥିତିରେ ଛିଡ଼ା କରିବକୁ ଉଦ୍ୟମ କରିଥିଲେ। ମାତ୍ର ସୋମବାର ପିସିସି ସଭାପତିଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ବହୁ ବରିଷ୍ଠ ନେତା କଂଗ୍ରେସ ଭବନରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭକ୍ତ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ ଯଦି ସେମାନେ କଂଗ୍ରେସ ଦଳକୁ ଦୁର୍ବଳ ବୋଲି ଚିନ୍ତା କରୁଛନ୍ତି ତେବେ ଏହା ମସ୍ତବଡ଼ ଭୁଲ। କଂଗ୍ରେସ ବିରୋଧରେ ଷଡ଼ଯନ୍ତ୍ରର ହୀନ ପ୍ରୟାସ କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଇତ୍ୟାଦି ସମସ୍ତଙ୍କ କଥା ବାହାରିବ ଏବଂ ସେଥିପାଇଁ ସରକାର ପ୍ରସ୍ତୁତ ରହିବା କଥା। ସେ ଆହୁରି କହିଛନ୍ତି ଯେ ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ; କିନ୍ତୁ ଆମ ଦଳ ଛାତ୍ର ସଭାପତି ଗିରଫ ହେବାର ସାଙ୍ଗେ ସାଙ୍ଗେ ନିଲମ୍ବନ କରିଛି। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଦେଶ କଂଗ୍ରେସ ପକ୍ଷରୁ ମହିଳା ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରି ତୁରନ୍ତ ପୀଡ଼ିତାଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ବାଲେଶ୍ୱର ପୀଡ଼ିତା, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦି ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ କରିବା ଦୂରେ ଥାଉ, କେହିବି କର୍ଣ୍ଣପାତ କରିନଥିଲେ। ପୁଲିସ କାହିଁକି ଏଫଆଇଆର ଗ୍ରହଣ କଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ଏବଂ ଏହି ପ୍ରଶ୍ନ ଯୁଗ ଯୁଗ ପର୍ଯ୍ୟନ୍ତ ରହିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଶ୍ରାବଣ ଦ୍ୱିତୀୟ ସୋମବାର

# ଜଳାଭିଷେକ ପାଇଁ ଭକ୍ତଙ୍କ ଭିଡ଼



ବ୍ରହ୍ମଗିରି,୨୧।୭ (ସମିସ): ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଶିବଲିଙ୍ଗରେ ଜଳ ଢାଳି ପୁଣ୍ୟ ଅର୍ଜନ କରିବା ପାଇଁ କାଉଡ଼ିଆମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ବ୍ରହ୍ମଗିରି ଅଞ୍ଚଳର କାଉଡ଼ିଆମାନେ ହଜାର ହଜାର ସଂଖ୍ୟାରେ ବିଭିନ୍ନ ଶିବ ମନ୍ଦିରରେ ଜଳାଭିଷେକ କରିଛନ୍ତି। ନଦୀଘାଟରେ ସମାଗମ ହୋଇ ଶ୍ରାବଣୀ ଭାର ବାହୁଙ୍ଗୀରେ କାନ୍ଧରେ ଧାରଣ କରି ବୋଲ୍‌ବମ୍ ନାରା ଦେଇ ବିଭିନ୍ନ ଶୈବପୀଠ ଅଭିମୁଖେ ଯାତ୍ରା କରିଥିଲେ। ଜିଲ୍ଲା ତଥା ବିଭିନ୍ନ ବ୍ଲକ୍‌ରୁ ପୁରୁଷ, ମହିଳା ଓ ଶିଶୁ କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନପୂର୍ବକ ପ୍ରସ୍ଥାନ କରିଥିଲେ। ସକାଳୁ ସକାଳୁ ବିଭିନ୍ନ ଶିବ ମନ୍ଦିର ତଥା ଐଶାନେଶ୍ୱର ପୀଠ, ଭାମେଶ୍ୱର ପୀଠ, ମୁକ୍ତେଶ୍ୱର ପୀଠ, ବାଲୁଙ୍କେଶ୍ୱର ପୀଠ, ହରିସହଦେବ ପୀଠରେ ହଜାର ହଜାର କାଉଡ଼ିଆ ଧାଡ଼ିରେ ଆସି ଜଳାଭିଷେକ କରିଥିଲେ। ସେଥିପାଇଁ ପୁଲିସ ପ୍ରଶାସନ ତରଫରୁ ପ୍ରତ୍ୟେକ ଶିବ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଜରାଜୀର୍ଣ୍ଣ ଅବସ୍ଥାରେ ନୂଆଗଡ଼ ମାଛଧରା ଜେଟି

# ମିଳୁନି ମୌଳିକ ସୁବିଧା; ମତ୍ସ୍ୟଜୀବୀ ହନ୍ତସନ୍ତ

ଅସ୍ତରଙ୍ଗ,୨୧।୭ (ସମିସ)





୧୯୮୨ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଅସ୍ତରଙ୍ଗ ବ୍ଲକ୍‌ର ନୂଆଗଡ଼ଠାରେ ଥିବା ଦେବୀନଦୀ ମୁହାଣରେ ଏକ ମାଛଧରା ଜେଟି। ନିର୍ମାଣ ହେବାର ୪୩ ବର୍ଷ ପରେ ବି ମିଳିପାରୁନି ଆବଶ୍ୟକୀୟ ମୌଳିକ ସୁବିଧା। ଭିତ୍ତିଭୂମିର ଉନ୍ନତୀକରଣ ଅଭାବରୁ ଜେଟିର ଅବସ୍ଥା ଏବେ ଜରାଜୀର୍ଣ୍ଣ। କେବେ ଦୂର ହେବ ସେମାନଙ୍କ ଦୁଃଖ ଓ ମିଳିବ ମୌଳିକ ସୁବିଧା ସେହିଦିନକୁ ଚାତକ ପରି ଚାହିଁ ବସିଛନ୍ତି ଅସ୍ତରଙ୍ଗ ଉପକୂଳର ହଜାର ହଜାର ମତ୍ସ୍ୟଜୀବୀ।

ସୂଚନା ଅନୁସାରେ, ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଅଞ୍ଚଳରେ ୪୦ ଭାଗରୁ ଊର୍ଦ୍ଧ୍ୱ ଲୋକ ନଦୀ, ସମୁଦ୍ରରୁ ମାଛ ଧରି ନିଜର ଗୁଜୁରାଣ ମେଣ୍ଟାଉଥାନ୍ତି। ପ୍ରତ୍ୟେକ ଦିନ ଧିବରମାନେ ବେଢୀ, କାତୁଆ, ପ୍ଲାଟି ଏପରିକି ସମୁଦ୍ରକୁ ଦେଶୀ ଡଙ୍ଗା, ମୋଟର ବୋଟ୍, ଟ୍ରଲରରେ ମାଛ ଧରିବାକୁ ଯାଉଥାନ୍ତି। ଏତେ ପରିଶ୍ରମ କରି ତେଲ ପୋଡ଼ି ଧରୁଥିବା ମାଛକୁ ଅନୁକୂଳ ଭିତ୍ତିଭୂମି ଅଭାବ ଏବଂ ସଠିକ୍ ସଂରକ୍ଷଣ କରି ନ ପାରି କିଛି ଦଲାଲଙ୍କୁ ବଜାରଠାରୁ କମ୍ ଦରରେ ଦେଇ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହୁଛନ୍ତି। ସେହି କାରଣରୁ ଏଠାରେ ଏକ ମାଛଧରା ବନ୍ଦର

### ଭିତ୍ତିଭୂମିର ଉନ୍ନତୀକରଣ ଅଭାବରୁ ଜେଟିର ଅବସ୍ଥା ଜରାଜୀର୍ଣ୍ଣ

ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଯାହା ଫଳରେ ସଂରକ୍ଷଣ ପାଇଁ ଗୋଦାମ ଗୃହ, ଆବଶ୍ୟକ ବରଫ ଯୋଗେଇବା ଫଳରେ ବଜାରରେ ଉଚିତ୍ ଦରରେ ମାଛ, କଙ୍କଡ଼ା ବିକ୍ରୟ କରି ସହୁଥିବା କ୍ଷତିକୁ ଭରଣା କରିହେବ। ଆଶା ଥିଲା ଉନ୍ନତମାନର ଜେଟି ନିର୍ମାଣ ହେବ। ମାଛ ଧରିବାକୁ ଯାଉଥିବା ଟ୍ରଲର ସବୁ ସୁବିଧାରେ ସମୁଦ୍ରକୁ ଯାଆସ କରିପାରିବେ। ମୌଳିକ ସୁବିଧା ହିସାବରେ ବରଫ ଫ୍ୟାକ୍ଟ୍ରି, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସୁବିଧା, ଆଶ୍ରୟସ୍ଥଳୀ ଏବଂ ପେଟକୁ ଦାନା ଗଣ୍ଡେ ପାଇଁ ହୋଟେଲ ବ୍ୟବସ୍ଥା ହେବ। କିନ୍ତୁ ସେ ଆଶା ଆଶାରେ ରହିଯାଇଛି। ୧୯୮୨ ମସିହାରୁ ଏଯାବତ୍ ହୋଇନାହିଁ କୌଣସି ପରିବର୍ତ୍ତନ। ଅବହେଳିତ ଅବସ୍ଥାରେ ପଡ଼ିରହିଛି। କୌଣସି ମୌଳିକ ସୁବିଧା ଯୋଗ ମିଳୁନି। ସେହି କାରଣରୁ ପୂର୍ବରୁ ଏଠାକୁ ବିଭିନ୍ନ ଆନ୍ଧ୍ରଅସୁଥିବା ଟ୍ରଲର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଆବଶ୍ୟକ ସୁବିଧା ମିଳୁ ନ ଥିବାରୁ ଅନେକ ଟ୍ରଲର ପାରାଦୀପ, ବାଲେଶ୍ୱରମୁହାଁ ହେଉଛନ୍ତି ତ ଆଉ କେତେକ ଟ୍ରଲର ମାଲିକ କ୍ଷତି ସହିବା କାରଣରୁ ଟ୍ରଲର ବିକ୍ରି କରିବାକୁ ବାଧ ହେଉଛନ୍ତି। ମତ୍ସ୍ୟଜୀବୀମାନେ ଧରୁଥିବା ମାଛକୁ ବିକ୍ରି କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଗାଡ଼ି ଭଡ଼ା କରି ପଡ଼ୋଶୀ ରାଜ୍ୟକୁ ଯାଉଛନ୍ତି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଆବଶ୍ୟକ ସୁବିଧା ଯଥା- ଗୋଦାମ ଗୃହ, ବରଫ କଳ, ଆଶ୍ରୟସ୍ଥଳୀ, ହୋଟେଲ ସୁବିଧା, ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବାତ୍ୟା ସମୟରେ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାକୁ ସ୍ଥାନୀୟ ଜନସାଧାରଣ, ଟ୍ରଲର ମାଲିକ, ମାଛ ବ୍ୟବସାୟୀମାନେ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି। କେବଳ ଦେଖିବାକୁ ବାକି ରହିଲା କେବେ ବଦଳୁଛି ନୂଆଗଡ଼ ଜେଟିର ଭାଗ୍ୟ।

# ମହିଳା ଓ ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ସଚେତନତା କର୍ମଶାଳା

ସାକ୍ଷୀଗୋପାଳ,୨୧।୭ (ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ପ୍ରତି ଯୌନ ଉତ୍ପୀଡ଼ନ, ତା'ର ନିଷେଧ, ନିରାକରଣ ଓ ପ୍ରତିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ସଭାପତିତ୍ୱ କରି ରାଜ୍ୟ ସରକାରଙ୍କ ଏ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପର୍ଯ୍ୟବେକ୍ଷଣ ଅଧିକାରିଣୀ ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ମହିଳା ଓ ଛାତ୍ରୀମାନେ ଯୌନ ଉତ୍ପୀଡ଼ନ ପ୍ରତି ଶୂନ୍ୟ ସହିଷ୍ଣୁତା ପ୍ରଦର୍ଶନ କରିବାକୁ ଉଦ୍‌ବୋଧନ ଦେବା ସହ ସୁମର୍ଯ୍ୟାଦା ରକ୍ଷା କରି ରହିଲେ ଏହାକୁ କେତେକାଂଶରେ ଦୂର କରିହେବ ବୋଲି ମତବ୍ୟକ୍ତ କରିବା ସହ କର୍ମଶାଳାର ସଂଯୋଜନା କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା ତଥା ସତ୍ୟବାଦୀସ୍ଥିତ ବିଜେତା ଏନ୍‌ଜିଓର ପ୍ରତିଷ୍ଠାତ୍ରୀ ସବିତା କୁମାରୀ ପଣ୍ଡା ନାରୀ ପୁରୁଷମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ, ମାତ୍ର ନାରୀ ଦୃଢ଼ମନା ରହି ନିଜେ ନିଜର ସୁରକ୍ଷା ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା କେନ୍ଦ୍ର ସରକାରଙ୍କ ଅଧିନିୟମ-୨୦୧୩କୁ ବିସ୍ତୃତ ଭାବରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କୁ ଅବଗତ କରିଥିଲେ। ବରିଷ୍ଠ କିରାଣି ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅନ୍ୟତମ ସଦସ୍ୟ ସୀତାଂଶୁ କୁମାର ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ମହେଶ୍ୱର ମିଶ୍ର ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହୋଇ ରହିବା ପାଇଁ ପରାମର୍ଶ ଦେବା ସହ ସଭାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୂମିହୀନଙ୍କୁ ପଟ୍ଟା ଦାବିରେ ତହସିଲ ସମ୍ମୁଖରେ ବିକ୍ଷୋଭ



ବ୍ରହ୍ମଗିରି,୨୧।୭ (ସମିସ): ବ୍ରହ୍ମଗିରି ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଓଡ଼ିଶା ଭୂମିହୀନ ଦଳିତ ସଂଗ୍ରାମ ସମିତି ତରଫରୁ ବସୁନ୍ଧରା ଯୋଜନାରେ ଭୂମିହୀନ ପରିବାରକୁ ୪ ଡେସିମିଲ୍ ଘରପଟ୍ଟା ପ୍ରଦାନ ଦାବିରେ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଯୋଜକ ଶ୍ୟାମଳେନ୍ଦୁ ପ୍ରଧାନ ଓ ସଭାପତି ରଘୁନାଥ ସାହୁଙ୍କ ନେତୃତ୍ୱରେ ବ୍ରହ୍ମଗିରି ତହସିଲ୍ ଅଧୀନରେ ରହିଥିବା ୩୨ ପଞ୍ଚାୟତରୁ ଶତାଧିକ ଭୂମିହୀନ ମହିଳା ଓ ପୁରୁଷ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ପୂର୍ବାହ୍ଣ ୧୧ଟାରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ସଜାଗ ରହିଥିବାବେଳେ ପୁରୀ ସଦର ଏସ୍‌ଡିପିଓ ଏବଂ ବ୍ରହ୍ମଗିରି ପୁଲିସ ଘଟଣାସ୍ଥଳରେ ରହିଥିଲେ। ଆନ୍ଦୋଳନକାରୀଙ୍କ କହିବା ଅନୁସାରେ, ପଟ୍ଟା ଦେବେ ବୋଲି ତହସିଲ୍‌ଦାର ବାରମ୍ବାର ଆମକୁ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ଆମକୁ ପଟ୍ଟା ପ୍ରଦାନ କରିବେ ବୋଲି ଗତ ଜୁନ୍ ୨ ତାରିଖ ଆନ୍ଦୋଳନବେଳେ ପ୍ରତିଶ୍ରୁତି ଦେଇଥିଲେ ବି ତାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ। ସେଥିପାଇଁ ଆମେ ଆଜି ଆନ୍ଦୋଳନକୁ ଆସିଛୁ ଆଜି ବି ଯଦି ଆମ ଦାବି ପୂରଣ ନ ହୁଏ ଆନ୍ଦୋଳନ ଆହୁରି ଜୋରଦାର୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସମିତି ସଭାପତି। ଅନ୍ୟପଟରେ ଆର୍‌ଆଇ ତଦନ୍ତ କରୁଛନ୍ତି, ଭୂମିହୀନମାନଙ୍କୁ ଚିହ୍ନଟ କରାଯାଇ ପଟ୍ଟା ଦିଆଯିବ ବୋଲି ବ୍ରହ୍ମଗିରି ତହସିଲ୍‌ଦାର କହିଛନ୍ତି।

# ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା ଓ ଦୀପଦାନ



ବଳଙ୍ଗା,୨୧।୭ (ସମିସ): ଗତ ଶନିବାର ସକାଳେ ବାୟାବରର ନାବାଳିକାକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ବଳଙ୍ଗା ମଣ୍ଡଳ ତରଫରୁ ବଳଙ୍ଗାଠାରେ ଥିବା ବକ୍ରେଶ୍ୱର ମନ୍ଦିରରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ବଳଙ୍ଗା ବିଜେପି ସଭାପତି ପ୍ରଭାକର ନାୟକ ଓ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ କୁମାର ବରାଳ, ଅର୍ଜୁନ ବରାଳ, ମୋହନ ପଣ୍ଡା, ଦିବାକର ନାୟକ, ରଞ୍ଜନ ପ୍ରଧାନ, ନକୁଳ ସ୍ୱାଇଁ, କୈଳାସ ଚନ୍ଦ୍ର ପାତ୍ର, ପ୍ରଦିପ୍ତ ବାରିକ, ମାଧବ ଦାସ, ସରୋଜ ରାୟ ପ୍ରମୁଖ ଯୋଗଦେଇଥିଲେ।

# ସ୍କୁଟି-ବୁଲେଟ୍ ମୁହାଁମୁହିଁ; ୪ ଗୁରୁତର

ଗୋପ,୨୧।୭ (ସମିସ): ଗୋପ-ନିମାପଡ଼ା ରାସ୍ତାର ବିଶରପୁର ନିକଟରେ ସୋମବାର ରାତି ୯ଟାରେ ଗୋଟିଏ ସ୍କୁଟି ସହିତ ଗୋଟିଏ ବୁଲେଟ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ବସ୍ତିର ଦୁଇ ନାବାଳକ ଏସ୍‌କେ ସମିନ୍(୧୪), ଏସ୍‌କେ ଜୁଲ୍‌ଫିକର (୧୫)ଙ୍କ ସମେତ ଏସ୍‌କେ ରିହାନ୍ (୨୦) ଗୁରୁତର ହୋଇଛନ୍ତି। ଏମାନଙ୍କ ହାତ, ଗୋଡ଼ ଭାଙ୍ଗିଯିବା ସହିତ ମୁଣ୍ଡ ଓ ଛାତିରେ ଆଘାତ ଲାଗିଛି। ସେହିପରି ନିମାପଡ଼ାରୁ ଜଣେ ସମ୍ପର୍କୀୟଙ୍କୁ ଛାଡ଼ି ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗ୍ରାମର ବାଲୁଙ୍କେଶ୍ୱର ମଲ୍ଲିକ (୨୨) ବୁଲେଟ୍‌ରେ ଫେରୁଥିବାବେଳେ ମୁହାଁମୁହିଁ ଧକ୍କା ହେବାରୁ ସେ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଡ଼ିହାରୀ, ଏଏସ୍‌ଆଇ ବୁଲୁ ସେଠୀ, ବନମାଳୀ ନାୟକ ପହଞ୍ଚି ଆହତଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ମାତ୍ର ୧୦୮ ଆମ୍ବୁଲାନ୍ସ ନ ଥିବାରୁ ଦୁଇ ଘଣ୍ଟା ଧରି ଦୁର୍ଘଟଣାଗ୍ରସ୍ତମାନେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଆବଶ୍ୟକତା ଅନୁଯାୟୀ ଡାକ୍ତରଖାନାରେ ଡାକ୍ତର ନ ଥିବା ସହିତ ଜଣେ ଡାକ୍ତର ଥିବାରୁ କିଛି ସମୟ ପାଇଁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ବର୍ଷା ଅଭାବରୁ ଧାନଜମିରେ ଚିରୁଡ଼ି ବଣ




କଣାସ,୨୧।୭ (ସମିସ): ପୁରୀ ଜିଲ୍ଲାର ଭାତହାଣ୍ଡି ଭାବେ ପରିଚିତ କଣାସ ବ୍ଲକ୍‌ର ଧାନଜମି ବର୍ଷା ଅଭାବରୁ ଚିରୁଡ଼ି ବଣରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ଅନିୟମିତ ବର୍ଷା ଯୋଗୁଁ ଚାଷୀମାନେ ଚାଷ କାର୍ଯ୍ୟ କରିପାରି ନାହାନ୍ତି। ବର୍ଷାର ଅଭାବ ଯୋଗୁଁ ଅନେକ ଚାଷୀ ତଳି ପକାଇପାରି ନ ଥିବା ଜଣାପଡ଼ିଛି। ତା' ସାଙ୍ଗକୁ ଯେଉଁ ଅଞ୍ଚଳରେ କେନାଲ ରହିଛି ସେହି କେନାଲରେ ଜଳ ଯୋଗାଇ ଦିଆଯାଉନାହିଁ। କେନାଲରେ ଜଳ ଯୋଗାଇଦେଲେ ଅନେକ ଚାଷୀ କେନାଲ ଜଳରେ ଚାଷକରି ଅଛେରା ପକାଇ ଓ ତଳି ପକାଇବା କାର୍ଯ୍ୟ କରିପାରନ୍ତେ ବୋଲି ଚାଷୀମାନେ କୁହନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ଦିନେ ଦୁଇଦିନ ମଧ୍ୟରେ କଣାସରେ କେନାଲ ଜଳ ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଇଛି। ବିଲସବୁ ଶୁଖିଯାଇଥିବାରୁ ଜୁଣ ଓ ଘାସବୁଦାରେ ପରିଣତ ହୋଇଯାଇଥିବାରୁ ଚାଷୀମାନେ ଚାଷ କରିବା ସମୟରେ ବହୁ କଷ୍ଟ ସହିବାକୁ ପଡ଼ିବ ବୋଲି ଅନେକ ଚାଷୀ କୁହନ୍ତି।

# 'ନିଶାକୁ ନା' ସଚେତନତା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୨୧।୭ (ସମିସ): ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ବୀରଗୋବିନ୍ଦପୁର, ସତ୍ୟବାଦୀରେ ନିଶାକୁ ନା ସଚେତନତାଧର୍ମୀ ଆଲୋଚନାଚକ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସ୍ୱାସ୍ଥ୍ୟ ସେବା ସଂଘ ଭୁବନେଶ୍ୱରର ଉପସଭାପତି ସ୍ମୃତି ଶେଖର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସମ୍ପାଦକ ଭାରତ ବିକାଶ ପରିଷଦ ବିଜୟ ପରିଡ଼ା, ସଭାପତି ନବଘନ ଶତପଥୀ, ଜ୍ୟୋତି ରଞ୍ଜନ ଭାରତୀ, ନିର୍ଦ୍ଦେଶକ ଆସ୍ଥା, ତୁଳସୀ ଚଉରା, ଚନ୍ଦନପୁର, ସୁଶ୍ରୀ ହରପ୍ରିୟା କର, ମନୋରଞ୍ଜନ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଯୋଗେଶ ଚନ୍ଦ୍ର ନାୟକ ପ୍ରଧାନଶିକ୍ଷକ, ବୀରଗୋବିନ୍ଦପୁର ଉଚ୍ଚବିଦ୍ୟାଳୟ ପ୍ରମୁଖ ଯୋଗଦେଇ ମଦନିଶାର କୁପ୍ରଭାବ ବିଷୟରେ ପିଲାମାନଙ୍କୁ ସଚେତନ କରାଇବା ସହ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥପାଠ କରାଇଥିଲେ। ବିଦ୍ୟାର୍ଥୀମାନେ ମଦ ନିଶାର କୁପରିଣତି ଆଧାରିତ କୁଇଜ୍‌ରେ ଭାଗନେଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଦିବ୍ୟଜ୍ୟୋତି ବରାଳ ଓ ଛାତ୍ର ବିଭୁପ୍ରସାଦ ଭୋଇ ପ୍ରମୁଖ ଆଲୋଚନାଚକ୍ରଟି ବିଦ୍ୟାର୍ଥୀମାନଙ୍କୁ ମଦନିଶାର ଉଦ୍‌ବେଗଜନକ କୁପ୍ରଭାବରୁ ରକ୍ଷା କରିବାରେ ସହାୟକ ହୋଇପାରିବ ବୋଲି ଅଭିମତ ପ୍ରଦାନ କରିଥିଲେ। ଶେଷରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ସହଯୋଗରେ ଆଲୋଚନାଚକ୍ରଟି ସଫଳ ହୋଇଥିଲା। ଅତିଥିମାନେ ପିଲାମାନଙ୍କୁ ମଦନିଶା ଶରୀରର ବିଭିନ୍ନ ଅଙ୍ଗକୁ କିପରି ରୋଗାକ୍ରାନ୍ତ କରେ ତାହା ବିଜ୍ଞାନ ଆଧାରରେ ବୁଝାଇଥିଲେ। ନିଜ ପାଇଁ ହସିବା ପାଇଁ ପିଲାମାନଙ୍କ ସହ ପ୍ରାୟ ୫ ପ୍ରକାର ହସ ହସି ହସାଇ ପିଲାମାନଙ୍କ ହୃଦୟ ଜିତିଥିଲେ। ଏହା ଡୋପାମାଇନ୍ ଝରାଇ ମନ ଖୁସି କରାଏ। କୃତ୍ରିମ ଉପାୟରେ ଏହା ନିଶା ଦ୍ୱାରା ଝରିଲେ ନ୍ୟୁରନ୍‌କୁ ସାମୟିକ ଉତ୍ତେଜିତ କରି ଅପ୍ରାକୃତିକ ଖୁସି ଦେଇ ମଣିଷକୁ ନିଶାଗ୍ରସ୍ତ କରାଏ। ମଣିଷ ଶେଷରେ ମଦ ନିଶାର ଚକ୍ରରେ ପଡ଼ି ରୋଗୀ ହୋଇଯାଏ। ନିଶାର ସାମାଜିକ ମନ୍ଦ ପ୍ରଭାବ, ଆର୍ଥିକ ଖରାପ ପ୍ରଭାବ, ଆଇନ୍ ଶୃଙ୍ଖଳା ପ୍ରଭାବ, ଚାରିତ୍ରିକ କୁପ୍ରଭାବ ଓ ସ୍ୱାସ୍ଥ୍ୟଗତ କୁପ୍ରଭାବ ଉପରେ ବିଭିନ୍ନ ଦିଗରୁ ଆଲୋଚନା ହୋଇଥିଲା।

# ପ୍ରାଚୀ ତଟର ଦ୍ୱାଦଶ ଶମ୍ଭୁଙ୍କୁ ତୀର୍ଥଜଳ ଅର୍ପଣ




ଚାରିଛକ,୨୧।୭ (ସମିସ): ଶ୍ରାବଣ ମାସରେ ଦେବ ଦେବ ମହାଦେବଙ୍କୁ ତୀର୍ଥଜଳ ଲାଗିକଲେ ଭକ୍ତଙ୍କୁ ବାଞ୍ଛିତ ଫଳପ୍ରାପ୍ତି ହେବ। ସକଳ ତୀର୍ଥର ସମନ୍ୱୟସ୍ଥଳୀ ପ୍ରାଚୀନଦୀ ବିଶ୍ୱାମିତ୍ର ଋଷି ଘାଟ ରୁଦ୍ରାଭିଷେକରେ ମଗ୍ନ ଅଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ପ୍ରାଚୀତଟର ଦ୍ୱାଦଶ ଶମ୍ଭୁଙ୍କୁ ଶ୍ରାବଣ ସୋମବାର ଏ ତୀର୍ଥଜଳ ଅର୍ପଣ ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ନିଜେ ଭଗବାନ ରାମଚନ୍ଦ୍ର ବନବାସ ସମୟରେ ମୃତ ପିତା ଦଶରଥଙ୍କୁ ବ୍ରହ୍ମହତ୍ୟା ଦୋଷରୁ ମୁକ୍ତିଦେଇ ସ୍ୱର୍ଗବାସ କରାଇବା ପାଇଁ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ପ୍ରାଚୀତଟରେ ଶ୍ରୀରାମେଶ୍ୱର ଶମ୍ଭୁ ସ୍ଥାପନ ପୂର୍ବକ ଏ ତୀର୍ଥଜଳରେ ରୁଦ୍ରାଭିଷେକ କରାଇଥିଲେ। ଏ ସମସ୍ତ ପୁଣ୍ୟ ପିତାଙ୍କୁ ଦେବା ଫଳରେ ଦଶରଥ ବୈକୁଣ୍ଠକୁ ଗମନ କରିଥିଲେ। ପ୍ରାଚୀ ମାହାତ୍ମ୍ୟ ବର୍ଣ୍ଣିତ ଏ ତଥ୍ୟ ଭକ୍ତ ଜୟଦେବଙ୍କ ବଂଶଜ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କଠାରୁ ଶ୍ରବଣ କରି ପ୍ରାଚୀତଟ ବିଶ୍ୱାମିତ୍ର ଋଷି ମଠ ଘାଟରୁ ତୀର୍ଥଜଳ ଧରି ରାମେଶ୍ୱର ଶମ୍ଭୁ ପୀଠରେ ରୁଦ୍ରାଭିଷେକ ପାଇଁ ଭକ୍ତମାନେ ଏକାଠି ହେବା ଦେଖିବାକୁ ମିଳିଛି। ପଣ୍ଡିତ ଶ୍ରୀ ମିଶ୍ରଙ୍କ ଏ ପ୍ରେରଣାଦାୟୀ କାର୍ଯ୍ୟକ୍ରମକୁ ବରିଷ୍ଠ ଐତିହାସିକ ଡ. ସନ୍ତୋଷ କୁମାର ମିତ୍ର, ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କଲ୍ୟାଣ ଘଡ଼େଇ, ଶିକ୍ଷାବିତ୍ ଡ. ଚିନ୍ମୟୀ ମିଶ୍ର ପ୍ରମୁଖ ଉଚ୍ଚ ପ୍ରଶଂସା କରିବା ସହ ବିପଥଗାମୀ ଯୁବପିଢ଼ିଙ୍କୁ ଆମ ମହାନ ସଂସ୍କୃତିର ମୁଖ୍ୟଧାରା ସହ ଯୋଡ଼ିବାର ଏହା ଏକ ସୁଚିନ୍ତିତ ପ୍ରଚେଷ୍ଟା ବୋଲି କହିଛନ୍ତି ପଣ୍ଡିତ ଶ୍ରୀ ମିଶ୍ର।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଚାରିଛକ,୨୧।୭ (ସମିସ)



ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ମହାବିଦ୍ୟାଳୟ ପରିସରରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ନାରୀ ସୁରକ୍ଷାର ଅଗ୍ର ସାରଥି କନ୍ୟା ଅନ୍‌ମୋଲ ହେ'ର ପ୍ରତିଷ୍ଠାତା ସରୋଜ କୁମାର ଦାଶ ଯୋଗଦେଇ ନାରୀ ଜାଗରଣ, ନାରୀ ସଶକ୍ତିକରଣ, ନାରୀ ନିର୍ଯାତନାକୁ ରୋକିବାକୁ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାକ୍ ପରାମର୍ଶଦାତା ଦିଲ୍ଲୀପ ମଙ୍ଗରାଜ, ସମ୍ମାନିତ ଅତିଥିଭାବେ ଉକ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ଚାରିଛକ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା କୃଷକନେତା ସନାତନ ପାତ୍ର, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏହି ମହାବିଦ୍ୟାଳୟଟି ଅନେକ ଘାତ ପ୍ରତିଘାତ ସହି ୪୪ ବର୍ଷରେ ପଦାର୍ପଣ କରିଛି। ଏଠାରେ ଅନେକ ଛାତ୍ରୀ ପାଠପଢ଼ି ଦେଶ ବିଦେଶ ଓ ରାଜ୍ୟର ବିଭିନ୍ନ ସଂସ୍ଥାରେ ଆତ୍ମନିଯୁକ୍ତି ପାଇ ଏହି ମହାବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରାଚୀର ମୁଖପତ୍ର ଉନ୍ମୋଚନ କରାଯିବା ସହିତ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ମୁଖ୍ୟା କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷା ବିଭାଗର ମୁଖ୍ୟା ଡ. ଶ୍ରୀଲେଖା ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟା ଡ. ଶର୍ମିଷ୍ଠାରାଣୀ ମହାନ୍ତି ମାନପତ୍ର ବିବରଣୀ ପଠନ କରିଥିବାବେଳେ ସଂସ୍କୃତ ବିଭାଗର ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥି ସରୋଜ କୁମାର ଦାଶ, ଶ୍ରେଷ୍ଠ ଅଧ୍ୟାପିକା କାନନବାଳା ନନ୍ଦ, ନାକ୍ ପରାମର୍ଶଦାତା ଦିଲ୍ଲୀପ ମଙ୍ଗରାଜ ଏବଂ ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଇଂରାଜୀ ବିଭାଗର ଅଧ୍ୟାପିକା ସଙ୍ଗୀତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଯୋଗଦେଇ ପୂର୍ଣ୍ଣ ସହଯୋଗ କରିଥିଲେ।

# ନିମାପଡ଼ାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ନିମାପଡ଼ା,୨୧।୭ (ସମିସ): ନିମାପଡ଼ା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଏକ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଏଡିଏମ୍ ଶରତ କୁମାର ବେହେରା, ପିଡି ପ୍ରିୟରଞ୍ଜନ ପୃଷ୍ଟି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ନାୟକ, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆଇଆଇସି ବାମଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଅଭିଯୋଗର ଶୁଣାଣି କରାଯାଇ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ରାଣା ନିର୍ଦ୍ଦେଶ ଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୧/୭/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୨,୩୯୩/- ସୁନା: ୦୧.୮୦୦ ଗ୍ରାମ୍ ରୁପା: ୦୩.୩୦୦ ଗ୍ରାମ୍



● ଭିତରକାଠରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୧।୭ (ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତର କାଠରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଘଣ୍ଟାଏ ବିଳମ୍ବ ହୋଇଛି। ସୋମବାର ଭୋର୍ ୫ଟା ୪୦ରେ ଦ୍ୱାର ଫିଟିଥିଲା। ୬ଟା ୨୦ରେ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି ନୀତି ବଢ଼ିଥିଲା। ସକାଳ ୭ଟା ୩୫ରେ ଅବକାଶ ପୂଜା ସରିବା ପରେ ଭିତରକାଠ ଦର୍ଶନ ଚାଲିଥିଲା। ଏହି ସମୟରେ ଭିତର କାଠରେ ଜଣେ ଛୋଟ ପିଲା ବାନ୍ତି କରି ଦେଇଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସକାଳ ୮ଟା ୪୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୫୦ରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ଯେଉଁଠାରେ ନୀତି ବନ୍ଦ ରଖାଯାଇଥିଲା ସେହିଠାରୁ ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ପୌର ସ୍କ୍ୱାଡ୍ କର୍ମଚାରୀଙ୍କ ବିରୋଧରେ ଏତଲା

ପୁରୀ,୨୧।୭ (ସମିସ): ବଡ଼ଦାଣ୍ଡରେ ଉଠାଦୋକାନୀଙ୍କୁ ଖରାପ ବ୍ୟବହାର କରିବା ଏବଂ ତାଙ୍କ ସାମଗ୍ରୀ ଫିଙ୍ଗାଫୋପଡ଼ା ଘଟଣା ନେଇ ପୌରସଂସ୍ଥା ସ୍କ୍ୱାଡ୍ କର୍ମଚାରୀଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ରବିବାର ମାଟିତୋଟା ପଞ୍ଚମ ଲେନ୍‌ର ପ୍ରଦୀପ୍ତ କୁମାର ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ କୋର୍ଟଙ୍କ ରାୟ ବଳରେ ବଡ଼ଦାଣ୍ଡରେ ବିକ୍ରି କରୁଥିଲେ। ହେଲେ ପୌର କର୍ମଚାରୀ ସନ୍ତୋଷ ବେହେରା ଏବଂ ଅନ୍ୟମାନେ ପହଞ୍ଚି ଖରାପ ବ୍ୟବହାର କରିବା ସହ ତାଙ୍କ ସାମଗ୍ରୀ ଫିଙ୍ଗି ଦେଇଥିଲେ। ତେଣୁ ଏହାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

## ନରେନ୍ଦ୍ରରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ,୨୧।୭ (ସମିସ): ନରେନ୍ଦ୍ର ପୁଷ୍କରିଣୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି କୁମ୍ଭାରପଡ଼ା ଥାନା ପୁଲିସ। ସୋମବାର ରାତିରେ ନରେନ୍ଦ୍ରରେ ଏକ ଶବ ଭାସୁଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇ କୁମ୍ଭାରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ଶବକୁ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୁଲିସ ସୂଚନା ଅନୁଯାୟୀ, ପ୍ରାୟ ୩୦ରୁ ୩୫ ବର୍ଷର ଯୁବକଙ୍କ ଶବ ରାତିରେ ନରେନ୍ଦ୍ର ପାଣିରେ ଭାସୁଥିବାର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଏହି ଖବର ପାଇ କୁମ୍ଭାରପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଅଗ୍ନିକମାନଙ୍କ ମାଧ୍ୟମରେ ଉଦ୍ଧାର କରିଛି। ତେବେ ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପୁଲିସ ସ୍ଥାନୀୟ ଅଞ୍ଚଳରେ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଛି।

## କଲେଜ ଅଧ୍ୟକ୍ଷ-କର୍ମଚାରୀ ବିବାଦ; ଥାନାରେ ଅଭିଯୋଗ

ପୁରୀ,୨୧।୭ (ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ କଲେଜରେ ଅଧ୍ୟକ୍ଷ ଓ ଜନୈକ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏ ନେଇ ଅଧ୍ୟକ୍ଷ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ଦରମା ବନ୍ଦ ହେବା ଫଳରେ ସେ ଆତ୍ମାହୁତି ଦେବାର ଧମକ ଏକ ଗଣମାଧ୍ୟମରୁ ଜାଣିବା ପରେ ଅଧ୍ୟକ୍ଷ ଭୋଳାନାଥ ପାତ୍ର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି ଯେ ସମ୍ପୃକ୍ତ କର୍ମଚାରୀଙ୍କର କୌଣସି ଅଘଟଣ ଘଟିଲେ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଛନ୍ତି ଯେ ଘଟଣାର ତଦନ୍ତ କରୁଛି ଆଇଆଇସିଙ୍କୁ ପଚାରି ମୋକଦ୍ଦମା ରୁଜୁ କରିବି। ଅଧ୍ୟକ୍ଷ ଶ୍ରୀ ପାତ୍ର କହିଛନ୍ତି ଯେ କର୍ମଚାରୀଙ୍କ ବିଶୃଙ୍ଖଳା ଆଚରଣ ପାଇଁ ମୁଁ ଶିକ୍ଷା ବିଭାଗ ସଚିବଙ୍କୁ ଅବଗତ କରିବା ପରେ ସେ ଦରମା ବନ୍ଦ କରିଛନ୍ତି।

## ଜନ୍ମଦିନରେ ବୃକ୍ଷରୋପଣ

ପୁରୀ,୨୧।୭ (ସମିସ): ସମାଜସେବୀ ତଥା ପ୍ରକୃତିପ୍ରେମୀ ଅଜୟ ପ୍ରଧାନଙ୍କ ଜନ୍ମଦିନ ଅବସରରେ ତାଙ୍କ ନେତୃତ୍ୱରେ ହରେକୃଷ୍ଣପୁର ପଞ୍ଚାୟତ ଧାଉଡ଼ିଆ ଗ୍ରାମ ନଦୀବନ୍ଧ ତଟରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଛି। ମାନବସେବା ମାଧବ ସେବା ଅନୁଷ୍ଠାନ, ମିଶନ ଓଡ଼ିଶା ଓ ସାହିଭାଇ ଅନୁଷ୍ଠାନର ମିଳିତ ସହଯୋଗରେ ଉତ୍ସାହୀ ଅନେକ ସ୍ୱେଚ୍ଛାସେବୀ ଏହି ମହତ୍ କାର୍ଯ୍ୟରେ ଯୋଗଦେଇଥିଲେ। ପ୍ରକୃତିବନ୍ଧୁ ବଦ୍ରି ମିଶ୍ର, ଗଛ ମଣିଷ ପ୍ରଦୀପ କୁମାର ଦଳେଇ ଓ ନିରଞ୍ଜନ ସ୍ୱାଇଁ କହିଥିଲେ ଯେ ପୁରୀ ଜିଲ୍ଲାକୁ ସବୁଜ ସୁନ୍ଦର କରିବାକୁ ବିଭିନ୍ନ ଅନୁଷ୍ଠାନର ପ୍ରୟାସ ଅଭିନନ୍ଦନୀୟ। ଆଗାମୀ ଦିନରେ ଭାର୍ଗବୀ ନଦୀପଠାରେ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ଅଜୟ ପ୍ରଧାନ ଘୋଷଣା କରିଛନ୍ତି।

# ଅଗ୍ନିଶମ ଗାଡ଼ି ଧକ୍କାରେ କଲେଜ ଛାତ୍ର ମୃତ





● ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅବରୋଧ
● ୮ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଲା ଗାଡ଼ି

ପୁରୀ,୨୧।୭ (ସମିସ)

କଲେଜ ଛାତ୍ରଙ୍କ ଉପରେ ଚଢ଼ିଗଲା ଅଗ୍ନିଶମ ବିଭାଗ ଗାଡ଼ି। ଏହି ଦୁର୍ଘଟଣାରେ ସମ୍ପୃକ୍ତ ଛାତ୍ରଙ୍କ ମୃତ୍ୟୁ ଘଟିଛି। ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ତୁଳସୀ ଚଉରା ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଛାତ୍ର ହେଉଛନ୍ତି ସ୍ୱୟଂ ଶୁଭମ୍ ସେନାପତି। ସେ ଏସ୍‌ସିଏସ୍ କଲେଜ ଯୁକ୍ତ ୩ ବିଜ୍ଞାନ ବିଭାଗର ଛାତ୍ର ଥିଲେ। ଏହି ଘଟଣାକୁ ନେଇ ପ୍ରାୟ ୮ ଘଣ୍ଟା ଧରି ରାସ୍ତାରୋକ କରାଯାଇଥିଲା। ବୁଝାଶୁଝା କରାଯିବା ପରେ ରାତି ପ୍ରାୟ ସାଢ଼େ ୮ଟାରେ ରାସ୍ତା ଅବରୋଧ ହଟିଥିଲା। ଫଳରେ ବହୁ ଯାତ୍ରୀ, ପର୍ଯ୍ୟଟକ ଦୀର୍ଘ ସମୟ ଧରି ଅଟକି ରହିଥିଲେ।

ସୂଚନା ଅନୁଯାୟୀ, ସ୍ୱୟଂ ଶୁଭମ୍ କଲେଜ ସାରି ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଇକ୍ ଯୋଗେ ନିଜ ଘର ଚନ୍ଦନପୁରକୁ ଫେରୁଥିଲେ। ତୁଳସୀ ଚଉରା ଛକ ପୂର୍ବରୁ ଅଗ୍ନିଶମ ବାହିନୀର ଏକ ଗାଡ଼ି ଭୁଲ୍ ରାସ୍ତାରେ ଆସୁଥିଲା। ଫଳରେ ବାଇକ୍‌କୁ ଧକ୍କା ଦେଇଥିଲା ଦମକଳ ଗାଡ଼ି। ସ୍ୱୟଂ ତାଙ୍କ ଗାଡ଼ି ସହ ରାସ୍ତାରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଓଡ଼ିଶା ପୁଲିସର ଏକ ହାଇୱେ ପାଟ୍ରୋଲିଂ ଗାଡ଼ି ତାଙ୍କୁ ତୁରନ୍ତ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱୟଂଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ତାଙ୍କ ଗାଁ ଲୋକେ ପହଞ୍ଚିଥିଲେ। ଏଥିସହ ତାଙ୍କର କଲେଜ ସାଙ୍ଗସାଥୀ ପହଞ୍ଚି ସେଠାରେ ହୋ-ହଲ୍ଲା କରିଥିଲେ। ଦୁର୍ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସେଠାରେ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିଥିଲେ। ଅଗ୍ନିଶମ ଗାଡ଼ି ଚାଳକଙ୍କୁ ଗିରଫ କରିବା ସହ ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହି ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଚନ୍ଦନପୁର ଥାନା ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଅବରୋଧରୁ ଓହରି ନ ଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ତହସିଲ୍‌ଦାର ଅଭିଷେକ ଦାସ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସେମାନେ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଏପଟେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଲମ୍ବି ଚାଲିଥିଲା। ଶେଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ସହ ମଙ୍ଗଳବାର ଏସ୍‌ସିଏସ୍ କଲେଜ ଛାତ୍ରଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ରାତି ପ୍ରାୟ ସାଢ଼େ ୮ଟାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଚନ୍ଦନପୁର ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଥିବାବେଳେ ଏ ନେଇ ଏକ ମାମଲା ରୁଜୁ କରିଛି।

ଶ୍ରାବଣ ଦ୍ୱିତୀୟ ସୋମବାର

# ଶ୍ରୀଲୋକନାଥଙ୍କୁ ଜଳଲାଗି କଲେ ୩୧,୨୫୩ କାଉଡ଼ିଆ



ପୁରୀ,୨୧।୭ (ସମିସ)

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୩୧,୨୫୩ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ମନ୍ଦିର ଦ୍ୱାର ଫିଟାଯିବା ପରେ ଜଳଲାଗି ପାଇଁ କାଉଡ଼ିଆଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ବାବା ଲୋକନାଥଙ୍କ ଦର୍ଶନ ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି।

ରବିବାରଠାରୁ ଶ୍ରୀକ୍ଷେତ୍ରକୁ ବୋଲବମ୍ ଭକ୍ତଙ୍କ ଆଗମନ ଜୋର୍ ଧରିଥିଲା। ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଭକ୍ତମାନେ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ। ସେହିପରି ପୁରୀ ବାଇପାସ୍ ମଙ୍ଗଳାଘାଟ ଛକ ଦେଇ ଅନେକ କାଉଡ଼ିଆ ଲୋକନାଥ ପୀଠକୁ ଯାଇଥିଲେ। ସନ୍ଧ୍ୟା ପରଠାରୁ ବ୍ୟାରିକେଡ୍‌ରେ ଲାଇନ୍ ଲଗାଇଥିଲେ କାଉଡ଼ିଆ। ରାତି ୧୦ଟା ବେଳକୁ ହଜାର ହଜାର ସଂଖ୍ୟାରେ ବୋଲ୍‌ବମ୍ ଭକ୍ତ ଧାଡ଼ି ଲଗାଇ ଦେଇଥିଲେ। ଶୃଙ୍ଖଳିତ ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାତି ୧୨ଟା ୫ରେ ଦ୍ୱାର ଫିଟାଯାଇଥିଲା। ମଙ୍ଗଳ ଆଳତି ଓ ଅବକାଶ ପରେ ସାଢ଼େ ୧୨ଟାରୁ ଜଳଲାଗି ଆରମ୍ଭ ହୋଇଥିଲା। ବ୍ୟାରିକେଡ୍ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଯାଇଥିଲେ। ରୋଷଘର ଦୁଆରମୁହଁରେ ପ୍ରବେଶ କରି ନାଟାମ୍ବର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପର୍ଣ୍ଣ ପରିଡ଼ା କୁହନ୍ତି, ରବିବାର ଅପରାହ୍ନରୁ କାଉଡ଼ିଆମାନଙ୍କ ଆଗମନ ହୋଇଥିଲା। ସନ୍ଧ୍ୟା ସୁଦ୍ଧା କାଉଡ଼ିଆମାନେ ଲାଇନ୍‌ରେ ରହିଥିଲେ। ରବିବାର ରାତି ୧୨ଟା ୫ରେ ଦ୍ୱାର ଫିଟିବା ପରେ ସାଢ଼େ ୧୨ଟାରୁ ଜଳଲାଗି ଆରମ୍ଭ ହୋଇଥିଲା। ଦ୍ୱିତୀୟ ସୋମବାର ୩୧,୨୫୩ ଟିକଟ ବିକ୍ରି କରାଯାଇଥିଲା। ସୋମବାର ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ କାଉଡ଼ିଆମାନେ ଜଳଲାଗି କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।


## ଚକ୍ରନାରାୟଣଙ୍କ ଚାରି ଆଶ୍ରମବିଜେ



ପୁରୀ,୨୧।୭ (ସମିସ): ଶ୍ରାବଣ କୃଷ୍ଣ ଏକାଦଶୀକୁ ଚକ୍ରବୁଲା ଏକାଦଶୀ କୁହାଯାଏ। ସୋମବାର ଚକ୍ରବୁଲା ଏକାଦଶୀରେ ପରମ୍ପରା ଅନୁଯାୟୀ, ଚକ୍ରନାରାୟଣ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଦଇତାପତି ସେବକମାନେ ମହାପ୍ରଭୁ ଧାରଣ କରୁଥିବା ସୁବର୍ଣ୍ଣ ଚକ୍ରକୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବଡ଼ ଦେଉଳକୁ ଗୋଟିଏ ଘେରା ପରିକ୍ରମା କରି ଚକ୍ରନାରାୟଣଙ୍କୁ ଶ୍ରୀକ୍ଷେତ୍ରର ମାର୍କଣ୍ଡେୟ, ଅଙ୍ଗିରା, ଭୃଗୁ ଓ କଣ୍ଡୁ ଆଶ୍ରମ ପରିକ୍ରମା କରାଇଥିଲେ। ପ୍ରତି ଆଶ୍ରମରେ ଶୀତଳ ଭୋଗ, ବନ୍ଦାପନା ଇତ୍ୟାଦି ନୀତିକାନ୍ତି ସାରି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବାଟରେ ମଧ୍ୟ ବିଭିନ୍ନ ସ୍ଥାନରେ ଚକ୍ରନାରାୟଣ ପନ୍ତି ଖାଇଥିଲେ। ଲୋକକଥା ଅନୁଯାୟୀ, ରଥଯାତ୍ରା ପରେ ପରେ ଶ୍ରୀକ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ଏବଂ ଦୁଷ୍ଟ ଗ୍ରହମାନଙ୍କ ନିରାକରଣ ପାଇଁ ସ୍ୱୟଂ ଚକ୍ରରାଜ ଚାରି ଆଶ୍ରମ ସମେତ ଶ୍ରୀକ୍ଷେତ୍ର ପରିକ୍ରମା କରିଥା'ନ୍ତି। ଶ୍ରୀକ୍ଷେତ୍ର ଶୁଦ୍ଧି ଏହାର ମୂଳ ଲକ୍ଷ୍ୟ।

● ନାବାଳିକାକୁ ପୋଡ଼ିଦେବା ଘଟଣା

## ୬୦ ଘଣ୍ଟା ପରେ ବି ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସ ବିଫଳ



ବଳଙ୍ଗା,୨୧।୭ (ସମିସ): ବଳଙ୍ଗା ଥାନା ବାୟାବର ବସ୍ତିର ନାବାଳିକାଙ୍କୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡ଼ିଦେବା ମାମଲାକୁ ୬୦ ଘଣ୍ଟାର ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଘଟଣାର ରହସ୍ୟ ଭେଦ କରିପାରୁନି ପୁଲିସ। ପୁଲିସ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ଦିନରାତି ଏକ କରି ତଦନ୍ତ ଜାରିରଖିଥିଲା ବେଳେ ପ୍ରକୃତ ରହସ୍ୟକୁ ଉନ୍ମୋଚନ କରିବାରେ ବିଫଳ ହୋଇଛି। ଏହି ଘଟଣାରେ ରବିବାର ରାତିରେ ସ୍ପେଶାଲ ସ୍କ୍ୱାଡ୍ ପୀଡ଼ିତାଙ୍କ ଘରକୁ ଯାଇ ଛାନ୍‌ଭିନ୍ କରିଥିଲା। ସୋମବାର ସ୍ପେଶାଲ ବ୍ରାଞ୍ଚ ଆଇଜିଙ୍କ ନେତୃତ୍ୱରେ ୧୦ଜଣିଆ ଟିମ୍ ସହ କ୍ରାଇମ୍ ବ୍ରାଞ୍ଚର ୪ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସକାଳ ସମୟରେ ଗଠନ କରାଯାଇଥିବା ୩ଟି ସ୍ପେଶାଲ ସ୍କ୍ୱାଡ୍ ସହ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଓ ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ପୀଡ଼ିତାଙ୍କ ଘରକୁ ଯାଇ ସମ୍ପର୍କୀୟ ଓ ଗ୍ରାମବାସୀଙ୍କୁ ପୁନର୍ବାର ପଚରାଉଚରା ଚଳାଇବା ସହ ପୀଡ଼ିତାଙ୍କ ସାଙ୍ଗସାଥୀଙ୍କ ସହ ସମ୍ପର୍କୀୟ ମୋଟ୍ ୧୦ ଜଣଙ୍କୁ ଉଠାଇ ଆଣି ଥାନାରେ ଦିନତମାମ ପଚରାଉଚରା କରୁଛନ୍ତି।

■ ପୀଡ଼ିତାର ସାଙ୍ଗ ଓ ସମ୍ପର୍କୀୟଙ୍କୁ ଉଠାଇ ଆଣି ଥାନରେ ମାରାଥାନ୍ ଜେରା
■ ଘଟଣାସ୍ଥଳରେ କ୍ରାଇମ୍‌ବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ ଆଇଜିଙ୍କ ପରିଦର୍ଶନ

ଅନ୍ୟପଟେ ଘଟଣାସ୍ଥଳରୁ ଜବତ କରାଯାଇଥିବା ମୁଦି ଓ ଚୁଡ଼ି ପୀଡ଼ିତାଙ୍କର ନୁହେଁ ବୋଲି ପୀଡ଼ିତାଙ୍କ ସମ୍ପର୍କୀୟ ଖୁଡ଼ି କହିଥିଲାବେଳେ ଦରପୋଡ଼ା ପୋଷାକଗୁଡ଼ିକ ତାଙ୍କ ଝିଆରୀର ବୋଲି କହିଛନ୍ତି। ପୁଲିସ ଟିମ୍ ଘଟଣାସ୍ଥଳରୁ ମିଳିଥିବା ରୁପା ମୁଦି ଉପରେ ଫୋକସ୍ କରି ବଳଙ୍ଗା ବଜାରରେ ଥିବା ବିଭିନ୍ନ ଦୋକାନକୁ ଯାଇ ତଦନ୍ତ କରିଥିଲେ। ପୁଲିସର ସମସ୍ତ ଚେଷ୍ଟା ସତ୍ତ୍ୱେ ଘଟଣା ଉପରୁ ପରଦା ହଟିପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କ୍ରାଇମ୍ ବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସମୟରେ ପୀଡ଼ିତା ନାବାଳିକାକୁ ଉଦ୍ଧାର କରିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତିଙ୍କୁ ଭେଟି ଘଟଣାଦିନ ନାବାଳିକା କେଉଁଭଳି ପରିସ୍ଥିତିରେ ଆସିଥିଲା ଓ କ'ଣ କ'ଣ ହୋଇଥିଲା ସେନେଇ ପଚାରି ବୁଝିଥିଲେ।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବାମ ଦଳ

ପୁରୀ,୨୧।୭ (ସମିସ)




ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। କେହି କାହାକୁ ମାନିବାକୁ ନାରାଜ। ଅପରାଧ ବଢ଼ି ବଢ଼ି ଚାଲିଛି। ଏବେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍ପଷ୍ଟ ଦିବାଲୋକରେ ଜିଅନ୍ତା ଜାଳିଦେବାକୁ ହୋଇଛି ଉଦ୍ୟମ। ୩ ଜଣ ଦୁର୍ବୃତ୍ତ ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି। ନିକଟରେ ଗଞ୍ଜାମ ଗୋପାଳପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ମାଗି ଶେଷରେ ଜୀବନ ହାରିଥିଲେ। ବର୍ତ୍ତମାନ ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଘଟିଛି ଲଜ୍ଜାଜନକ ଏବଂ ଲୋମହର୍ଷଣକାରୀ ଘଟଣା। ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ଜଣେ ନାବାଳିକାଙ୍କୁ ପୋଡ଼ି ମାରିଦେବାକୁ ହୋଇଛି ଉଦ୍ୟମ। ଏହାକୁ ନେଇ ହୋ-ହଲ୍ଲା ଚାଲିଥିବାବେଳେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି ବାମ ଦଳ। ଏଥିସହ ବଳଙ୍ଗା ପୀଡ଼ିତାଙ୍କୁ ଜିଅନ୍ତା ଜାଳିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ, ନ୍ୟାୟିକ କମିଶନ ଗଠନ ସହିତ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହ ବିଜେପି ସରକାର ଓ ଶାସନର ଅରାଜକତା ବିରୋଧରେ ଗଣପ୍ରତିବାଦ କରିଥିଲେ।

ଆନ୍ଦୋଳନକାରୀ କହିଥିଲେ, ଗତ ୧୪ ମାସରେ ଓଡ଼ିଶାରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳା ଓ ଛାତ୍ରୀ ସୁରକ୍ଷିତ ନୁହନ୍ତି। କେଉଁଠି ଗଣଦୁଷ୍କର୍ମ ତ କେଉଁଠି ନିର୍ଯାତନା ଆଉ ହତ୍ୟା ଯାହା ଚିନ୍ତାଜନକ ଏବଂ ନିନ୍ଦନୀୟ। ରାଜ୍ୟରେ ମହିଳା ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନର ଆବଶ୍ୟକତା ରହିଛି। ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଅମାନବୀୟ କାଣ୍ଡ ଘଟିବା ଓଡ଼ିଶାରେ ଜଙ୍ଗଲରାଜ୍ ଓ ଗୁଣ୍ଡା ଅସାମାଜିକ ଶାସନ ଚାଲିଥିବା ପ୍ରତୀୟମାନ ହେଉଛି। ବିଜେପି ସରକାର ଶାସନ କ୍ଷମତାରେ ରହିବାର ସମସ୍ତ ନୈତିକ ଅଧିକାର ହରାଇଛି। ପୁଲିସ ବ୍ୟବସ୍ଥା ଅଥର୍ବ ପଙ୍ଗୁ ପାଲଟିଯାଇଛି ବୋଲି କହିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ନିକଟରେ କେତେକ ଦାବି ରଖିଥିଲେ। ସେଥିମଧ୍ୟରେ ନିର୍ଯାତନାର ଶିକାର ହେଉଥିବା ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ମହିଳା ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ନ୍ୟାୟିକ କମିଶନ ଗଠନ, ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା, ମହିଳା ଟାସ୍କଫୋର୍ସ ଗଠନ, ସବୁ ଘଟଣାର ଦୋଷୀଙ୍କୁ ଗିରଫ କରି ଫାଷ୍ଟ ଟ୍ରାକ୍ କୋର୍ଟ ଦ୍ୱାରା ତୁରନ୍ତ ଦଣ୍ଡବିଧାନ ପାଇଁ ଦାବି କରିଥିଲେ। ଏଥିରେ ସିପିଆଇଏମ୍‌ର ଜନ୍ମେଶ୍ୱର ସାମନ୍ତରାୟ, ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଭୀମ ସ୍ୱାଇଁ, ପୀତବାସ ବେହେରା, ଶ୍ରୀକାନ୍ତ ପରିଜା, ଜ୍ୟୋତ୍ସ୍ନା ସୁବୁଦ୍ଧି, ସିପିଆଇର ଦେବେନ୍ଦ୍ର ସାହୁ, କୃଷ୍ଣ ରାଉତ, ବ୍ରଜ ପ୍ରଧାନ, ପ୍ରଦୀପ୍ତ ମହାନ୍ତି, ବିଦ୍ୟୁଲତା ପୃଷ୍ଟି, ପ୍ରଫୁଲ୍ଲ ମହାପାତ୍ର, ହରିହର ସେନାପତି, ଟୁନା ନାୟକ, ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସୁସ୍ଥ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।

-ମା' ରମାଦେବୀ

ସକାଳ
THE SAKALA

## ଟ୍ରମ୍ପଙ୍କ କୂଟକପଟ

ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସତା ଓ ବର୍ବରତାର ଉତ୍ତର ଭାରତ 'ଅପରେସନ ସିନ୍ଦୂର' ମାଧ୍ୟମରେ ଦେଇଛି। ଏହି ସୀମିତ ଯୁଦ୍ଧର ଗତି ଓ ପ୍ରକୃତିକୁ ଅନୁଧ୍ୟାନ କଲେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତ ଏକାସାଙ୍ଗରେ ପାକିସ୍ତାନ, ଚୀନ ଓ ତୁର୍କୀର ମୁକାବିଲା କରିଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା, ପାକିସ୍ତାନର ଆତଙ୍କୀ ସଂଗଠନକୁ ନିଶ୍ଚିହ୍ନ କରିବା। ତେଣୁ ରଣନୀତି ସେହି ଅନୁଯାୟୀ ପ୍ରସ୍ତୁତ ହୋଇଥିଲା। ଯେଉଁ ରାଷ୍ଟ୍ର ନିଜ ସାମରିକ ରଣକୌଶଳର ଏକ ଅଙ୍ଗ ରୂପେ ଆତଙ୍କବାଦୀ ସଂଗଠନକୁ ସ୍ୱୀକୃତି ଦେଇ ଛାୟାଯୁଦ୍ଧ ଜାରି ରଖିଛି ସେ କ'ଣ ନିର୍ବିରୋଧରେ ଭାରତର ଏହି ଯୋଜନାକୁ ସାକାର କରିବା ସକାଶେ ବାଟ ଛାଡ଼ିଦେବ? ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥାଇ ଯେଉଁ ରାଷ୍ଟ୍ର ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲେ ଧରିନେବାକୁ ହେବ ଯେ ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଛନ୍ତି। ମେ' ମାସର ଏହି ଘଟଣା ଉପୁଜିବାର ଦୁଇମାସ ପରେ ଯେତେବେଳେ ଟିଆରଏଫକୁ ଆମେରିକା ଓ ପରେ ପରେ ଚୀନ ମଧ୍ୟ ଆତଙ୍କବାଦୀ ସଂଗଠନ ଘୋଷଣା କରି ପହଲଗାମ ଘଟଣାର ନିନ୍ଦା କରୁଛନ୍ତି ସେତେବେଳେ ଧରିନେବାକୁ ହେବ ଯେ ବିଶ୍ୱ କୂଟନୀତିରେ ଯେଉଁ ଓଲଟା ଫେରି ଚାଲିଛି ତାହାର ଏହା ପରିଣାମ।

ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଭୂମିକା ଆମ ସରକାରଙ୍କ ଆନ୍ତର୍ଜାତିକ ସ୍ତରରେ ଥିବା ପ୍ରତୀକ ଓ ପତିଆରା କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ଦିଷ୍ଟ। ଏହି ବିବାଦର ସମାଧାନ ରାଷ୍ଟ୍ରମୁଖ୍ୟ ସ୍ତରରେ ହେବା ଉଚିତ। କିନ୍ତୁ ବାରମ୍ବାର ଟ୍ରମ୍ପ, ଏପରିକି ୨୦ ଥରରୁ ଊର୍ଦ୍ଧ୍ୱ ସେହି ଏକକଥାକୁ ଦୋହରାଇ ଚାଲିଛନ୍ତି। ସତେଯେପରି କୂଟନୈତିକ ଆଚରଣ ଓ ଶାଳୀନତାକୁ ସେ ତିଳେ ହେଲେ ଭ୍ରୂକ୍ଷେପ କରନ୍ତିନି। ଭାରତୀୟ ସଂସଦର ମୌସୁମୀ ଅଧିବେଶନର ଦୁଇଦିନ ପୂର୍ବରୁ ହ୍ୱାଇଟହାଉସରେ ରିପବ୍ଲିକାନ ସାଂସଦଙ୍କ ଉଦ୍ଦେଶ୍ୟରେ ଆୟୋଜିତ ରାତ୍ରିଭୋଜନରେ ଟ୍ରମ୍ପ ପୁଣି ତାହାକୁ ଦୋହରାଇଛନ୍ତି। ତାଙ୍କର ବକ୍ତବ୍ୟ ଥିଲା, ଯୁଦ୍ଧଏତେ ଭୟଙ୍କର ଥିଲା ଯେ ୫ଟି ସାମରିକ ଜେଟ୍‌କୁ ଗୁଳିକରି ଖସାଇ ଦିଆଯାଇଛି। ଅବଶ୍ୟ ନିର୍ଦ୍ଦିଷ୍ଟ ଭାବେ କାହାର ଯୁଦ୍ଧ ବିମାନକୁ ଖସାଇ ଦିଆଯାଇଛି ତାହା ସେ ସ୍ପଷ୍ଟ କରିନାହାନ୍ତି। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟଙ୍କ ମଧ୍ୟରେ ଯୁଦ୍ଧର ଭୟାବହତା ଦେଖି ସେ ବାଣିଜ୍ୟକ ସଂପର୍କ ରକ୍ଷା ଆଳରେ ଧମକ ଦେଇ ବିରତିର ବାଧ୍ୟବାଧକତା ସୃଷ୍ଟି କରିଛନ୍ତି। ବାରମ୍ବାର ବକ୍ତବ୍ୟକୁ ସେ ଦୋହରାଇବା ମଧ୍ୟରେ ୫ ଟି ଯୁଦ୍ଧ ବିମାନ ଧ୍ୱଂସ ପାଇବା ଏକ ନୂଆ ତଥ୍ୟ। ଯେଉଁ ବିବାଦ ଏବେ ମଧ୍ୟ ଭାରତର ପିଛା ଛାଡ଼ିନାହିଁ। ମୌସୁମୀ ଅଧିବେଶନ ପୂର୍ବରୁ ଏହା ବାର୍ତ୍ତା ଦେବା ପଛରେ ଟ୍ରମ୍ପଙ୍କ ଉଦ୍ଦେଶ୍ୟ କ'ଣ? ଏହାପଛରେ ଯେତେ ମନ୍ଦ ଉଦ୍ଦେଶ୍ୟ ଥାଉ ନା କାହିଁକି କ୍ଷମତାସୀନ ସରକାର ଉପରେ ତାହା କୌଣସି ପ୍ରତିକୂଳ ପ୍ରତୀକ ପକାଇ ପାରିବ ନାହିଁ। ହଁ ଏକଥା ହୋଇପାରେ ତାହା ବିରୋଧୀ ଦଳର ଆକ୍ରମଣକୁ ଅଧିକ ଶାଣିତ ଓ ଲକ୍ଷ୍ୟଭେଦୀ କରିବ, ଯାହାକି ସଂସଦ ଅଧିବେଶନ ଆରମ୍ଭରୁ ପରିଲକ୍ଷିତ ହୋଇଛି। ଟ୍ରମ୍ପଙ୍କୁ ମନେ ରଖିବାକୁ ହେବ ଯେ ତାଙ୍କର ବ୍ୟକ୍ତିଗତ କ୍ରୋଧ ଯାହା ଥାଉ ନା କାହିଁକି ଭାରତ ସରକାର ଭୁଶୁଡ଼ି ପଡ଼ିବନି।

ଭାରତର ଅତ୍ୟାଧୁନିକ ରାଫେଲ ଯୁଦ୍ଧ ବିମାନ ସଂଗ୍ରହ ପ୍ରତିପକ୍ଷଙ୍କ ପାଇଁ ଈର୍ଷାର କାରଣ ହୋଇଛି। ତେଣୁ ୫ଟି ଯୁଦ୍ଧ ବିମାନ ଗୁଳି କରି ଖସାଇ ଦିଆଯିବା ପ୍ରସଙ୍ଗ ପଛରେ ରାଫେଲ ବିରୋଧୀ ଯୁଦ୍ଧ ବିମାନ ବ୍ୟବସାୟୀଙ୍କ ଷଡ଼ଯନ୍ତ୍ର ନିହିତ ଅଛି ବୋଲି ଧରିନେବାକୁ ହେବ। ତେଣୁ ପାକିସ୍ତାନର ଦାବିକୁ ରାଫେଲ ନିର୍ମାତା ଡାସାଲ୍ଟ କମ୍ପାନୀ ପକ୍ଷରୁ ଦୃଢ଼ ଖଣ୍ଡନ କରାଯାଇଛି। ଏତେ ବାଦ ପ୍ରତିବାଦ ମଧ୍ୟରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭିତ୍ତିଭୂମିକୁ ଧ୍ୱଂସ କରିବା। ତେଣୁ ସମସ୍ତ ପ୍ରକାର ପ୍ରତିରୋଧ ସତ୍ତ୍ୱେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବାରେ ସଫଳ ହୋଇଛି। ଏହି ସଫଳତା ବିନିମୟରେ ଆମେ ଯେକୌଣସି ମୂଲ୍ୟ ଦେବାରେ ଅସୁବିଧା କ'ଣ ଅଛି? ଆମ ପ୍ରତିରକ୍ଷା ବାହିନୀର ସେନାଧ୍ୟକ୍ଷ. ଜେନେରାଲ ଅନିଲ୍ ଚୌଧୁରୀଙ୍କ ତଥ୍ୟ ଏକ୍ଷେତ୍ରରେ ପ୍ରଣିଧାନଯୋଗ୍ୟ। ପ୍ରାରମ୍ଭିକ ସଫଳତା ପଛରେ ତଥାକଥିତ ବିପର୍ଯ୍ୟୟ ମୂଲ୍ୟହୀନ। ପରିବର୍ତ୍ତୀ ଆକ୍ରମଣର ମୁକାବିଲା କରି ନ ପାରି ପାକିସ୍ତାନର ବାୟୁସେନା ଯେଭଳି ଲହୁଲୁହାଣ ହେଲା ତାହା ଯେ ଐତିହାସିକ ତଥ୍ୟ ଏକଥା ସ୍ୱୀକାର୍ଯ୍ୟ। ପାକିସ୍ତାନ ନିଜର ଆତ୍ମରକ୍ଷା ପାଇଁ ଭାରତର ଲଢୁଆ ବିମାନ ଖସାଇ ଦେବା ଦାବିର ପ୍ରାମାଣିକ ତଥ୍ୟ ଜେନେରାଲ୍ ମୁନିରଙ୍କ ପାଖରେ ନାହିଁ। ପରିସ୍ଥିତିର ଚାପରେ ପଡ଼ି ପାକିସ୍ତାନ ପକ୍ଷରୁ ଯୁଦ୍ଧ ବିରତି ପ୍ରସ୍ତାବ ଆଗତରେ ଅସ୍ୱାଭାବିକତା କିଛି ନାହିଁ। ତେବେ ଏକଥା ସତ ଯେ ଟ୍ରମ୍ପଙ୍କ ଏହି ନୂଆ ଦାବି ପାକିସ୍ତାନକୁ ବଳ ଦେଇଛି ଓ ଆମ ପ୍ରତି ସନ୍ଦେହ ସୃଷ୍ଟି କରିଛି।

ପାକିସ୍ତାନର ଲସ୍କର ଏ ତୋଇବା ଓ ଜୈସ ଏ ମହମ୍ମଦ ଆତଙ୍କବାଦୀ ସଂଗଠନ ବିରୋଧରେ ନିଷେଧାଦେଶ ଜାରି ପରେ ଟିଆରଏଫ ଲସ୍କର ଏ ତୋଇବାର ଏକ ଛାମୁଆଁ ଆତଙ୍କୀଗୋଷ୍ଠୀ ରୂପେ ସକ୍ରିୟ ଥିବା ସ୍ପଷ୍ଟ ହେଉଛି। ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବା ଘଟଣାକୁ ଟିଆରଏଫ ନିଜ ଆଡୁ ଦାବି କରିଛି। ପାକିସ୍ତାନରେ ବୈଦେଶିକ ମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ. ଖୋଲାଖୋଲି ଭାବେ ଟିଆରଏଫକୁ ସମର୍ଥନ କରିଛନ୍ତି। ସେହିଭଳି ପହଲଗାମ ଘଟଣା ପୂର୍ବରୁ ଜେନେରାଲ ମୁନୀରଙ୍କ ଯେଉଁ ଭିଡିଓ ସାଧାରଣରେ ପ୍ରକାଶ ପାଇଥିଲା ସେଥିରେ ଟିଆରଏଫକୁ ପ୍ରୟୋଗ କରାଯାଇ ଥିବାରୁ ସୂଚନା ଥିଲା। ଏହାଠାରୁ ଆଉ ଅଧିକ କ'ଣ ପ୍ରମାଣ ପାକିସ୍ତାନ ଚାହୁଁଛି। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ଏହା ସବୁଠାରୁ ବଡ଼ ଆତଙ୍କବାଦୀ ହମଲା। ଆମେରିକା ଟିଆରଏଫକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପରେ ଚୀନ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛି। ଏପର୍ଯ୍ୟନ୍ତ ପାକିସ୍ତାନ ସପକ୍ଷରେ କୂଟନୈତିକ ବାତାବରଣ ଠିକ୍ ଠାକ୍ ଥିବାବେଳେ ଟିଆରଏଫ ପ୍ରସଙ୍ଗ ଇସଲାମାବାଦ ନେତୃତ୍ୱକୁ ଅଡୁଆରେ ପକାଇଦେଇଛି।

ଜାତିସଂଘ ନିରାପତ୍ତା ପରିଷଦରେ ପହଲଗାମ ଆକ୍ରମଣ ନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଉଥିଲା। ସେଥିରେ ଟିଆରଏଫ ନାମ ଉଲ୍ଲେଖ ଥିବାରୁ ପାକିସ୍ତାନର ପ୍ରତିବାଦ କ୍ରମେ ତାହାକୁ ବାଦ ଦିଆଯାଇଥିଲା। ସମୟ ସବୁବେଳେ ସମାନ ଯାଏନି। ପରିବର୍ତ୍ତିତ ପରିସ୍ଥିତିରେ ଦିଗ ପରିବର୍ତ୍ତନ କରୁଥିବା କୂଟନୀତି କିନ୍ତୁ ଭିନ୍ନ ସନ୍ଦେଶ ଦେଉଛି୧ ଆମେରିକା ଓ ଚୀନ ଟିଆରଏଫକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ଭାରତ ପାଇଁ ଅନ୍ୟତମ ସଫଳତା କୁହାଯାଇପରେ।

# ରାଜ୍ୟ ଜଳନୀତି କେବେ ଓ କେମିତି

ସୌଭାଗ୍ୟ ସୁନ୍ଦରରାୟ

ରାଜ୍ୟର ପ୍ରମୁଖ ଜୀବନଧାରା ମହାନଦୀ ଜଳପ୍ରବାହ ଛତିଶଗଡ଼ ଦ୍ୱାରା ନିୟନ୍ତ୍ରିତ ହେବା ପରେ ରାଜ୍ୟରେ ଏକ 'ଜଳନୀତି'ର ଆବଶ୍ୟକତା ପଡ଼ିଛି। ତତ୍କାଳୀନ ବିଜେଡି ସରକାର ମହାନଦୀ ସୁରକ୍ଷା ପାଇଁ 'ମହାନଦୀ ବଞ୍ଚାଅ' ଅଭିଯାନ ଆରମ୍ଭ କରିବା ସହ ରାଜ୍ୟରେ ଏକ 'ଜଳନୀତି' ପ୍ରଣୟନ ନିମନ୍ତେ ପ୍ରସ୍ତାବ ରଖିଥିଲେ। ଏହାର ବ୍ୟୟ ଅଟକଳ ୭୫ ହଜାର କୋଟି ରହିଥିବା ବେଳେ ବିସ୍ତୃତ ରିପୋର୍ଟ ବା ଡିପିଆର ପ୍ରସ୍ତୁତ ହେବ ବୋଲି ମଧ୍ୟ କୁହାଯାଇଥିଲା। ଇତିମଧ୍ୟରେ ଶାସନରେ ପରିବର୍ତ୍ତନ ଘଟିଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର କ୍ଷମତାସୀନ ହେବା ୧ ବର୍ଷ ଅତିକ୍ରାନ୍ତ କରିସାରିଲାଣି। 'ଜଳନୀତି' ରୂପରେଖ କ'ଣ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ତେବେ 'ଜଳନୀତି' ପ୍ରଣୟନ ପାଇଁ ନୂଆ ସରକାର ମଧ୍ୟ କହିଛନ୍ତି। ତେଣେ ମହାନଦୀ ଜଳ ବିବାଦ ନେଇ ଏକ ଟ୍ରିବ୍ୟୁନାଲ ଗଠନ ହୋଇଛି।

'ଜଳନୀତି' ଶବ୍ଦଟି ବେଶ ଶ୍ରୁତିମଧୁର ଓ ଅଭିନବ। ତେବେ ଏହାର ରିପୋର୍ଟ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ବୋଧହୁଏ ହୀରାକୁଦ ବନ୍ୟା ପରିଚାଳନାଠାରୁ ଅଧିକ ଜଟିଳ। ଏକବିଂଶ ଶତାବ୍ଦୀର ଏହି ପ୍ରସ୍ତାବିତ 'ଜଳନୀତି' ସୁଦୂରପ୍ରସାରୀ ତଥା ଦୂରଦୃଷ୍ଟିସଂପନ୍ନ ହେବା ଆବଶ୍ୟକ ବୋଲି ରାଜ୍ୟବାସୀ ଆଶା କରନ୍ତି। ୫୦ ଦଶକର 'ଜଳନୀତି'ରେ ଯେଉଁ ନବୀବନ୍ଧ ପ୍ରତିଷ୍ଠା ହେଉଥିଲା ବା ବିସ୍ଥାପନ ହେଉଥିଲା ସେଥିପ୍ରତି କେହି ଉତ୍ତରଦାୟୀ ରହୁ ନ ଥିଲେ। ଏଥିଯୋଗୁଁ ହୀରାକୁଦ, ସମଲ ପ୍ରକଳ୍ପ ପାଇଁ ବିସ୍ଥାପିତ ଜନତା ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇପାରି ନାହାନ୍ତି। ସେ ସମୟର 'ଜଳନୀତି'ର ପ୍ରମୁଖ ଲକ୍ଷ୍ୟ ଥିଲା ଜଳସେଚନ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନ। କିନ୍ତୁ ଏବେ ସମୟ ଓ ପରିବେଶ ବଦଳିଛି। ନୂଆ ସମସ୍ୟା ଦେଖାଦେଇଛି। ମନୁଷ୍ୟଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ, ଗଛଲତା, ଶିଳ୍ପସଂସ୍ଥା ଆଦି ଜଳର ନୂଆ ଦାବିଦାର ଭାବେ ଉଭା ହୋଇଛନ୍ତି। ସହରାଞ୍ଚଳରେ ଛାତ ଉପରେ ବଗିଚା ପାଇଁ ପାନୀୟ ଜଳ ବ୍ୟବହାର କରାଯାଉଛି। ଏପରିକି ଗାଈଗୋରୁଙ୍କ ସ୍ନାନ ପାଇଁ ଗ୍ରାମାଞ୍ଚଳରେ ଏହାର ବ୍ୟବହାର କରାଯାଉଛି। ଏସବୁ ବିଷୟକୁ ଦୃଷ୍ଟିରେ ରଖି ଏହି ନୀତି ପ୍ରଣୟନ ହେବା ଆବଶ୍ୟକ।

ଏବେ ଜଳଉତ୍ସ କମୁଛି ଓ ଆବଶ୍ୟତା ବଢୁଛି। ବର୍ତ୍ତମାନ ଜଳର ସଂରକ୍ଷଣ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଛି। 'ଜଳନୀତି'ରେ ଏବେ ବୃହତ ପ୍ରକଳ୍ପ ସ୍ଥାନ ପାଇବା ଅସମ୍ଭବ। କାରଣ ଏଥିସହ ବିସ୍ଥାପନ ପରି ବିଭିନ୍ନ ସ୍ପର୍ଶକାତର ସାମାଜିକ ପ୍ରସଙ୍ଗ ଆସୁଛି। ପୂର୍ବରୁ ମଣିଭଦ୍ରା, ସିଣ୍ଡୋଲ ବା ସୁବଳୟା ଆଦି ପ୍ରକଳ୍ପ ଏହି କାରଣରୁ କାର୍ଯ୍ୟକାରୀ ହୋଇପାରି ନାହିଁ। ସଂପୃକ୍ତ ପ୍ରକଳ୍ପଗୁଡ଼ିକୁ ନୂଆ 'ଜଳନୀତି' ମଧ୍ୟକୁ ଅଣାଗଲେ ଏହା ଜନବିରୋଧର ସାମ୍ନା କରିବା ନିଶ୍ଚିତ। ନୂଆ ବ୍ୟାରେଜ, ଆନିକଟ ମଧ୍ୟ ବିରୋଧର ସମ୍ମୁଖୀନ ହେବ। ନରାଜ, ଯୋବ୍ରା ଓ ବିରୂପାର ପୁରୁଣା ଆନିକଟ ଭଙ୍ଗା କାର୍ଯ୍ୟ ଚାଲିଛି। ଏଣୁ 'ଜଳନୀତି' ସଚିବାଳୟରୁ ପ୍ରଣୟନ ହେବ ନା ଏଥିରେ ଅଂଶଦାରଙ୍କ ମତାମତ ଭିତ୍ତିରେ ପ୍ରଣୟନ ହେବ ତାହା ବର୍ତ୍ତମାନ ଏକ ପ୍ରଶ୍ନ। 'ଜଳନୀତି' ପ୍ରାକୃତିକ ସଂପଦକୁ କେନ୍ଦ୍ର କରି ହୋଇଥିବାରୁ ଏହାର ଅନେକ ଦିଗ ଥିବା ମନେହୁଏ।

'ଜଳନୀତି'ର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଏବେ ଗାଁ ବା ପଞ୍ଚାୟତକୁ ଯିବା ଅବଶ୍ୟାମ୍ଭବୀ। ନିର୍ଦ୍ଦିଷ୍ଟ ଅଞ୍ଚଳର ଆବଶ୍ୟକତା ଓ ଜନମତାମତକୁ 'ଜଳନୀତି'ରେ ସ୍ଥାନ ଦେବାକୁ ପଡ଼ିବ। 'ଜଳନୀତି' ପରିଚାଳନା ମଧ୍ୟ ଅଂଶୀଦାରଙ୍କ ହାତରେ ଟେକିବାକୁ ପଡ଼ିବ। 'ଜଳନୀତି' ପ୍ରଣୟନ ପାଇଁ ଏକ ଆନ୍ତଃ-ବିଶେଷଜ୍ଞ ସମନ୍ୱିତ କମିଟି ଗଠନ କରିବା ଅପରିହାର୍ଯ୍ୟ। ରାଜ୍ୟରେ ଏବେ ବର୍ଷା ପରିମାଣ କେତେ, ବିଗତ ୫୦ ବର୍ଷରେ ବର୍ଷା ପରିମାଣ କେତେ ରହିଛି ଏବଂ ଆଗାମୀ ୫୦ ବର୍ଷ ପାଇଁ ବର୍ଷା ଆକଳନ କ'ଣ ରହିବ ସେ ସମ୍ପର୍କରେ ପ୍ରଥମେ ଅନୁଧ୍ୟାନ ହେବା ଆବଶ୍ୟକ। ଏହି କାର୍ଯ୍ୟ କରିବେ ପାଣିପାଗ ବିଶେଷଜ୍ଞ। ଜଳ ଗଚ୍ଛିତ କରି ରଖିବା ପାଇଁ କେଉଁ ଅଞ୍ଚଳରେ କି ପ୍ରକାର ପ୍ରକଳ୍ପ କରାଯିବ ଏବଂ ଏହାର ଶୈଳୀ କ'ଣ ରହିବ ତାହା ସିଭିଲ ଇଞ୍ଜିନିୟର ଓ ସ୍ଥପତିଙ୍କ ଦ୍ୱାରା ନିର୍ଦ୍ଧାରଣ ହେବା ଆବଶ୍ୟକ। ନଦୀରେ ବର୍ଷାଦିନେ ଓ ଅଣବର୍ଷା ସମୟରେ ଜଳପ୍ରବାହ ପରିମାଣ କ'ଣ ରହିଛି ସେ ସମ୍ପର୍କରେ ଜଳତାତ୍ତ୍ୱିକ ସର୍ବେକ୍ଷଣ ହେବା ଆବଶ୍ୟକ। ସେହିପରି ପଶୁପକ୍ଷୀ ଓ ବୃକ୍ଷଲତା ପାଇଁ ବ୍ୟବସ୍ଥା କ'ଣ ହେବ ତାହା ଜଙ୍ଗଲ ଓ ପରିବେଶ ବିକାଶ ବିଭାଗ ଦ୍ୱାରା ସ୍ଥିରୀକୃତ ହେବା ଆବଶ୍ୟକ। ନଦୀ ମୁହାଁଣ ଅଞ୍ଚଳ ଅର୍ଥାତ ଉପକୂଳ ଅଞ୍ଚଳରେ ଜଳନୀତିର ପ୍ରଭାବ କ'ଣ ରହିବ ସେ ସଂପର୍କରେ ସାମୁଦ୍ରିକ ବିଜ୍ଞାନୀଙ୍କ ପରାମର୍ଶ ଜରୁରୀ।

'ଜଳନୀତି'ରେ ଉଭୟ ଭୂତଳ ଓ ଭୂପୃଷ୍ଠ ଜଳ ସଂପର୍କରେ ବିଚାରବିମର୍ଶ ହେବା ଆବଶ୍ୟକ। ଶିଳ୍ପାନୁଷ୍ଠାନ କେତେ ପରିମାଣର ଜଳ ଉପଯୋଗ କରିବେ ଏବଂ ଜଳ କେତେ ପ୍ରଦୂଷିତ କରିବେ ସେଥିପାଇଁ ପ୍ରଦୂଷଣ ବିଶେଷଜ୍ଞ ନିୟୋଜିତ ହେବା ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା। ଜଳସମ୍ପଦ ନୀତିରେ ଜଳବିଦ୍ୟୁତ ପ୍ରକଳ୍ପ ପରିକଳ୍ପନା ମଧ୍ୟ ସ୍ଥାନିତ ହୋଇପାରେ। କେଉଁ ନଦୀଶଯ୍ୟାରେ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ହୋଇପାରିବ ସେ ସମ୍ପର୍କରେ ଅନୁଧ୍ୟାନର ଆବଶ୍ୟକତା ରହିଛି। ଜଳ ସଂରକ୍ଷଣ ପାଇଁ କ୍ଷୁଦ୍ର ଆନିକଟ, ବନ୍ଧ ବା ବ୍ୟାରେଜ ନିର୍ମାଣ କରାଗଲେ ପଟୁ ଜମିବା ନିଶ୍ଚିତ। ଏହି ପଟୁ ନିଷ୍କାସନର ବ୍ୟବସ୍ଥା କ'ଣ ହେବ? ନଚେତ ପଟୁମାଟି ଯୋଗୁଁ ପ୍ରକଳ୍ପ, ନଦୀଶଯ୍ୟା ପୋତି ହୋଇ ଏଗୁଡ଼ିକ ଶୀଘ୍ର ଅକାମୀ ହେବାର ଆଶଙ୍କା ରହିଛି। ଏଣୁ ପ୍ରତ୍ୟେକ ବିଭାଗ ନିଜନିଜ ଦୃଷ୍ଟିକୋଣରୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ତର୍ଜମା କରାଯାଇ ଅଂଶୀଦାରଙ୍କ ମତାମତ ଭିତ୍ତିରେ ସମନ୍ୱିତ ଜଳନୀତି ପ୍ରଣୟନ କରାଯାଇପାରେ। କେବଳ ଆଇଆଇଟିକୁ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଦେଇ ପରବର୍ତ୍ତୀ ସମୟର ତ୍ରୁଟି ପାଇଁ ସରକାର ସେମାନଙ୍କ ମୁଣ୍ଡରେ ନଡ଼ିଆ ବାଡ଼େଇବା ଏକ ଧୃଷ୍ଟତା ହେବ।

ଏହାପରେ ଆସୁଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତାହାହେଲା କ୍ଷୁଦ୍ର ଜଳାଶୟର ବର୍ତ୍ତମାନର ସ୍ଥିତି ଓ ଏହାର ପୁନରୁଦ୍ଧାର। ଏକଦା ଗାଁଗହଳିରେ ଥିଲା ଏକାଧିକ ଗାଡ଼ିଆ, ପୋଖରୀ, କଟା, ବନ୍ଧ, ଟୁବ, ଯୋର। ଏଗୁଡ଼ିକ ଯଥେଷ୍ଟ ପରିମାଣର ଜଳ ସଂରକ୍ଷିତ କରି ରଖିବା ଦେଖାଯାଏ। ପ୍ରାୟ ଫେବୃୟାରୀ/ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଥିରେ ଜଳ ରହିଥାଏ। ଯୋରରେ ପ୍ରାୟତଃ ସବୁ ସମୟରେ ଜଳ ରହିଥାଏ। ଏହା ରବି ଫସଲ ପାଇଁ ବହୁଳ ମାତ୍ରରେ ସହାୟକ ହୋଇଥାଏ। ଏହି ଜଳକୁ ଟେଣ୍ଡା ସାହାଯ୍ୟରେ ଉଠାଇ ରବି ଫସଲକୁ ଜଳଯୋଗାଣ ହୋଇଥାଏ। ଏଥିରେ ମାଛବଂଶ ବୃଦ୍ଧି ଘଟିଥାଏ। ଖରାଦିନେ ଗୃହପାଳିତ ପଶୁଙ୍କ ପାଇଁ ଏହି ପାଣି ମଧ୍ୟ ଉପଯୋଗ କରାଯାଇଥାଏ। ଗ୍ରାମାଞ୍ଚଳରେ ଏହି କ୍ଷୁଦ୍ର ଜଳାଶୟଗୁଡ଼ିକର ଏବେ ପ୍ରାୟ ନିଶ୍ଚିହ୍ନ। ଗୃହନିର୍ମାଣ, ରାସ୍ତାକାର୍ଯ୍ୟ, ଜବରଦଖଲ ଓ ପଟୁମାଟି ଯୋଗୁଁ ଏହି ଜଳାଶୟ ଚିହ୍ନବର୍ଣ୍ଣ ହରାଇଲାଣି। କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଏକଦା ଥିଲା ନୟନଯୋରୀ ଓ ପାଟନାଳୀ। ଏପ୍ରିଲ/ ମେ ମାସ ପର୍ଯ୍ୟନ୍ତ ଏହା ସନ୍ତସନ୍ତିଆ ଅବସ୍ଥାରେ ରହୁଥିଲା। କିନ୍ତୁ ଜାତୀୟ ରାଜପଥ ନିର୍ମାଣ ଯୋଗୁଁ ଏଗୁଡ଼ିକ ପୋତି ଦିଆଗଲା। ରାସ୍ତା ନିର୍ମାଣ ସମୟରେ କୌଣସି ପରିବେଶ ଯୋଜନା ରହିଲା ନାହିଁ। ଫଳରେ ଠିକାଦାର ସଂସ୍ଥା ନିଜ ସୁବିଧାରେ ଏହାକୁ ପୋତି କାର୍ଯ୍ୟ କରିଚାଲିଲେ। ଏହାଥିଲା ଜଳ ସଂରକ୍ଷଣର ଅନ୍ୟତମ ପ୍ରମୁଖ ଉତ୍ସ। ସରକାର ଗ୍ରାମାଞ୍ଚଳରେ ଆରମ୍ଭ କରିଥିବା 'ମୋ ପୋଖରୀ' ଯୋଜନା ଏବେ କେଉଁ ପର୍ଯ୍ୟାୟରେ ରହିଛି ତାହାର ଏକ ନିରପେକ୍ଷ ସମୀକ୍ଷା ଜଳନୀତି ପ୍ରଣୟନ ପରିପ୍ରେକ୍ଷୀରେ ହେବା ଆବଶ୍ୟକ।

ସମୟସ୍ରୋତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅନେକ ବିକାଶ ଘଟିଛି। ବୈଷୟିକ କ୍ଷେତ୍ରରେ ଘଟିଛି ଯୁଗାନ୍ତକାରୀ ପରିବର୍ତ୍ତନ। ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ବିଶ୍ୱ ଚିନ୍ତିତ। ଏକ ସବୁଜ ବିଶ୍ୱ ପାଇଁ ସମସ୍ତେ ଉଦବିଗ୍ନ। କୃତ୍ରିମ ବୁଦ୍ଧିମତ୍ତା ଓ ରୋବଟ ପ୍ରଯୁକ୍ତିକୁ ନେଇ ବିଶ୍ୱ ୪ର୍ଥ ଶିଳ୍ପ ବିପ୍ଳବର ଦ୍ୱାରଦେଶରେ ଉପନୀତ ହେଲାଣି। ବିଭିନ୍ନ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସମୟରେ ଏସବୁର ଉପଯୋଗ କରାଯିବା ଆବଶ୍ୟକ। ଜଳର ମାହାତ୍ମ୍ୟ ଓ ଜଳନୀତି ବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମରେ ସ୍ଥାନିତ ହେବା ମଧ୍ୟ ଜରୁରୀ। ଏହାହେଲେ ଭବିଷ୍ୟତ ପିଢ଼ି ଜଳ ସଂରକ୍ଷଣ ଓ ଉପଯୋଗ ସଂପର୍କରେ ସଚେତନ ହୋଇପାରିବେ। ବର୍ତ୍ତମାନ ପରିସ୍ଥିତିର ଆହ୍ୱାନ ହେଲା ବହୁମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ଜିଲ୍ଲା ସଦର ମହକୁମାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳକୁ ଆଣିବା। ଏହାହେଲେ ସରକାରୀ କାର୍ଯ୍ୟାଳୟରେ ଜଳ ସଞ୍ଚୟ ବ୍ୟବସ୍ଥା ସୁଗମ ହୋଇପାରିବ। ଭୂତଳ ଜଳାଭାବରୁ ଏବେ ଅନେକ ସ୍ଥାନରେ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ଅବସ୍ଥାକୁ ଆସିଲାଣି। ତେଣୁ 'ଜଳନୀତି' ପ୍ରଣୟନ ପୂର୍ବରୁ ସମସ୍ତ ଦିଗ ପ୍ରତି ସୁଚିନ୍ତିତ ବିଚାରବିମର୍ଶ ହେବା ଆବଶ୍ୟକ। ଏହା ହେଲେ ରାଜ୍ୟରେ 'ଜଳନୀତି' ଫଳପ୍ରସୂ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ବିତ୍ତୀୟ ପ୍ରଦୂଷଣ: ପ୍ରଗତିର ପ୍ରତିବନ୍ଧକ

ଅନନ୍ତ ଚରଣ ସ୍ୱାଇଁ



ଦ୍ରୁତ ଶିଳ୍ପାୟନ, ନଗରୀକରଣ ଓ ଅତିରିକ୍ତ ଭୋଗବିଳାସୀ ଜୀବନଶୈଳୀ ଦ୍ୱାରା ପରିବେଶ ଦୂଷିତ ହେଉଛି। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୁଷଣ ଓ ଜଙ୍ଗଲର ଦ୍ରୁତ କ୍ଷୟ ପରିବେଶ ଏବଂ ମାନବ ସମାଜ ପ୍ରତି ସୃଷ୍ଟି କରୁଛି ମହାବିପଦ। ଏସବୁ ପ୍ରଦୂଷଣରୁ ସୃଷ୍ଟି ହେଉଥିବା ସମସ୍ୟା ଓ ସମାଧାନ ପାଇଁ ଆନ୍ତର୍ଜାତିକ ସ୍ତରରେ ଅନେକ ଉଦ୍ୟମ କରାଯାଉଛି। କିନ୍ତୁ ସମାଜରେ ଦେଖାଦେଉଥିବା ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟା ପ୍ରତି ଜନସଚେତନତା ଏବେଠାରୁ ସୃଷ୍ଟି ହେବା ଦରକାର। ବିତ୍ତୀୟ ପ୍ରଦୂଷଣ ହେଉଛି ବିଭିନ୍ନ ଆର୍ଥିକ ଅବୈଧ କାର୍ଯ୍ୟକଳାପ, ଯାହା ଦେଶର ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରେ ଏବଂ ସାଧାରଣ ଜନତାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ।

ଆର୍ଥିକ କାରବାରରେ ଅନିୟମିତତା, ଭ୍ରଷ୍ଟାଚାର, ଟିକସ ଫାଙ୍କି, କଳାଧନ, ଋଣର ଅପବ୍ୟବହାର, ବ୍ୟାଙ୍କ ଠକାମୀ, ଷ୍ଟକ ବଜାରରେ ହସ୍ତକ୍ଷେପ ପରି ଅନେକ ଅବୈଧ କାର୍ଯ୍ୟକଳାପ ବିତ୍ତୀୟ ପ୍ରଦୁଷଣ ଅନ୍ତର୍ଭୁକ୍ତ। ବିତ୍ତୀୟ ପ୍ରଦୂଷଣ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ସହିତ ରାଜନୀତି, ସାମାଜିକ ନ୍ୟାୟ, ସମାଜରେ ସମାନତା ଓ ସର୍ବୋପରି ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ। କିଛି ରାଜନୈତିକ ନେତା, ଅଧିକାରୀ, ଅସାଧୁ ବ୍ୟବସାୟୀ ପରିସ୍ଥିତିର ଦୁରୁପଯୋଗ କରି ଅନୁଚିତ ଭାବେ ଅର୍ଥ ଅର୍ଜନ କରନ୍ତି। ଭ୍ରଷ୍ଟାଚାର ଅନୈତିକ କାମକୁ ପ୍ରୋତ୍ସାହିତ କରିଥାଏ। ଭ୍ରଷ୍ଟାଚାର ବଢ଼ିଲେ ସମାଜରେ ଅସ୍ଥିରତା ଓ ଅରାଜକତା ଦେଖାଦିଏ। ସେହିଭଳି ଭାରତରେ ବିପୁଳ ପରିମାଣର କଳା ଧନ ଅଛି। ଅବୈଧ ଉପାୟରେ ଅର୍ଜିତ ଧନ, ଯାହା ଟିକସର ପରିସର ଭୁକ୍ତ ହୋଇନଥାଏ, ତାହା ଦେଶ ଭିତରେ କିମ୍ବା ବାହାରେ ଗୁପ୍ତ ଭାବରେ କାରବାର କରାଯାଏ। ଜଟିଳ ଟିକସ ନିୟମରେ ଥିବା ଦୁର୍ବଳତାର ଫାଇଦା ଉଠାଇ କିଛି ବ୍ୟକ୍ତି ଟିକସ ପ୍ରଦାନରେ ହେରଫେର କରନ୍ତି। ବ୍ୟାଙ୍କରୁ ଋଣ ନେଇ ଫେରସ୍ତ ନକରିବା, ଜାଲ କାଗଜପତ୍ର ବ୍ୟବହାର କରି ଠକିବା ଆଦି ଜରିଆରେ ମଧ୍ୟ କିଛି ଲୋକଙ୍କ ପାଖକୁ ସହଜରେ ଟଙ୍କା ଆସିଯାଏ ଏବଂ ତାହାର ଦୁରୁପଯୋଗ ହୁଏ।

ସେହିଭଳି ଆଉ କେତେକ ବିତ୍ତୀୟ ପ୍ରଦୂଷଣ ଷ୍ଟକ ମାର୍କେଟରୁ ସୃଷ୍ଟି ହୁଏ। ନିଜକୁ ସୁହାଇଲା ପରି କୃତ୍ରିମ ଭାବେ ଷ୍ଟକର ମୂଲ୍ୟ ନିୟନ୍ତ୍ରଣ କରି ଆର୍ଥିକ ଅନିୟମିତା କରାଯାଏ। ଅବୈଧ ଭାବେ ଅର୍ଜିତ ଧନକୁ ବିଭିନ୍ନ ବ୍ୟବସାୟରେ ଖଟାଇ ବୈଧ ବୋଲି ପ୍ରମାଣ କରିବା ପ୍ରକ୍ରିୟା ହେଉଛି ମନି ଲଣ୍ଡରିଂ। ଏହାଦ୍ୱାରା ବିପୁଳ କଳାଧନକୁ ବୈଧ କରିବାର ପଥ ସୃଷ୍ଟି ହୁଏ। ନକଲି ନୋଟ ଦେଶର ଅର୍ଥନୀତି ପାଇଁ ବଡ଼ ଶତ୍ରୁ। ଏହାର ଅବୈଧ କାରବାର, ଆତଙ୍କବାଦୀ କାର୍ଯ୍ୟ ଓ ଅନ୍ୟାନ୍ୟ ଅପରାଧ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାଏ। ଆହୁରି ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି ନିଜର ରାଜନୈତିକ ଶକ୍ତି ପ୍ରୟୋଗ କରି ଅବୈଧ ଆର୍ଥିକ କାରବାରକୁ ପ୍ରୋତ୍ସାହନ ଦେବା ଦ୍ୱାରା ଅନୈତିକ କାର୍ଯ୍ୟ ବୃଦ୍ଧି ପାଏ।

ବିତ୍ତୀୟ ପ୍ରଦୂଷଣ ଦେଶର ସାମାଜିକ ଓ ଅର୍ଥନୈତିକ ବୃଦ୍ଧିରେ ବାଧକ ହୋଇଥାଏ। ଏହାଦ୍ୱାରା ସମାଜରେ ସୃଷ୍ଟି ହୁଏ ଅର୍ଥନୈତିକ ଅସମତା। କିଛି ଲୋକ ଅନେକ ଅର୍ଥ ଅନୁଚିତ ଉପାୟରେ ଅର୍ଜନ କରି ଏହାକୁ ଗୁପ୍ତ ରଖିବା ଫଳରେ ଦେଶର ଆର୍ଥିକ ଏବଂ ସାମାଜିକ ସମତାକୁ ପ୍ରଭାବିତ ହୁଏ। ଧନୀ ଓ ଗରିବଙ୍କ ମଧ୍ୟରେ ଦୂରତା ବଢ଼ି ଚାଲେ। ଆର୍ଥିକ ଅସମତା ହେତୁ ସମାଜରେ ଅସନ୍ତୋଷ, ଅଶାନ୍ତି ଓ ଅସ୍ଥିରତା ବୃଦ୍ଧି ପାଏ।

ଭ୍ରଷ୍ଟାଚାର ଓ ଅନିୟମିତତା କାର୍ଯ୍ୟ ଦକ୍ଷତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଭ୍ରଷ୍ଟ ଅଧିକାରୀମାନେ ଲାଞ୍ଚ ନେଇ ଅନୈତିକ କାମକୁ ପ୍ରଶ୍ରୟ ଦିଅନ୍ତି। ଫଳରେ ସମାଜର ଉନ୍ନତିମୂଳକ କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଏ। ବିତ୍ତୀୟ ପ୍ରଦୂଷଣ ହେତୁ ଉଭୟ ଦେଶୀ ଓ ବିଦେଶୀ ନିବେଶକ ଭାରତରେ ନିବେଶ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଏହାର ପ୍ରଭାବ ଜାତୀୟ ଅର୍ଥନୀତିରେ ପ୍ରତିଫଳିତ ହୁଏ। ଦେଶର ସାମୂହିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରେ। କଳା ଧନ ଓ ଅବୈଧ ବ୍ୟବସାୟ ଆତଙ୍କବାଦୀ କାର୍ଯ୍ୟ ଓ ଅପରାଧକୁ ଉତ୍ସାହିତ କରେ। ଅପରାଧୀ ଓ ଆତଙ୍କବାଦୀମାନଙ୍କ ପାଖକୁ ଅର୍ଥ ଆସିଲେ ସେମାନେ ହିଂସାତ୍ମକ କାର୍ଯକଳାପରେ ଲିପ୍ତ ରହି ସମାଜରେ ଅରାଜକତା ସୃଷ୍ଟି କରନ୍ତି।

ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟାଗୁଡ଼ିକଠାରୁ ମୁକ୍ତ ରହିବାକୁ ଭ୍ରଷ୍ଟାଚାର ବିରୁଦ୍ଧରେ ଦୃଢ଼ ଆଇନ ପ୍ରଣୟନ, ତ୍ୱରିତ ନ୍ୟାୟ ପ୍ରଦାନ, ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ସହ ଜନସଚେତନତାର ଆବଶ୍ୟକ ରହିଛି। ବିତ୍ତୀୟ ପ୍ରଦୁଷଣ ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥିବାରୁ ଏହାକୁ ଦୂର କରିବା ପାଇଁ ସରକାର, ପ୍ରଶାସନ ଏବଂ ସାଧାରଣ ଲୋକମାନଙ୍କ ଉଦ୍ୟମ ଆବଶ୍ୟକ।

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ରଙ୍ଗ ଓ ବ୍ୟକ୍ତିତ୍ୱ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବିବିଧ ରଙ୍ଗ ପ୍ରତି ଆମର ଆକର୍ଷଣ ଜନ୍ମଗତ। ଅବଶ୍ୟ ବ୍ୟକ୍ତିଠାରୁ ବ୍ୟକ୍ତି ଏବଂ ସ୍ଥଳବିଶେଷ ଉପରେ ନିର୍ଭର କରି ଏହା ଭିନ୍ନ ଭିନ୍ନ ହୋଇଥାଏ। ସେଥିପାଇଁ କାହାର ନୀଳରଙ୍ଗ ଅଧିକ ପସନ୍ଦ ହେଲା ବେଳେ ଆଉ କାହାର ଲାଲ୍ ବା ହଳଦିଆ.... । ରଙ୍ଗ ହେଲା ଭିନ୍ନ ଭିନ୍ନ ତରଙ୍ଗ ଲମ୍ବଯୁକ୍ତ ଆଲୋକ। ଗୋଟିଏ ବସ୍ତୁ ଉପରେ ଆଲୋକ ରଶ୍ମିଟିଏ ପତିତ ହେଲେ ତହିଁରେ ଥିବା ବିଭିନ୍ନ ରଙ୍ଗ (ଯେପରିକି ସୂର୍ଯ୍ୟ ରଶ୍ମିର ସାତ ରଙ୍ଗ) ମଧ୍ୟରୁ ଯେଉଁଟିକୁ ତାହା ଶୋଷଣ ନ କରି ପ୍ରତିଫଳିତ କରିଦିଏ ଆମେ କେବଳ ସେହିଟିକୁ ଦେଖୁ। ଅତଏବ ବସ୍ତୁଟିର ରଙ୍ଗ ଆମକୁ ସେହି ଅନୁସାରେ ଦେଖାଯାଏ।

ବୈଜ୍ଞାନିକମାନଙ୍କ ମତରେ ବିଭିନ୍ନ ରଙ୍ଗ ଆମକୁ ବିଭିନ୍ନ ରୂପେ ପ୍ରଭାବିତ କରେ। ଯେପରିକି ଆମ ମାନସିକ ଅବସ୍ଥା, ନିଦ୍ରାର ଢଙ୍ଗ, ରକ୍ତ ଚାପ ଓ ଯୌନ ଜୀବନକୁ ମଧ୍ୟ। ଆମେ ଆଖି ବନ୍ଦ ରଖିଲେ ବି ଆମ ଉପରେ ଏହାର କିଛିଟା ପ୍ରଭାବ ରହିଥାଏ। ରଙ୍ଗ ଆମ ଚକ୍ଷୁଷ ସ୍ମୃତିକୁ ଏବଂ ଚେତନାର ସ୍ତରକୁ ପରିବର୍ଦ୍ଧିତ କରେ ବିଭିନ୍ନ ରୂପେ। ଉଦାହରଣ ସ୍ୱରୂପ, ସାଧାରଣତଃ ଲାଲ୍ ରଙ୍ଗ ଦେଖିଲା ବେଳେ ସବୁଜ ତୁଳନାରେ ଆମ ମନସ୍ତାତ୍ତ୍ୱିକ ଚେତନା ଅଧିକ ଉତ୍ତୋଳିତ ହୁଏ। ଅନ୍ୟ ପକ୍ଷରେ ଲାଲରଙ୍ଗ ଆମ ନକାରାତ୍ମକ ସ୍ମୃତିକୁ ପରିବର୍ଦ୍ଧିତ କଲା ବେଳେ ନୀଳରଙ୍ଗ ସକାରାତ୍ମକ ସ୍ମୃତିକୁ ସେପରି କରେ ବୋଲି କୁହାଯାଏ। ଅନ୍ୟାନ୍ୟ ରଙ୍ଗ ମଧ୍ୟ ଭିନ୍ନ ଭିନ୍ନ ଭାବେ ଆମ ଭାବପ୍ରବଣତା ସହିତ ସଂପୃକ୍ତ ନାନା ପ୍ରକାର ସ୍ମୃତିକୁ ଉଦ୍ଦୀପିତ କରନ୍ତି।

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ରଙ୍ଗ ଅଧିକ ପସନ୍ଦ ହୋଇଥିବାର ଦେଖାଯାଏ। ତହିଁରୁ ତାଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ କିଛିଟା ସୂଚନା ମିଳିଥାଏ। **ନୀଳ**- ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକେ ସାଧାରଣତଃ ଚିନ୍ତାଶୀଳ ଏବଂ ବିଚାରବନ୍ତ ହୋଇଥା'ନ୍ତି। ତାଙ୍କର ସ୍ୱଭାବ ଶାନ୍ତ ହୋଇଥାଏ ଏବଂ ତାଙ୍କର ବିଶ୍ୱାସଯୋଗ୍ୟତା ତାଙ୍କୁ କର୍ମକ୍ଷେତ୍ରରେ ନେତୃତ୍ୱ ନେବା ତଥା ଅନ୍ୟମାନଙ୍କୁ ନିଜ ପ୍ରତି ଆକର୍ଷିତ କରିବା ସମ୍ଭବ କରିଥାଏ। ସେମାନେ ମଧ୍ୟ ସହକର୍ମୀମାନଙ୍କର ପ୍ରିୟଭାଜନ ହୋଇଥା'ନ୍ତି। **ଲାଲ୍**- ଏହାକୁ ପସନ୍ଦ କରୁଥିବା ଲୋବେ ସାହାସୀ ଏବଂ ଦୃଢ଼ ନିଷ୍ପତ୍ତି ନେବାକୁ ସକ୍ଷମ ହୋଇଥା'ନ୍ତି। ସେମାନେ କର୍ମଦିଗାଭିମୁଖୀ ତଥା ଦାୟିତ୍ୱସଂପନ୍ନ ଅଟନ୍ତି। ତାଙ୍କର ଇଚ୍ଛାଶକ୍ତି ତାଙ୍କୁ ପରିସ୍ଥିତିର ସମ୍ମୁଖୀନ ହୋଇ ଲକ୍ଷ୍ୟସାଧନ କରିବାରେ ସହାୟକ ହୁଏ। **ହଳଦିଆ**- ଏ ରଙ୍ଗକୁ ଭଲ ପାଉଥିବା ଲୋକେ ସଦାବେଳେ ଖୁସି ମିଜାସର ଏବଂ ଦୃଢ଼ମନା ହୋଇଥା'ନ୍ତି। ଆଶାବାଦୀ ମନୋଭାବ ତାଙ୍କୁ ଗଭୀରଭାବେ ସକାରାତ୍ମକ ଚିନ୍ତା କରିବାକୁ ସମର୍ଥ କରିଥାଏ। **ସବୁଜ**- ଏହାର ପସନ୍ଦକାରୀମାନେ ସାଧାରଣତଃ ସର୍ବଦା ସନ୍ତୁଳିତ ମନୋଭାବସମ୍ପନ୍ନ ଏବଂ ସଚ୍ଚୋଟ ହୋଇଥା'ନ୍ତି। ସମସ୍ୟା ସମାଧାନ କରିବାରେ ଦକ୍ଷତା ଏବଂ ସୃଜନାତ୍ମକ ମାନସିକତା ଏମାନଙ୍କର ଆଉ ଦୁଇଟି ବିଶେଷଗୁଣ। **ନାରଙ୍ଗୀ**- ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକମାନେ କଠୋର ପରିଶ୍ରମୀ ଏବଂ ଧୈର୍ଯ୍ୟବାନ୍। ସେମାନେ ସାହାସର ସହିତ ଯେକୌଣସି ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। **ବାଇଗଣୀ**- ଏହାକୁ ଭଲ ପାଉଥିବା ଲୋକେ କଳ୍ପନାପ୍ରବଣ ଅଟନ୍ତି। ସେମାନଙ୍କ ଚିନ୍ତାଶକ୍ତି ପ୍ରଖର। ତାଙ୍କର ସୃଜନାତ୍ମକ ଦକ୍ଷତା ଓ ଦୂରଦୃଷ୍ଟି ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ରୂପେ ପ୍ରତିପାଦିତ କରେ। **ଗୋଲାପୀ**- ଏରଙ୍ଗର ପସନ୍ଦକାରୀମାନଙ୍କ ଆଚରଣ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ। ସହକର୍ମୀମାନଙ୍କ ପ୍ରତି ସଂବେଦନଶୀଳ ହୋଇଥିବାରୁ ସଫଳତା ସହ ଅନ୍ୟମାନଙ୍କ ସହ ମିଶି କାର୍ଯ୍ୟ ସଂପାଦନ କରିପାରନ୍ତି। ଏମାନେ ଲୋକପ୍ରିୟ ଓ ସୃଜନଶୀଳ ଏବଂ ନେତୃତ୍ୱ ନେବାରେ ଦକ୍ଷ।

**କଳା**- ଏଥିପ୍ରତି ଆକୃଷ୍ଟ ହେଉଥିବା ଲୋକମାନେ ଦୃଢ଼ ମାନିକତା ସମ୍ପନ୍ନ ଏବଂ ଆତ୍ମନିର୍ଭରଶୀଳ। କୌଣସି କାର୍ଯ୍ୟ କଲା ବେଳେ ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହେବାକୁ ସଦା ପ୍ରସ୍ତୁତ ଥା'ନ୍ତି। **ଧଳା**- ଏରଙ୍ଗର ପସନ୍ଦକାରୀମାନେ ଶାନ୍ତ ଓ ସକାରାତ୍ମକ। ଏମାନଙ୍କ କାର୍ଯ୍ୟଭଙ୍ଗୀ ସୁଶୃଙ୍ଖଳିତ। ଏମାନେ ସଦାସର୍ବଦା ଧୀରସ୍ଥିର ରହୁଥିବାରୁ ଅନ୍ୟମାନଙ୍କର ବିଶ୍ୱାସଭାଜନ ହୋଇଥା'ନ୍ତି। **ସ୍ୱର୍ଣ୍ଣାଭ**- ଏଥିପ୍ରତି ଆକର୍ଷିତ ହେଉଥିବା ଲୋକେ ସାଧାରଣତଃ ଆଡ଼ମ୍ବର ପୂର୍ଣ୍ଣ ଜୀବନ ପ୍ରତି ଆଗ୍ରହୀ। ସେମାନେ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ କରନ୍ତି ଏବଂ ଆତ୍ମସମ୍ମାନକୁ ଗୁରୁତ୍ୱ ଦିଅନ୍ତି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶପଥ ନେଲେ ଜଷ୍ଟିସ...

ପାଠକଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲା। ଜୁଲାଇ ୧୪ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା।

୧୯୬୫ ଅଗଷ୍ଟ୨୮ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍ ପାଠକ ବେଙ୍ଗାଲୁରୁର ସେଣ୍ଟ ଯୋସେଫସ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ସେପ୍ଟେମ୍ବର ୧୨ରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ୨୦୧୩ ମେ' ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଥିଲେ। ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ପ୍ରଥମ ଦିନରେ ମୁଖ୍ୟ ବିଚାରପତିଙ୍କ ସହ ଜଷ୍ଟିସ ପାଠକ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିଛନ୍ତି।

### ଉପରାଷ୍ଟ୍ରପତି ଧନଖଡ଼ଙ୍କ...

୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଥିଲେ। ଗତ ମାର୍ଚ୍ଚ ମାସରେ ହୃଦ୍‌ରୋଗ କାରଣରୁ ଧନଖଡ଼ ଏମ୍ସରେ ଭର୍ତ୍ତି ହୋଇଥିଲେ। ଗତମାସ କୁମାଓଁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ଅଚେତ ହୋଇପଡ଼ିଥିଲେ। ସେବେଠାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିଲା।

ବିଶିଷ୍ଟ ଆଇନଜୀବୀ ରୂପେ ପରିଚିତ ଧନଖଡ଼ ତାଙ୍କର ରାଜନୈତିକ ଜୀବନ ଜନତା ଦଳ ଓ କଂଗ୍ରେସରୁ ଆରମ୍ଭ କରିଥିଲେ। ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ସେ ଜନତା ଦଳର ଲୋକସଭା ସଭ୍ୟ ଥିଲେ ଏବଂ ୧୯୯୦ରୁ ୧୯୯୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଥିଲେ। ୧୯୯୧ରେ କଂଗ୍ରେସରେ ଯୋଗଦେଇଥିଲେ। ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ ସେ ରାଜସ୍ଥାନ ବିଧାନସଭାରେ ବିଧାୟକ ଥିଲେ। ୨୦୦୩ରେ ସେ ବିଜେପିରେ ଯୋଗଦେଇଥିଲେ। ୨୦୧୯ରେ ତାଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା।

ପଶ୍ଚିମବଙ୍ଗ ରାଜ୍ୟପାଳ ଥିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ତାଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ୨୦୨୨ରେ ଉପରାଷ୍ଟ୍ରପତି ହେବାପରେ ମଧ୍ୟ ସେ ବିଭିନ୍ନ କାରଣକୁ ନେଇ ଚର୍ଚ୍ଚାରେ ଥିଲେ। ଗୃହ ପରିଚାଳନାରେ ପାତରଅନ୍ତର ଆଭିମୁଖ୍ୟ ଅଭିଯୋଗ କରି ବିରୋଧୀ ଦଳ ତାଙ୍କ ବିରୋଧରେ ଗତବର୍ଷ ଡିସେମ୍ବରରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ତେବେ ଅନାସ୍ଥା ନୋଟିସକୁ ଖାରଜ କରିଦେଇଥିଲେ ରାଜ୍ୟସଭା ଉପାଧ୍ୟକ୍ଷ। ଧନଖଡ଼ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଖୋଲାଖୋଲି ଓକିଲାତି କରିବା ସହିତ ବିଚାର ବିଭାଗୀୟ ବ୍ୟବସ୍ଥାକୁ ଟାର୍ଗେଟ କରୁଥିଲେ। ଏପରିକି ସୁପ୍ରିମ କୋର୍ଟଙ୍କ ଅନେକ ଆଦେଶ/ରାୟର ସେ ସମାଲୋଚନା କରିବାକୁ ମଧ୍ୟ ପଛାଇନଥିଲେ। ରାଜ୍ୟ ବିଧାନସଭାରେ ଗୃହୀତ ବିଲକୁ ଅନୁମୋଦନ ପାଇଁ ସୁପ୍ରିମକୋର୍ଟ ଉଭୟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିବାରୁ ଧନଖଡ଼ ଏହାର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ପରମାଣୁ ଅସ୍ତ୍ର ସହ ତୁଳନା କରିଥିଲେ।

### ଆରମ୍ଭରୁ ହଙ୍ଗାମା...

ସେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଅନୁମତି ଦେଇଥିଲେ। ଖଡ଼ଗେ କହିଥିଲେ ଯେ ପହଲଗାମରେ ଆକ୍ରମଣ କରିଥିବା ଆତଙ୍କବାଦୀ କୁଆଡ଼େ ଗଲେ? ସେମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ କାହିଁକି? ଉପରାଜ୍ୟପାଳ କହୁଛନ୍ତି ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମ ଆକ୍ରମଣ ହେଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୪ ଥର କହିଲେଣି ଯେ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ କିଛି କହୁ ନାହାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ଆଲୋଚନା ହେଉ ଏବଂ ପ୍ରଧାନମନ୍ତ୍ରୀ ଏହା ଉପରେ ଉତ୍ତର ରଖନ୍ତୁ। ଏହାପରେ ଗୃହର ନେତା ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କହିବା ଆରମ୍ଭ କରିଥିଲେ। ଏହାକୁ ନେଇ ଶାସକ ଓ ବିରୋଧୀ ସଭ୍ୟ ମୁହାଁମୁହିଁ ହୋଇଥିବା ବେଳେ ନଡ୍ଡା କହିଥିଲେ ଯେ କେବଳ ତାଙ୍କ କଥା ରେକର୍ଡଭୁକ୍ତ ହେବ ଏବଂ ବିରୋଧୀ କଥା ରେକର୍ଡକୁ ନିଆଯିବ ନାହିଁ। ସେହିଭଳି ଲୋକସଭା ମୁଲତବୀ ହେବାପରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଗୃହରେ ତାଙ୍କୁ କହିବା ଲାଗି ସୁଯୋଗ ଦିଆଯାଉ ନାହିଁ। ମନ୍ତ୍ରୀ ଓ ସେମାନଙ୍କ (ବିଜେପି) ସଭ୍ୟଙ୍କୁ କହିବାକୁ ଦିଆଯାଉଛି। କିନ୍ତୁ ସେ ବିରୋଧୀ ଦଳର ନେତା ହେବା ସତ୍ତ୍ୱେ କହିବାକୁ ସୁଯୋଗ ଦିଆଉ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ ସରକାର ଅପରେସନ ସିନ୍ଦୂର ପ୍ରସଙ୍ଗରେ ଆସନ୍ତା ସପ୍ତାହ ଆଲୋଚନା କରିବାକୁ ରାଜି ହୋଇଛନ୍ତି। ଲୋକସଭାରେ ଏଥିପାଇଁ ୧୬ ଘଣ୍ଟା ଏବଂ ରାଜ୍ୟସଭାରେ ୯ ଘଣ୍ଟା ସମୟ ଦିଆଯାଇଛି। ଅନ୍ୟାନ୍ୟ ସରକାରୀ ବିଲ ଉପରେ ଆଲୋଚନା ପାଇଁ ୧୨ ଘଣ୍ଟା ସମୟ ନିର୍ଦ୍ଧାରିତ କରାଯାଇଥିବା ଜଣାପଡ଼ିଛି। ଚଳିତ ସପ୍ତାହ ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉଥିବାରୁ ଅସନ୍ତା ସପ୍ତାହ ଏହା ଉପରେ ଆଲୋଚନା ହେବ ବୋଲି କୁହାଯାଉଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୃହ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଲୋକସଭାରେ ହଟ୍ଟଗୋଳ ମଧ୍ୟରେ କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏସଂପର୍କରେ ବାଚସ୍ପତିଙ୍କୁ ଦେଇଥିବା ନୋଟିସରେ ସାଂସଦ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି ନିର୍ଯାତନା ଦିଆଯାଉଥିଲା। ସେ ଏସଂପର୍କରେ କଲେଜ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ଶୁଣିନଥିଲେ। ଫଳରେ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ଦେଲେ। ଏଭଳି ଭୟଙ୍କର ଓ ଚିନ୍ତାଜନକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଇତିମଧ୍ୟରେ ସଂସଦ ମୁଲତବୀ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର କିଛି ବରିଷ୍ଠ କ୍ୟାବିନେଟ ମନ୍ତ୍ରୀଙ୍କ ସହିତ ଅଲୋଚନା କରିଛନ୍ତି। ଏହାପରେ ମନ୍ତ୍ରୀମାନଙ୍କର ଏକ ବୈଠକ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ଶୀତାମରଣ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ଶିବରାଜ ସିଂହ ଚୌହ୍ୱାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କିରଣ ରିଜିଜୁ ପ୍ରମୁଖ ଉପସ୍ଥିତ ଥିଲେ।

### ଇଡିକୁ ସୁପ୍ରିମକୋର୍ଟଙ୍କ...

ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ହାଇକୋର୍ଟଙ୍କ ଏକକ ଖଣ୍ଡପୀଠ ଦେଇଥିବା ରାୟରେ କୌଣସି ତ୍ରୁଟି ନାହିଁ। ତଥ୍ୟକୁ ଦେଖି ମାମଲାକୁ ଖାରଜ କରାଯାଉଛି। ଇଡି ଉପରେ କୌଣସି ଅପ୍ରୀତିକର ମନ୍ତବ୍ୟ ଦେଇ ନ ଥିବାରୁ ଏଏସଜିଙ୍କୁ ସୁପ୍ରିମକୋର୍ଟ ଧନ୍ୟବାଦ ଦେଇଛନ୍ତି।

### ଜେଲ ଗଲେ ଛାତ୍ର...

ଭିଡିଓ ଭାଇରାଲ ହୋଇଛି। ଏହି ଭିଡ଼ିଓରେ ପୀଡ଼ିତା ଓ ତଙ୍କର ବାନ୍ଧବୀଙ୍କ ସହ ଉଦିତ୍ ଓ ତାଙ୍କର ବନ୍ଧୁ ଆୟୁଷ୍ମାନ ଦେଖିବାକୁ ମିଳିଛି। ଏହି ଭିଡ଼ିଓ ଏବଂ ଫଟୋ ଭାଇରାଲ ହେବା ପରେ ଭିଡ଼ିଓ କରି ମୁହଁ ଖୋଲିଛନ୍ତି ଆୟୁଷ୍ମାନ। ସେ କହିଛନ୍ତି ଯେ, ଥାନାରେ ଦେଇଥିବା ଝିଅ କାହିଁ କେସ୍ ଦେଲା କଣ ପାଇଁ ଦେଲା ସେ ଜାଣିନାହାନ୍ତି; ତାଙ୍କର ଏଥିରେ କିଛି ଭୂମିକା ନାହିଁ। ମୁଁ ଆଉ ମୋ ସାଙ୍ଗ ହାଉସ୍ ପାର୍ଟି ପାଇଁ ଡାକିଥିଲୁ। ସେ ସେଠି ଡ୍ରିଙ୍କସ୍ ଏବଂ ସ୍ମୋକିଙ୍ଗ୍ କରେ। ଭାଇରାଲ ହୋଇଥିବା ଫଟୋ ଭିଡ଼ିଓରେ ସେଭଳି କିଛି ହୋଇନାହିଁ। ମୋର ଓ ମୋ ବନ୍ଧୁଙ୍କର ତା ସହ କୌଣସି ସମ୍ପର୍କ ନାହିଁ।

ଏନେଇ କମିଶନରେଟ ପୁଲିସ ଜୋନ ୫ ଏସିପି ବିଶ୍ୱରଞ୍ଜନ ସେନାପତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗିରଫ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଷ୍କର୍ମ ଶିକାର ହୋଇଥିବା ଯୁବତୀ ଜଣକ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ କରିଥିଲେ। ମାର୍ଚ୍ଚ ୧୮ ତାରିଖରେ ସମ୍ପୃକ୍ତ ଯୁବତୀ ତାଙ୍କର ଜଣେ ପୁଅ ସାଙ୍ଗ ଏବଂ ଜଣେ ଝିଅ ସାଙ୍ଗ ବୁଲିବାକୁ ଡାକିଥିଲେ। ସମସ୍ତେ ୪ ଚକିଆ ଗାଡିରେ ବୁଲିବାକୁ ଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ ପାଖରେ ଅନ୍ୟ ଜଣେ ଯୁବକ ଉଠିଥିଲେ। ଯୁବତୀ ଜଣକ ତାଙ୍କୁ ଚିହ୍ନି ନ ଥିଲେ ହେଁ ପରେ ସେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ବୋଲି ଜାଣିଥିଲେ। ସମସ୍ତେ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ ଅନ୍ୟମାନେ ମଦ୍ୟପାନ କରିଥିଲେ। ସେ ମଦ୍ୟପାନ ନ କରିବାରୁ ଉଦିତ ପ୍ରଧାନ ତାଙ୍କୁ ଏକ କୋଲ୍ଡ ଡ୍ରିଙ୍କ୍ସ ଆଣି ଦେଇଥିଲେ। କୋଲ୍ଡ ଡ୍ରିଙ୍କ୍ସ ପିଇବା ପରେ ସେ ଅସ୍ୱସ୍ତି ଅନୁଭବ କଲେ। ହୋସ ଫେରିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସେ ଜାଣି ପାରିଥିଲେ। ତାଙ୍କ ପାଖରେ ଉଦିତ୍ ମଧ୍ୟ ଶୋଇଥିଲେ। ଏହା ପରେ ଉଦିତ ତାଙ୍କୁ ଗାଳି ଗୁଲଜ କରିବା ସହ ପୁଲିସରେ ନ କହିବାକୁ ଧମକ ଦେଇଥିଲେ। ତେଣୁ ସେ ଭୟରେ ପୁଲିସରେ ଅଭିଯୋଗ ଆଣି ନ ଥିଲେ। ହେଲେ ଏବେ ମହିଳାଙ୍କ ସୁରକ୍ଷାକୁ ନେଇ ଏତେ ଘଟଣା ସାମ୍ନାକୁ ଆସିବା ପରେ ସେ ପୁଲିସ ନିକଟକୁ ଆସିବା ପାଇଁ ସାହସ କରି ପାରିଛନ୍ତି ବୋଲି ପୀଡ଼ିତା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଏତଲା ଆଧାରରେ ପୁଲିସ ଉଦିତ ପ୍ରଧାନଙ୍କ ବିରୋଧରେ ମଞ୍ଚେଶ୍ୱର ଥାନାରେ ଏକ ମାମଲା (ନଂ-୪୧୯) ରୁଜୁ କରିଛି। ଉଦିତଙ୍କ ବିରୋଧରେ ବିଏନ୍‌ଏସ୍ ଧାରା ୬୧(୧), ୧୨୩ ୩, ୨୯୬, ୭୪, ୩୫୧(୨) ଲଗାଯାଇଛି। ଗତ ଫେବ୍ରୁଆରୀ ୧ ତାରିଖରେ ଉଦିତ ଓ ଅନ୍ୟମାନେ ମିଳିତ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କ କାରକେଡକୁ ଅଟକେଇବାକୁ ଚେଷ୍ଟା କରିଥିଲେ। କାରକେଡ୍ ସାମ୍ନାରେ କଳା ପତାକା ଦେଖାଇ ହୋ ହଲ୍ଲା କରିବା ସହ କାର୍ଯ୍ୟରତ ଜଣେ ସବଇନ୍ସପେକ୍ଟରଙ୍କୁ ମାଡ଼ ମାରିଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା।

### ତିନି ଆର୍‌ଡିସି ଅଫିସ୍...

ଦୀର୍ଘ ୬ ମାସ ଲଢ଼ିବା ପରେ ଶେଷରେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ କରିବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗାଠାରେ ଗୋଟିଏ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟବିଦାରକ ଘଟଣା ଲୋକଲୋଚନକୁ ଆସିଛି। ଦୁଷ୍କର୍ମ, ଗଣଦୁଷ୍କର୍ମ ସଂପ୍ରତି ରାଜ୍ୟରେ ଏକ ନିତିଦିନିଆ ଘଟଣା ହୋଇଛି। ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି।

କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ସୁଲୋଚନା ଦାସ, ସୁବାସ ସିଂ, ଦେବାଶିଷ ସାମନ୍ତରାୟ, ପ୍ରଫୁଲ୍ଲ ସିଂ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁଭାଶିଷ ଖୁଣ୍ଟିଆ, ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ ଦାସ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

ସମ୍ବଲପୁର ଆର୍‌ଡିସି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ରୋହିତ ପୂଜାରୀ, କଳିକେଶ ନାରାୟଣ ସିଂହଦେଓ, ପ୍ରଦୀପ ଅମାତ, ରଜନୀକାନ୍ତ ସିଂ, ନଳିନୀକାନ୍ତ ପ୍ରଧାନ, ବର୍ଷା ସିଂ ବରିହା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୀତା ସାହୁ, ଅଳକା ମହାନ୍ତି, ସାରଦା ନାୟକ, ସୁଧୀର ସାମଲ, ମୁକେଶ ପାଲ୍, ମହେଶ ସାହୁ, ଆୟୁବ ଖାନ୍, ଅଧିରାଜ ପାଣିଗ୍ରାହୀ, ଲମ୍ବୋଦର ନିଆଲ ପ୍ରମୁଖ ସାମିଲ ଥିଲେ।

ବ୍ରହ୍ମପୁର ଆର୍‌ଡିସି ଅଫିସ୍ ସମ୍ମୁଖରେ ବିଜେଡିର ବିକ୍ଷୋଭରେ ସଞ୍ଜୟ କୁମାର ଦାସବର୍ମା, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ମନୋହର ରନ୍ଧାରୀ, ମାନସ ମାଡକାମୀ, ଝିନ ହିକକା, ରୂପେଶ ପାଣିଗ୍ରାହୀ, ଭାସ୍କର ରାଓ, ଜଗନ୍ନାଥ ସାରକା, ଚକ୍ରମଣୀ କହଁର, ବିକ୍ରମ ଆରୁଖ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସଙ୍ଘମିତ୍ରା ଦଳେଇ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଦୀପ କୁମାର ଦିଶାରୀ, ପୁଷ୍ପେନ୍ଦ୍ର ସିଂହଦେଓ, ପଦ୍ମିନୀ ଦିଆନ, ମନୋରମା ମହାନ୍ତି, ରଘୁନାଥ ଗମାଙ୍ଗୋ, ରମେଶ ମାଝୀ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ସୁବାସ ବେହେରା, ବିପ୍ଳବ ପାତ୍ର, ସୂର୍ଯ୍ୟମଣୀ ବୈଦ୍ୟ, ତୁମ୍ବନାଥ ପଣ୍ଡା, ଚକ୍ରମଣୀ କହଁର, ପ୍ରଭୁ ଜାନି, ନନ୍ଦିନୀ ଦେବୀ, ଶ୍ରୀ ଶ୍ରୀରୂପ ଦେବ ଅନୁସୂୟା ମାଝୀ ପ୍ରମୁଖ ସାମିଲ ଥିଲେ।

### ନାବାଳିକା ହକି...

ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତା'ର ବୟାନ ରେକର୍ଡ କରାଯାଇଛି। ପୁଲିସ ମଧ୍ୟ ଗତ ରବିବାର ରାତିରେ ନାବାଳିକାର ବୟାନ ରେକର୍ଡ କରିଥିଲା। ତେବେ ଏହି ଘଟଣା ଗତ ୩ ତାରିଖରୁ ହୋଇଥିଲେ ମଧ୍ୟ କାହିଁକି ମାମଲା ରୁଜୁ ପାଇଁ ବିଳମ୍ବ ହେଉଥିଲା ଏବଂ ଯେଉଁ ଲଜ୍‌ରେ ଏଭଳି ଅଭିଯୋଗ ହୋଇଛି, ସେହି ଲଜ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ଏନେଇ ଯାଜପୁର ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ରଙ୍କୁ ଚାରିବାରେ ଘଟଣା ସଂପର୍କରେ ତଦନ୍ତ ଚାଲିଛି ଏବଂ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

### ଥାନାରେ ବିଷ...

ରହିଥିବା ସୂଚନା ମିଳିଛି। ମାତ୍ର ଯୁବତୀଜଣଙ୍କ ଆଲୋକଙ୍କ ନାଁରେ ବାରମ୍ବାର ଅଭିଯୋଗ କରିଆସୁଥିବା ଜଣାପଡ଼ିଛି। ଯୁବତୀଜଣଙ୍କ ବାରମ୍ବାର ଥାନାକୁ ଆସି ଆଲୋକ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ବିରୁଦ୍ଧରେ ଏତଲା ପରେ ଏତଲା ଦେଇଆସୁଥିଲେ। ଏହାକୁ ପୁଲିସ ଅନୁଧ୍ୟାନ କରିବା ବେଳେ ମିଛ ବୋଲି ଜାଣିବାକୁ ପାଇଥିଲା।

ଗତ କିଛି ଦିନ ହେବ ଆଲୋକ ଜାମିନ ପାଇବା ପରେ ତାଙ୍କ ପରିବାର ପିଙ୍କିଙ୍କ ପରିବାର ସଦସ୍ୟଙ୍କୁ ହଇରାଣ କରିବା ସହ ମାରପିଟ୍ କରୁଥିବା ଅଭିଯୋଗ କରିଥିଲେ। ରବିବାର ପିଙ୍କିଙ୍କ ଭାଇଙ୍କୁ ଆଲୋକଙ୍କ ପରିବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉଭୟଙ୍କୁ ସୋମବାର ଥାନାକୁ ଡାକିଥିଲା। ଥାନାରେ କିଛି ପୁଲିସ ପିଙ୍କିଙ୍କୁ ଧମକାଇବା ସହ ତାଙ୍କ ଭାଇଙ୍କୁ ଗିରଫ କରିବାକୁ ଧମକ ଦେଇଥିବା ପିଙ୍କି ଅଭିଯୋଗ କରିଛନ୍ତି। ଏହାପରେ ହଠାତ୍ ପିଙ୍କି ଏକ କୀଟନାଶକ ଔଷଧ ଆଣି ଥାନା ପରିସରରେ ପିଇ ଦେଇଥିଲେ। ପୁଲିସ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଯୁବତୀଙ୍କ ଅବସ୍ଥା ସ୍ଥିର ଥିଲେ ମଧ୍ୟ ବିପଦ ଆଶଙ୍କା ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ଡାକ୍ତର କହିଛନ୍ତି। ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଯୁବତୀଙ୍କ ବୟାନ ରେକର୍ଡ କରିଛନ୍ତି।

### ବିଲ ମଝିରୁ...

ସେଠାରୁ ବିଲ ରାସ୍ତା ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ତାଙ୍କ ମୁହଁରେ ଗାମୁଛା ପକାଇ ଟେକିନେଇଥିଲେ। ପରେ ଏକ ନିଛାଟିଆ ଜାଗାରେ ଗଣଦୁଷ୍କର୍ମ କରିଥିଲେ। ତେବେ କୌଶଳକ୍ରମେ ଯୁବତୀଜଣଙ୍କ ସେଠାରୁ ଖସି ଘରକୁ ପଳାଇ ଆସିଥିଲେ। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

■ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପ୍ରୀତିରଞ୍ଜନ

## 'ମାନପୁର ଓଭର ବ୍ରିଜ୍ କାମ ଶୀଘ୍ର ସାର'

ଦାନଗଦି, ୨୧।୭ (ସମିସ): ମାନପୁର ଓଭରବ୍ରିଜ୍ କାମ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ। ଯାଜପୁର ଜିଲ୍ଲା ସୁକିନ୍ଦା କ୍ରୋମାଇଟ ଖଣି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ବ୍ୟାସନଗର ମ୍ୟୁନିସିପାଲଟି, ଜିଲ୍ଲା ମୁଖ୍ୟାଳୟ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ମୁଖ୍ୟାଳୟ ସହିତ ସଂଯୋଗ କରୁଛି ଡୁବୁରୀ-ଚୋରଦା ରାସ୍ତା। ଏହି ରାସ୍ତାରେ ଥିବା ମାନପୁର ରେଲୱେ ଓଭରବ୍ରିଜ ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସବୁ ସୃଷ୍ଟି ହୋଇଛି। ଫଳରେ ଏହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିପଦର କାରଣ ସାଜିଛି। ତୁରନ୍ତ ମରାମତି କରା ନଗଲେ କୌଣସି ମୁହୂର୍ତ୍ତରେ ଏହି ବ୍ରିଜ୍ ଭୁଶୁଡ଼ି ପଡ଼ିବାର ଆଶଙ୍କା ଅଛି। ପ୍ରତିଦିନ ଓଭରବ୍ରିଜ ଜାମ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିରେ ସୁଧାର ଆଣିବା ପାଇଁ ୨୦୧୯-୨୦ ମସିହାରେ ଦ୍ୱିତୀୟ ଓଭରବ୍ରିଜ୍ କାମ ଆରମ୍ଭ କରାଯାଇଥିଲା। ତାହା ଏବେ ଅଧାରେ ଅଟକି ରହିଛି। ଏଣୁ ମାନପୁର ଓଭରବ୍ରିଜର ମରାମତି କାମ ଓ ଦ୍ୱିତୀୟ ଓଭରବ୍ରିଜ ଏବଂ ରେଲୱେ ଓଭର ବ୍ରିଜ୍ କାମ ତୁରନ୍ତ ଆରମ୍ଭ କରିବାକୁ ଇଂ. ଘଡ଼ାଇ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଦାବି କରିଛନ୍ତି।


**AFFIDAVIT**

By virtue of an affidavit sworn before The Executive Magistrate, Padampur, Date- 21/07/2025. I, **Ugresan Sahu**, Address: At- Amlipali, Po- Raisalpadar, Dist- Bargarh, PIN- 768037, Odisha declared that, I have changed the name of my son from **Bijay Sahu** (old name) to **Bijaya Sahu** (new name). Henceforth, he shall be known as **Bijaya Sahu** (new name) for all purposes.

**Ugresan Sahu**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 21.07.2025, I, Sri Paparao Gunjia, S/o- Ghasi Gunjia, Vill.- Narasinghpur, Po.- Parajabadapada, Ps.- Padwa, District- Koraput declare that I have changed my daughter's name from **Trisha Gujia** to **Tirisa Gunjia**. Henceforth, my daughter shall be known as **Tirisa Gunjia** for all purposes.

**Sd/- Paparao Gunjia**


e-Procurement Notice

**OFFICE OF THE NOTIFIED AREA COUNCIL, GOPALPUR, Tender Call Notice,**

**No: 229 dt: 19-07-2025**

**Bid Identification No: 02/2025-26**

Bid documents consisting of work, estimated cost, cost of tender paper, time of completion, class of contractors, and terms and conditions can be seen at: www.tendersorissa.gov.in

| | |
|---|---|
| Total Number of Civil works. | 8 Nos. |
| Estimated Cost | Rs.3.0 Lakh to 19 Lakh |
| Date & time of availability of Bid Documents in the portal | 10.00 A.M of dt. 21.07.2025 to 16.00 P.M of dt. 30.07.2025 for online bidding |
| Last Date of receive of Bid through Online | 16.00 P.M of dt. 30.07.2025 |
| Date of opening of Bid | 11.00 A.M. on Dt. 31.07.2025 |

Sd/- Executive Officer
N.A.C. Gopalpur

C-712 OIPR - 13186/11/0021/2526

CAD-1190

Email: itdagnp@od.gov.in

**GOVERNMENT OF ODISHA**
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**
**E-Procurement Notice**
**Bid Identification No: ITDAGNP – Online – 01 / 2025-26**

No. 1601/VII-89/2025 Date: 18.07.2025

1 Name of the Work : Construction of Building Works
2 Total No. of Works : 48 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online- 01/2025-26 | 22.07.2025 at 10.00 A.M. | 05.08.2025 up to 5.00 P.M. | 05.08.2025 up to 5.00 P.M. | 06.08.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

Project Administrator,
I.T.D.A., Gunupur.

OIPR - 26072/11/0008/2526


**AFFIDAVIT**

By virtue of an affidavit Sl. No.- 4883 before Executive Magistrate, Kanika, dtd 10/07/2025. I Binodinee Dash, W/o- Sasadhar Malik, Vill.- Kothasahi, Po.- Giria, Ps.- Rajkanika, Dist. - Kendrapara, Pin- 754220 declare that, my minor son's name has been changed from **Rudra Malik to Rudradev Malik**. Henceforth he will be known as **Rudradev Malik** for all future purposes.

**AFFIDAVIT**

By virtue of an affidavit before Executive Magistrate, K.S.Nagar, Ganjam, no.830 dtd.19.7.2025 I Sri Shankar Sahu, S/o- Bijaya Sahu, resident of Village/Po.- Barida-A, Ps.- Kabisurya Nagar, Dist.- Ganjam, Odisha state that, my daughter's name is **Adyasha Sahu, D/o- Shankar Sahu**. But in her Aadhar card her name has been wrongly mentioned as Mamata Sahu, C/o- Sankar Sahu. Please correct the name in my daughter's Aadhar as **Adyasha Sahu, D/o- Shankar Sahu.**

**AFFIDAVIT**

I, K Sanjita, W/o.: K Govinda Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 209, Dtd: 12.07.2025 that now onwards I shall be known as **K Sanjita Patra** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 09/06/2025 I, Sri Dhanurjaya Tangul, S/o- Bhikari Tangul, Village - Balda, Post- Balda, PS. - Padua, Dist. - Koraput declare that, I have changed my name from **Danurjana Tagila, S/o- Bhikari Tagura** to **Dhanurjaya Tangul S/o- Bhikari Tangul**. Henceforth, I shall be known as **Dhanurjaya Tangul, S/o- Bhikari Tangul** for all purpose.

**Sd/- Dhanurjaya Tangul**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 21/07/2025. I, **Lipi Dharua** (new name), formerly called as **Bimala Dharua** (old name), W/o Swagat Patra, permanent resident of AT/PO- Rigdul, P.S. Titilagarh, Dist- Bolangir, (Odisha), PIN-767033 now residing at the same place affirm that I have changed my name from **Bimala Dharua** (old name) To **Lipi Dharua** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lipi Dharua** (new name).

**Lipi Dharua**

**AFFIDAVIT**

I, Manas Maheswar Maharana, S/o- Maheswar Maharana, resident of Plot No- F-25, CDA, Sector-6, P.S- Markat Nagar, Dist- Cuttack, PIN- 753014, Odisha declare by this affidavit No. 70AA 129247, dated- 03/07/2025 that now onward I shall be known as **MANAS MAHARANA** for all future purpose.


**In the Court of the Senior Civil Judge, Angul**
**Civil Suit No. 358 of 2013**

**Gouranga Sahu & Others ...Plaintiffs**
**Vs.**
**Panchu Sahu & Others ...Defendants**

**NOTICE UNDER ORDER 5 RULE 20 (1)(A) CPC**

To:
1.(D 21-a) Rukmuni Sahu, W/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul,
2. (D 21-b) Runu Sahu, D/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul.
3. (D 21-c) Tuni Sahu, D/o – Late Panchanan Sahu, AT – Ambapal, PO–Patakumunda, PS – Bagedia, SD/Dist – Angul.

Whereas the above-named, Plaintiffs have instituted the above suit against you for partition and allotment of separate share. In the suit you were previously summoned to appear in this Court by person or by your pleader duly instructed and able to answer all material questions relating to the suit. But in spite of all endeavor of the Plaintiffs, you evaded the Court process. As such you are hereby once again summoned to appear in the Court on dated **07.08.2025 at 10:30 A.M.** failing which or in your absence, the suit will be heard and determined in your absence. Given under my hand and the seal of the Court, this **19th day of May 2025.**

**Sd/- Senior Civil Judge, Angul**


**AFFIDAVIT**

By Virtue of an affidavit SL.No- 2182/25, dtd 21.07.2025 before the Notary Public, Malkangiri,I, Nande Padiami, I have changed my name from **Mande Padiami** to **Nande Padiami**. Henceforth I shall be known as **Nande Padiami** for all purpose.

**Sd/- Nande Padiami**

**AFFIDAVIT**

By virtue of an affidavit vide No.: 31418, dated-19.07.2025, sworn before the notary public, Bhubaneswar, I, G. Rameswari, W/o.: R. Santosh Kumar Reddy, Resident of Plot No.: K2-146, Kalinga Nagar, Ghatikia, Bhubaneswar, PIN-751029, Dist.: Khordha, Odisha, do hereby declare that I have changed my name from G. Rameswari to R. Rameswari Reddy for all future purposes. Henceforth, I shall be known as **R. Rameswari Reddy.**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/07/2025, I, Sri Deba Khillo, S/o- Ghadua Khillo, Village - Raising, Post - Raising, PS. - Padua, Dist. - Koraput declare that, I have changed my son's name from **Sukant Khila** to **Sushanta Khillo**. Henceforth, My son shall be known as **Sushanta Khillo** for all purpose.

**Sd/- Deba Khillo**

**AFFIDAVIT**

I Sanjaya Kumar Mahananda(55),residence of Mandal, P.S.Belpara Dist.Balangir,hereby declare that I have changed my name from **Sanjaya Kumar Mahananda** to **Sanjay Kumar Nanda** vide affidavit no.2377 dated 21.07.2025 before the Executive Magistrate Balangir Hence i will known as **Sanjay Nanda** for all purpose.

**AFFIDAVIT**

I, K Govind Rao, S/o.: K Sriram Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 208, Dtd: 12.07.2025 that now onwards I shall be known as **K Govinda Rao** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/06/2025 I Sri Laxman Gemel, S/o- Bhanja Gemel Vill:- Sadam, Po.-Sadam, Ps. -Pottangi, Dist. - Koraput declare that, I have changed my Daughters name from **Manjula Gemel** to **Tilottama Gemel**. Henceforth, My Daughter shall be known as **Tilottama Gemel** for all purpose.

**Sd/- Laxman Gemel**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar C.F. No. 116, on dated 14/07/2025, I GURUDEV SAHOO, S/o Late Sarat Kumar Sahoo resident of Village At- Gadakan Upar Sahi (Padma Bhawan), Po- Mancheswar Railway Colony, Ps- Mancheswar, Dist- Khordha, Odisha - 751017 declare that I have changed my minor son's name from AMRITANSHU SAHOO to AMRITANSU SAHOO. Henceforth, he shall be known as AMRITANSU SAHOO for all future purposes.

Sd- GURUDEV SAHOO

**AFFIDAVIT**

I declare that my name is **Mumtaz Khatoon,** D/o- Mohiuddin Khan, resident of Vill- Manapur, Po- Bisanpur, Ps- Krushnanandapur, Dist- Jagatsinghpur, Odisha, my actually DOB is **07.11.2002**, but wrongly in my Aadhaar Card No- 9317 1877 1508, my name is written as **Mamataj Beggum**, D/o- Mohiuddin khan and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and DOB- **07.11.2002** in all and everywhere in this name from now.

**Mumtaz Khatoon**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 19/07/2025. I, **Mohammad Mustakim** (new name), formerly called as **MD Mustakiam** (old name), S/o Pharuk Mohammad, permanent resident of AT- Sagarapara Prathamagali, P.O. Titilagarh, P.S. Titilagarh, Dist- Balangir, (Odisha), PIN- 767033 affirm that I have changed my name from **MD Mustakiam** (old name) To **Mohammad Mustakim** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mohammad Mustakim** (new name).

**Mohammad Mustakim**

### କୁଆଁରିଆ ହରିଣ ପାର୍କ କେଳେଙ୍କାରୀ

# ୬ ବର୍ଷ ଧରି ଗୋଟିଏ ସ୍ଥାନରେ ବନପାଳ

ନୟାଗଡ଼,୨୧।୭ (ସମିସ)



ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ବାଣିଗୋଛା ପୂର୍ବ ବନାଞ୍ଚଳ ଅଧୀନରେ ରହିଛି ହରିଣ ପାର୍କ। ଏହି ହରିଣ ପାର୍କରେ ହରିଣଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣରେ ବ୍ୟାପକ ହେରାଫେରି ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଗୋଟିଏ ବର୍ଷରେ ୪୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହରିଣଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ଯାହାକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ଦାୟିତ୍ୱରେ ଥିବା ବନପାଳ ମନୋରମା ସ୍ୱାଇଁଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଏହି ବନପାଳଙ୍କୁ ଦୀର୍ଘ ୬ ବର୍ଷ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ କରାଯିବା ପଛର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି। ଶ୍ରୀମତି ସ୍ୱାଇଁ ବାଣିଗୋଛା ପୂର୍ବ ବନାଞ୍ଚଳ ତଥା କୁଆଁରିଆରେ ୨୦୧୯ ମସିହା ଜୁଲାଇ ୩୦ ତାରିଖଠାରୁ ୨୦୨୪ ମସିହା ଫେବୃୟାରୀ ୨୭ ତାରିଖ ପର୍ଯ୍ୟନ୍ତ ବନରକ୍ଷୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ପଦୋନ୍ନତୀ ପରେ ୨୦୨୪ ମସିହା ଫେବୃୟାରୀ ୨୮ ତାରିଖଠାରୁ ଅଦ୍ୟାବଧି ସେ ଉକ୍ତ ସ୍ଥାନରେ ବନପାଳ ଭାବେ କାର୍ଯ୍ୟ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ୩ ବର୍ଷରେ ବଦଳି ହେବାର ନିୟମ ରହିଥିବା ବେଳେ କେଉଁ ନିୟମ ବଳରେ ତାଙ୍କୁ ୬ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଛି ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ କୁଆଁରିଆଠାରେ ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଥିଲା ହରିଣ ପାକ। ପୂର୍ବତନ ମନ୍ତ୍ରୀ ତଥା ଦଶପଲ୍ଲା ବିଧାୟକ ହରିହର କରଣଙ୍କ ଉଦ୍ୟମରେ ୭ଟି ହରିଣକୁ ନେଇ ପ୍ରାୟ ୭ ଏକର ଶାଳବଣରେ ଆରମ୍ଭ ହୋଇଥିଲା। ୧୯୮୫ ମସିହାରୁ ୨୦୨୫ ମସିହା ଦୀର୍ଘବର୍ଷ ମଧ୍ୟରେ ହରିଣଙ୍କ ସଂଖ୍ୟା ବୃଦ୍ଧିପାଇ ୨୮୩ରେ ପହଞ୍ଚିଛି। ପ୍ରତିବର୍ଷ କିଛି ହରିଣ ଜନ୍ମ ନେଉଛନ୍ତି ଏବଂ କିଛି ମୃତ୍ୟୁବରଣ କରିଛନ୍ତି। ଏବେ ହରିଣ ପାର୍କରେ ମାଇ ଏବଂ ଅଣ୍ଡିରା ହରିଣ ମିଶି ୨୮୩ଟି ରହିଥିବା ସୂଚନା ମିଳିଛି। ସେମାନଙ୍କ ରକ୍ଷଣାବେକ୍ଷଣରେ ବ୍ୟାପକ ଅବ୍ୟବସ୍ଥା ସହ ହରିଣଙ୍କ ଆଶ୍ରୟ ପାଇଁ ନିର୍ମାଣ କରାଯାଇଥିବା ପାର୍କ ଏବେ ସେମାନଙ୍କ ପାଇଁ ମୃତ୍ୟୁ ଜାଲ ପାଲଟିଛି। କାଳକ୍ରମେ ଶାଳବଣରେ ଥିବା ୯୦ ପ୍ରତିଶତ ଗଛ ବିଲୋପ ଘଟିଥିବା ବେଳେ ଧୁଧୁ ଖରାରେ ହରିଣ ଗୁଡ଼ିକ ସିଝୁଛନ୍ତି। ବିଭାଗ ପକ୍ଷରୁ ପ୍ରତି ହରିଣକୁ ଦୈନିକ ଦାନା ଦିଆଯାଉଥିବା ବେଳେ କଞ୍ଚା ଡାଳ ଖାଇବାକୁ ଦିଆଯାଉଛି। ପାର୍କ ପରିସରରେ ମାଟି ମଧ୍ୟ ନିୟମିତ ବ୍ୟବଧାନରେ ପରିବର୍ତ୍ତନର ଆବଶ୍ୟକତା ଥିବା ବେଳେ ତାହା କରାଯାଉନଥିବା ଦେଖାଯାଇଛି। ସାମାନ୍ୟ ବର୍ଷାରେ ମାଟିର ଅବସ୍ଥା ଯାହା ହେଉଛି, ହରିଣଙ୍କୁ ସଂକ୍ରମଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ୭ ଏକର ଭୂଖଣ୍ଡ ମଧ୍ୟ କମି ୬ ଏକରରେ ପହଞ୍ଚିଛତ। ତାହାର କାରଣ ଜଣାପଡ଼ିନଥିବା ବେଳେ ୨୮୩ ହରିଣଙ୍କ ଚଳପ୍ରଚଳ ପାଇଁ ଏହା ପ୍ରର୍ଯ୍ୟାପ୍ତ ନୁହେଁ ବୋଲି ଜଣାଯାଇଛି। ହରିଣଙ୍କ ରକ୍ଷଣାବେକ୍ଷଣ ଏବଂ ଖାଦ୍ୟପେୟ ବାବଦରେ ସିଂଘ ଭାଗ ଚଳୁ କରାଯାଉଥିବା ଅଭିଯୋଗ ହେଉଛି। ୨୦୨୪ ମସିହା ମାର୍ଚ୍ଚରୁ ୨୦୨୫ ମସିହା ମଧ୍ୟରେ ହରିଣଙ୍କ ଖାଦ୍ୟ (ଦାନା) ବାବଦରେ ୨୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହି ଖାଦ୍ୟ ସରକାରୀ ଅନୁଷ୍ଠାନ ଓପେଲଫେଡଠାରୁ କ୍ରୟ କରାଯାଇଥିବା ସୂଚନା ମିଳିଛି। ସେହିଭଳି ଭାବେ ବର୍ଷକ ମଧ୍ୟରେ ହରିଣଙ୍କ ଔଷଧ ବାବଦରେ ୬୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ବେଳେ କଞ୍ଚା ଡାଳ ସଂଗ୍ରହ ଏବଂ ୧୦ ଜଣ ଜଗୁଆଳୀଙ୍କ ବେତନ ବାବଦକୁ ୧୮ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟ କରାଯାଇଛି। ଗୋଟିଏ ବର୍ଷ ମଧ୍ୟରେ ୪୫ ଲକ୍ଷ ୨ ହଜାର ଟଙ୍କା ବ୍ୟୟ ହୋଇଥିବା ବେଳେ ଏହା କେବଳ କାଗଜପତ୍ରରେ କରାଯାଇଥିବା ଦଶପଲ୍ଲାର ଅନେକ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ହରିଣଙ୍କ ଖାଦ୍ୟ ବାବଦରେ ହୋଇଥିବା ବ୍ୟୟ ବରାଦରୁ ସିଂହଭାଗ ବନପାଳ ଏବଂ ଅନ୍ୟାନ କର୍ମାରୀ ମିଶି ଚଳୁ କରୁଥିବା ଅଭିଯୋଗ ହୋଇଛି। ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ନୀଳମାଧବ ମନ୍ଦିରରେ ନାହିଁ ଅଫିସ ଗୃହ



କଣ୍ଟିଲୋ,୨୧।୭ (ସମିସ): ନୀଳମାଧବ ମନ୍ଦିର ପ୍ରଶାସନିକ ଅଫିସ ଗୃହ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇନଥିବା ଅଭିଯୋଗ ହୋଇଛି। ମନ୍ଦିର ଉପରେ ଏକ ଛୋଟ ଗମ୍ଭୀରା ଘରେ ଚାଲିଛି ଅଫିସ। ସେଠି କୌଣସି ବୋର୍ଡ ଲଗାଯାଇନାହିଁ। ପ୍ରାୟ ୧୦ ବର୍ଷ ପୂର୍ବରୁ ୨୦୧୫ରେ ନୀଳମାଧବ ମନ୍ଦିର ପୂର୍ବ ଦ୍ୱାର ଠାରେ ଏକ ଚାଳ ଘରେ ଚାଲିଥିବା ଅଫିସ ଗୃହକୁ ୨ମହଲା ବିଶିଷ୍ଟ କୋଠାରେ ପରିଣତ କରାଯିବା ପାଇଁ ଓଟିଡିସି ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କାର୍ଯ୍ୟ ଇନ୍‌ଟାକ ମାଧ୍ୟମରେ ହୋଇଥିଲା। ତେବେ ଉକ୍ତ ଅଫିସ ଗୃହ କିନ୍ତୁ ସମ୍ପୂର୍ଣ୍ଣ ହୋଇପାରିନଥିଲା। ନିମ୍ନମାନର ନିର୍ମାଣ କାର୍ଯ୍ୟ ଓ ଅବଧି ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିପାରିନଥିବାରୁ ତତ୍କାଳୀନ ଜିଲ୍ଲାପାଳ ପୋମା ଟୁଡୁ ଇନଟାକ ସହିତ ବୁଝାମଣା ରଦ୍ଦ କରିଥିଲେ ଓ ଅଫିସ ନିର୍ମାଣ ଶେଷ କରିବାକୁ ନୀଳମାଧବ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ହାତକୁ ନେଇଥିବା ଓବିସିସିକୁ ନିର୍ଦ୍ଦେଶ ଦେଇଥିଲେ। ଅଫିସ ଗୃହର ପୁନଃ ନିର୍ମାଣ ରୂପାନ୍ତରଣ ଯୋଜନାରେ ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ସିଂହଦ୍ୱାରର ଉନ୍ନତିକରଣ ଯଥା ଅଫିସ ଗୃହ ନିର୍ମାଣ ସମେତ ହସ୍ତପାଦ ପ୍ରକ୍ଷାଳନ କେନ୍ଦ୍ର, ପର୍ଯ୍ୟଟକ ବିଶ୍ରାମ କକ୍ଷ ଆଦି ପୂର୍ବ ଦ୍ୱାରର ବିକାଶ କାର୍ଯ୍ୟ ହୋଇପାରିନାହିଁ। ତେବେ ଗୁରୁତ୍ୱପୂର୍ଣ୍ଣ ଯେ ପୂର୍ବରୁ ଇନ୍‌ଟାକ ଅଫିସ ଗୃହ ସମ୍ପୂର୍ଣ୍ଣ ନକରି ୩୫ଲକ୍ଷ ଟଙ୍କା ବିଲ ନେଇସାରିଥିବା ବେଳେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଏବେ ଏହି ୨ମହଲା କୋଠା ନିମ୍ନ ମାନର ନିର୍ମାଣ ହେତୁ ଭୁଶୁଡିବା ଆଶଙ୍କା ସୃଷ୍ଟି ହୋଇଛି। ନୀଳମାଧବ ରୂପାନ୍ତରଣ କାର୍ଯ୍ୟ ଗତ ୩ ବର୍ଷ ଧରି ଚାଲିଥିଲେ ବି ବିସ୍ଥାପନ ସମସ୍ୟା ଯୋଗୁଁ ଏ ପର୍ଯ୍ୟନ୍ତ ପୂର୍ବଦ୍ୱାର ବିକାଶ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରଶାସନ ନୀଳମାଧବ ମନ୍ଦିର ଅଫିସ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବୀ ହେଉଛି।

### ● କାଉଡ଼ିଆଙ୍କ ଅଟୋ ଦୁର୍ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

ନୟାଗଡ଼/ଶରଣକୁଳ,୨୧।୭ (ସମିସ): ଅଟୋ ଏବଂ ପିକଅପ୍ ଦୁର୍ଘଟଣାରେ ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ସାତଜଣ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ଶରଣକୁଳ ଥାନା ଅନ୍ତର୍ଗତ କଲ୍ୟାଣପୁର ସ୍କୁଲ ନିକଟରେ ରବିବାର ଭୋର ପ୍ରାୟ ୩ଟା ସମୟରେ ସାତ ଜଣ କାଉଡିଆଙ୍କୁ ନେଇ ନୟାଗଡ଼ ପଟୁ ଆସୁଥିବା ଏକ ଅଟୋ ରିକ୍ସା ସହିତ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ମହିଳା କାଉଡିଆ ଶରଣକୁଳ ନିକଟସ୍ଥ କଟରାଝରି ଗ୍ରାମର ପୂଜା ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଆହତ ହୋଇଥିବା ଖୋର୍ଦ୍ଧା ସ୍ୱପ୍ନେଶ୍ୱରପୁର ଗ୍ରାମର ଗୀତାଞ୍ଜଳୀ ସୁନ୍ଦରାୟ, ବଡଦେଶ ହରିପୁର ଗ୍ରାମର ଝରଣା ପ୍ରଧାନ ଓ ଦୀପକ ପ୍ରଧାନ, କଟକଜିଲ୍ଲା ନରସିଂହପୁରର ରିଙ୍କି ଗୁରୁ, ମଗରବନ୍ଧ ପଞ୍ଚାୟତ ବିଟଳଗାଡ଼ିଆର ରମା ଦାସ, ସିଙ୍ଗାରପୁର ଗ୍ରାମର ସାହିଲ ପ୍ରଧାନ ଓ ନୟାଗଡ଼ ପାଣିପୋଇଲା ଗ୍ରାମର ଅଟୋ ଚାଳକ ଘନଶ୍ୟାମ ପଡ଼ିଆରୀ ଚିକିତ୍ସାଧୀନ ରହିଥିଲେ। ସେମାନଙ୍କ ମଧ୍ୟରୁ ବିଟଳଗାଡ଼ିଆ ଗ୍ରାମର ରମା ଦାସଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାକୁ ନେଇ ଶରଣକୁଳ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ଓଡ଼ଗାଁ,୨୧।୭ (ସମିସ): ଓଡ଼ଗାଁ ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ କଦଳୀ ବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଓ ରଘୁନାଥ ମଲିକଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ହତା ମଧ୍ୟରେ ବଉଳ, ଚମ୍ପା, ଅଁଳା, ବାଦାମ ବୃକ୍ଷରୋପଣ କରାଯାଇଛି। ବିମଳ ବାରିକ, ଲକ୍ଷ୍ମଣ ତ୍ରିପାଠୀ, ପ୍ରକୃତିବନ୍ଧୁ ଶିକ୍ଷକ ରଞ୍ଜନ କୁମାର ଦାଶ, ନିରଞ୍ଜନ ରଥ, ସ୍ୱାଗତିକା ମହାପାତ୍ର,



ଚିନ୍ମୟ ସାଥୁଆ, ସସ୍ମିତା ନାୟକ, ଗୌରାଙ୍ଗ ମୁଦୁଲି ଓ ଅନୁଜ ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ। ପୂର୍ବରୁ ଲଗାଯାଇଥିବା ଗଛ ଗୁଡିକ ବଞ୍ଚି ରହିଥିବା ପରି ଯତ୍ନର ସହିତ ଆଜିର ଗଛ ଗୁଡ଼ିକୁ ବଞ୍ଚାଇ ରଖିବାକୁ ସଭିଏଁ ଶପଥ ନେଇଥିଲେ। ସେହିପରି କଦଳୀ ବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଦାଶ ଓ ଶିକ୍ଷିକା ରୀତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଓ ମା'ମାନଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅଭିଭାବକ ମାନେ ଭୂୟସୀ ପ୍ରଶଂସା କରିଛନ୍ତି।

## ପିତୃମାତୃହୀନ ଶିଶୁଙ୍କ ସର୍ଭେ ଶେଷ

ନୟାଗଡ଼,୨୧।୭ (ସମିସ): ନୟାଗଡ଼ ଜିଲ୍ଲା ଶିଶୁ ସମାଜ ମଙ୍ଗଳ ଓ ଶିଶୁ ସୁରକ୍ଷା ୟୁନିଟ ଓ ବିଭାଗ ପକ୍ଷରୁ ଜିଲ୍ଲାରେ ପିତୃମାତୃହୀନ ଓ ଏକକ ଅଭିଭାବକ ଶିଶୁଙ୍କ ସର୍ବେକ୍ଷଣ ସମାପ୍ତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ମାର୍ଗଦର୍ଶିକା ଅନୁଯାୟୀ ଜୁଲାଇ ୧୧ ରୁ ୨୧ ତାରିଖ ମଧ୍ୟରେ ଅଙ୍ଗନବାଡ଼ି କର୍ମୀମାନେ ଘରକୁ ଘର ଯାଇ ଏହି ସର୍ବେକ୍ଷଣ କାର୍ଯ୍ୟ ସମାପନ କରିଛନ୍ତି। ଏହି ସର୍ବେକ୍ଷଣ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ସ୍ଥିତିକୁ ବିଶ୍ଳେଷଣ କରି ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ଥଇଥାନ କରାଯିବା ପାଇଁ ଯୋଜନା କରାଯାଇଛି। ଏକକ ଅଭିଭାବକ ଶିଶୁଙ୍କ କ୍ଷେତ୍ରରେ ଯେଉଁ ଶିଶୁମାନଙ୍କ ପିତାଙ୍କ ମୃତ୍ୟୁ ହୋଇଥିବ କିମ୍ବା ମାଆଙ୍କ ମୃତ୍ୟୁ କ୍ଷେତ୍ରରେ ଜୀବିତ ଥିବା ପିତା ଯଦି ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବେ କିମ୍ବା କୌଣସି ମାରାସକ ବ୍ୟାଧିଗ୍ରସ୍ତ ହୋଇଥିବା ସେହି ଶିଶୁଙ୍କୁ ଏହି ଚିହ୍ନଟକରଣର ପରିଷର ଭୁକ୍ତ କରାଯାଇଛି। ନୟାଗଡ଼ ଜିଲ୍ଲାର ଆଠଟି ବ୍ଲକ୍‌ରେ ପିତୃମାତୃହୀନ ଓ ଏକକ ଅଭିଭାବକ ଶିଶୁଙ୍କ ସର୍ବେକ୍ଷଣ କାର୍ଯ୍ୟ ସମାପ୍ତ ହୋଇଯାଇଛି। ଆଜିର ନୂଆଗାଁ ବ୍ଲକର ଏକ ନମ୍ବର ୱାର୍ଡକୁ ଯାଇ ଜିଲ୍ଲାର ଶିଶୁ ସୁରକ୍ଷା ଅଧିକାରୀ ଶିବିୟନ ପ୍ରଧାନ ଏହି କାର୍ଯ୍ୟ କେଉଁଭଳି ଭାବେ ସୁପରିଚାଳନା ହେଉଛି ତାର ପର୍ଯ୍ୟବେକ୍ଷଣ କରିଥିଲେ। ନୂଆଗାଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶୁଭ୍ରକେଶୀ ମଲ୍ଲିକ୍, ସୁପରଭାଇଜର ଉପସ୍ଥିତି ଥିଲେ। ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ଦାୟିତ୍ୱ ଦିଆଯାଇଛି କି ସେମାନେ ନିଜ ନିଜ ବ୍ଲକରେ ସମସ୍ତ ତଥ୍ୟକୁ ଅନୁଧ୍ୟାନ କରି ଜୁଲାଇ ୨୬ରୁ ୨ଅଗଷ୍ଟ ତାରିଖ ମଧ୍ୟରେ ଜିଲ୍ଲା ଅଫିସରେ ପ୍ରଦାନ କରିବେ।

### ଶ୍ରାବଣ ଦ୍ୱିତୀୟ ସୋମବାର

## ଲଡୁବାବାଙ୍କୁ ଜଳଲାଗି କଲେ ୧୧ ହଜାର କାଉଡ଼ିଆ

ନୟାଗଡ଼/ଶରଣକୁଳ,୨୧।୭ (ସମିସ): ଶ୍ରାବଣ ଦ୍ୱିତୀୟ ସୋମବାର ପ୍ରସିଦ୍ଧ ଶୈବ କ୍ଷେତ୍ର ନୟାଗଡ଼ ଜିଲ୍ଲା ଶରଣକୁଳ ଲଡୁବାବାଙ୍କ ପୀଠରେ ୧୧ ହଜାରରୁ ଅଧିକ ବୋଲବମ ଭକ୍ତଙ୍କ ସମାଗମ ହୋଇଥିଲା। ଗଞ୍ଜାମ, ପୁରୀ, କଟକ, ଫୁଲବାଣୀ, ବଉଦ, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲ୍ଲାରୁ ମାନସିକଧାରୀ କାଉଡ଼ିଆମାନେ ଠାକୁରଙ୍କ ମହିମାରେ ଏଠାକୁ ଛୁଟି ଆସିଛନ୍ତି। ନୟାଗଡ଼ ଜିଲ୍ଲା କଣ୍ଟିଲୋ ସ୍ଥିତ ଶ୍ରୀ ନୀଳମାଧବ ପୀଠ ମହାନଦୀରୁ ବହୁ କାଉଡ଼ିଆ ପାଣି ଭାର ଧରି ଚାଲି ଚାଲି ଆସି ଲଡୁବାବାଙ୍କ ପୀଠରେ ପହଞ୍ଚିଥିଲେ। ସେମାନଙ୍କ ସୁରକ୍ଷା, ରହଣୀ ଓ ଶୃଙ୍ଖଳାର ସହ ଜଳ ଢାଳିବା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ବେଢାରେ ମହିଳା ଓ ଶିଶୁ ମାନେ ରାତ୍ରୀଯାପନ କରିଥିବା ବେଳେ ଯାତ୍ରା ପଡିଆରେ ଅସ୍ଥାୟୀ ଟେଣ୍ଟରେ କାଉଡିଆ ରାତ୍ରୀଯାପନ କରିଥିଲେ। ଶରଣକୁଳ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ଭକ୍ତଙ୍କ ପାଇଁ ଆଶୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ବେଳେ ଶରଣକୁଳ ବ୍ୟବସାୟୀ ପ୍ରତିଷ୍ଠାନ ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଗଣା ଭୋଜନ ଓ ସେବା ଯୋଗାଇ ଦିଆଯାଇଥିଲା। ରାତ୍ର ପ୍ରାୟ ଏକ



ଘଟିକା ସମୟରେ ଠାକୁରଙ୍କର ପହୁଡ ଭଙ୍ଗା ଯାଇ ସେବାୟତଙ୍କ ଦ୍ୱାରା ଅବକାଶ ନୀତି କରାଯାଇଥିଲା। ରତନସାହି ସେବାୟତଙ୍କ ସହଯୋଗରେ ପ୍ରଥମେ ଶିଶୁ ଓ ମହିଳାମାନେ ଜଳ ଲାଗି କରଥିବା ବେଳେ ପରେ ପୁରୁଷ କାଉ?ିଆମାନେ ଠାକୁରଙ୍କୁ ଜଳାଭିଷେକ କରିଥିଲେ। ବହୁ ଭକ୍ତଙ୍କ ସମାଗମରେ ଶରଣକୁଳ ରବିବାର ସକାଳଠାରୁ ଚଳଚଞ୍ଚଳ ହୋଇପଡ଼ିଥିଲା। ଶରଣକୁଳ ଅଞ୍ଚଳ କାଉଡ଼ିଆ ମୟ ହୋଇ ପଡିଥିଲା। ମଧ୍ୟାହ୍ନରେ ସମସ୍ତ ଭକ୍ତମାନେ ଜଳ ଲାଗି କରି ସାରିବା ପରେ ଠାକୁରଙ୍କ ସକାଳର ସମସ୍ତ ପୂଜା ନୀତି ସମାପନ କରାଯାଇ ଠାକୁରଙ୍କ ପହୁଡ଼ ପଡିଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ଶରଣକୁଳ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ଆସନ୍ତା ସୋମବାର ଏବଂ ଶେଷ ସୋମବାର ଲଡୁବାବାଙ୍କ ପୀଠରେ ପ୍ଲାଷ୍ଟିକ ପାତ୍ରରେ ଜଳାଭିଷେକ ନକରିବା ପାଇଁ କାଉଡିଆ ଭକ୍ତଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ନିବେଦନ କରାଯାଇଛି। ସେହିପରି ଗୁଞ୍ଜିବାରଣ କପିଳେଶ୍ୱର, ଗୋଡିପଡା ବାଲୁଙ୍କେଶ୍ୱର, ଧୂସୁମା, ଶିଖରପୁର, ବରସାହି, ଗୋଡିସାହି, ବାଉଁଶିଆ, ମୁଗୁପାଟଣା ଆଦି ଗ୍ରାମର ମହାଦେବଙ୍କ ପୀଠରେ ବହୁ କାଉଡିଆ ଜଳ ଲାଗି କରିଛନ୍ତି।

## ନିର୍ଦ୍ଦିଷ୍ଟ ତାରିଖରେ ମିଳୁନି ଭତ୍ତା

ଗଣିଆ,୨୧।୭ (ସମିସ): ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ପ୍ରତି ମାସ ୧୫ ତାରିଖରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସୁଛି। କିନ୍ତୁ ତାର ନିର୍ଦ୍ଦିଷ୍ଟ ତାରିଖ ନାହିଁ। କେଉଁ ମାସରେ ୨୪ ତାରିଖରେ ଆସୁଛି ତ କେଉଁ ମାସରେ ୩୦ ତାରିଖରେ ଆସୁଛି। ଯାହା ଫଳରେ ବ୍ୟାଙ୍କକୁ ଧାଇଁ ଧାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୃଦ୍ଧବୃଦ୍ଧା। ନିର୍ଦ୍ଦିଷ୍ଟ ଭାବେ କେଉଁ ତାରିଖରେ ଭତ୍ତା ଆସିବ କୌଣସି ସୂଚନା ନଥିବାରୁ ଦ୍ୱନ୍ଦରେ ପଡୁଛନ୍ତି ହିତାଧିକାରୀ। ଯାହା ଫଳରେ ଦୂରଦୂରାନ୍ତରରୁ ଅଟୋଭଡା କରି ଆସୁଥିବା ବୟସ୍କ ବୃଦ୍ଧ ବୃଦ୍ଧାଙ୍କ ଭତ୍ତା ଟଙ୍କା ଅପେକ୍ଷା ଅଟୋଭଡା ବଢି ଯାଉଛି। ଆଶ୍ରୟ ଶୂନ୍ୟ ତଥା ଭତ୍ତା ଟଙ୍କାରେ ଚଳୁଥିବା ବୃଦ୍ଧବୃଦ୍ଧାଙ୍କ କଷ୍ଟ ନକହିବା ଭଲ। ଦୈନିକ ବ୍ୟାଙ୍କକୁ ଦଉଡି ଦଉଡ଼ି ଅନେକ ହଇରାଣ ହରକତ ହେଉଛନ୍ତି ଏମାନେ। ଏପରିକି ବ୍ଲକ କିମ୍ବା ପଞ୍ଚାୟତରେ ମଧ୍ୟ ଏନେଇ କୌଣସି ସୂଚନା ମିଳିପାରୁନାହି। ତେବେ ପୂର୍ବରୁ ମଧୁବାବୁ ପେନସନ ଯୋଜନା ଏବଂ ଇନ୍ଦିରାଗାନ୍ଧୀ ପେନସନ ଯୋଜନା ଏକା ସାଙ୍ଗରେ ମିଳୁଥିବା ବେଳେ ଏବେ କାହିଁକି ବିଳମ୍ବ ହେଉଛି ବୋଲି ହିତାଧିକାରୀ ମାନେ ପ୍ରଶ୍ନ କରିଛନ୍ତି। ଏ ଦିଗରେ ସରକାର ଦୃଷ୍ଟି ଦେଇ ନିର୍ଦ୍ଦିଷ୍ଟ ତାରିଖ ରେ ଭତ୍ତା ପ୍ରଦାନ କରିବାକୁ ଦାବି ହେଉଛି।

## ନୂଆଗାଁରେ ଜିଲ୍ଲାପାଳଙ୍କ ଜନଶୁଣାଣି




ନୟାଗଡ଼,୨୧।୭ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ପରିସରରେ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜନଶୁଣାଣି କରିଛନ୍ତି। ଜିଲ୍ଲାପାଳଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି ଶିବିରରେ ମୋଟ ୬୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୫୩ଟି ଏବଂ ଗ୍ରାମ୍ୟ ସମସ୍ୟା ୮ଟି ରହିଥିଲା। ୧୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ସୂଚନା ମିଳିଛି। ଏହି ଶିବିରରେ ସମସ୍ତ ବିଭାଗୀୟ ଅଧିକାରୀ, ନୂଆଗାଁ ବିଡିଓ ଓ ତହସିଲଦାର ଉପସ୍ଥିତ ରହିଥିଲେ।

## ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଗଣିଆ,୨୧।୭ (ସମିସ): ଗଣିଆ ବ୍ଲକ କରଡାପଡା ପଞ୍ଚାୟତ ଗୁଣ୍ଡୁରିବାରି ଗ୍ରାମରେ ଶନିଶ୍ଚର ଦେବଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ୨୦ ତାରିଖରେ ଅଧିବାସ, ଅଙ୍କୁରାରୋପଣ, ଗର୍ଭାଧାନ, କଳସଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୨୧ ତାରିଖରେ, ସୂର୍ଯ୍ୟପୂଜା, ମନ୍ଦିର ନ୍ୟାସ, ମନ୍ଦିର ପ୍ରବେଶ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଠାରୁ ୭ କିଲୋମିଟର ଦୂରରେ ଥିବା ମହାନଦୀରୁ ୧୦୮ କଳସୀରେ ଜଳ ଆଣି ଗ୍ରାମର ଶତାଧିକ ପୁରୁଷ ଏବଂ ମହିଳା ମନ୍ଦିରରେ ପହଞ୍ଚିଥିଲେ। ହରିବୋଲ ହୁଳହୁଳି ମଧ୍ୟରେ ଠାକୁରଙ୍କ ରୀତିନୀତି ପୂଜାର୍ଚ୍ଚନା ପରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଦିନ ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କରଡାପଡା ସରପଞ୍ଚ ପ୍ରମୋଦିନୀ ସାହୁ, ସମିତି ସଭ୍ୟା ଗୀତାରାଣୀ ରାଉତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହକ୍ ମାଗୁଛି କାଳିଆପଲ୍ଲୀ

## ରାଜନୀତି ପଶାପାଲିରେ ବିଶ୍ୱାବସୁଙ୍କ ବଂଶଜ

ଭାପୁର,୨୧।୭ (ସମିସ): ପୁରାଣପ୍ରସିଦ୍ଧ କାଳିଆପଲ୍ଲୀ ତାର ହକ ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନ ଓ ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ ଯାଇ ମଧ୍ୟ ଏପର୍ଯ୍ୟନ୍ତ ନିଜର ପରିଚୟ ପାଇପାରିଲା ନାହିଁ। ନୀଳମାଧବଙ୍କ ଆଦ୍ୟ ସେବକ ବିଶ୍ୱାବସୁ ବଂଶଜ ମାନେ ଏବେ ଦାଦନ ଶ୍ରମିକ ହୋଇ ଭଙ୍ଗା ଦଦରା ଘରେ ଅର୍ଦ୍ଧାହାରରେ ଜୀବନ ଅତିବାହିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଆଗମନ ପରେ ଶବର ଜାତିର ରାଜ୍ୟ ସଭାପତି ଓ ସ୍ଥାନୀୟ ବିଧାୟକ ତାଙ୍କ ରାଜନୈତିକ ରୁଟି ସେକିବାରେ ଲାଗିଛନ୍ତି। ଗତକାଲି ଗ୍ରାମରେ ବସିଥିବା ଜାତିଆଣ ସଭାରେ ରାଜ୍ୟ ସଭାପତିଙ୍କ ସହ ବିଧାୟକ ଉପସ୍ଥିତ ରହି କାଳିଆପଲ୍ଲୀର ଉନ୍ନତି ବିଷୟରେ ସମୀକ୍ଷା କରିଥିଲେ। ବର୍ତ୍ତମାନ ଗ୍ରାମର ସମସ୍ତ ନଳକୂଅ ଅଚଳ ହୋଇଥିବାରୁ ବିଲ ମଝିରୁ ପାଣି ଆଣି ଯାଉଛନ୍ତି ଗ୍ରାମବାସୀ। ଏହି ମାସରେ ବ୍ଲକ ପ୍ରଶାସନ ୩ ଶହ ଅନ୍ତ୍ୟୋଦୟ ଗୃହ ବଣ୍ଟନ ତାଲିକା ପ୍ରସ୍ତୁତି କରି ୮୪ଟି ବଣ୍ଟନ କରିଥିଲା ବେଳେ କାଳିଆପଲ୍ଲୀ ଗ୍ରାମର ଜଣଙ୍କ ନାମ ନାହିଁ। ଲଳିତା କୁଞ୍ଜ, ବିଶ୍ୱାବସୁ ମନ୍ଦିର ନିର୍ମାଣ ସାତସପନ ହୋଇଛି।

ଗତ ମାର୍ଚ୍ଚ ୨୪ ତାରିଖରେ ଗ୍ରାମକୁ ରାଷ୍ଟ୍ରପତି ଆସିଥିଲେ। ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମର ସମସ୍ତ ପରିବାର ପିଛା ୨ ହଜାର ଲେଖାଏଁ ଚାନ୍ଦା କରି ଦେଇସାରିଲେଣି। ଏହି ଅର୍ଥ ରାଷ୍ଟ୍ରପତିଙ୍କ ଆଗମନ ସମୟରେ ଖର୍ଚ୍ଚ ହୋଇଥିଲା। ଏପରିକି ଗତ ମାସରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ପାଇଁ ବିଧାୟକ, ରାଜ୍ୟ ସଭାପତିଙ୍କ ସହ ଗ୍ରାମରୁ ଦୁଇଜଣ ମୁଖିଆ ଦିଲ୍ଲୀ ଯିବା ପାଇଁ ଗ୍ରାମରୁ ୧୪ ହଜାର ଚାନ୍ଦା କରି ଦିଆଯାଇଛି। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ କାଳିଆପଲ୍ଲୀର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କଥା ଘୋଷଣା କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପ୍ୟାକେଜ ମଞ୍ଜୁର ହୋଇନାହିଁ। ଗତକାଲି ଜାତିଆଣ ସଭାରେ ବିଧାୟକଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ଶାସକ ଦଳକୁ ସମର୍ଥନ ଦେବାକୁ ଗ୍ରାମବାସୀଙ୍କୁ କହିଥିଲେ। ଏପରି ରାଜନୈତିକ ଭାଷଣକୁ ଅନେକ ନାପସନ୍ଦ କରିଥିଲେ। ଏହି ସଭାରେ ଉପସ୍ଥିତ ଗ୍ରାମବାସୀ ସେମାନଙ୍କୁ କାହିଁକି ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇ ନାହିଁ ବୋଲି ବିଧାୟକଙ୍କୁ ପ୍ରଶ୍ନ କରିଥିଲେ। ହେଲେ ବିଧାୟକ ଏହାକୁ ଏଡାଇ ଯାଇଥିଲେ। ଦୀର୍ଘ ୩୦ ବର୍ଷ ଧରି ଗ୍ରାମରେ ବୃକ୍ଷରୋପଣ କରିବା ସହ ବିଶ୍ୱାବସୁ ଓ ଲଳିତାଙ୍କ ମୂର୍ତ୍ତି ନିର୍ମାଣ କରି କାଳିଆପଲ୍ଲୀକୁ ପରିଚୟ ଦେଇଥିବା ଗଛସାର ଅନ୍ତର୍ଯ୍ୟାମୀ ସାହୁଙ୍କୁ ଅଣଦେଖା କରି ଅନ୍ୟ ଜାତିର ଆଖ୍ୟା ଦେଇ ଗୁରୁତ୍ୱ ନ ଦେବାକୁ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି।

### ଓଡ଼ଗାଁ ବନ ବିଭାଗର ଚଢ଼ଉ

## ୧୨୦ ଖଣ୍ଡ ଶାଗୁଆନ ପଟା ଜବତ

ଓଡ଼ଗାଁ,୨୧।୭ (ସମିସ)

ନୟାଗଡ଼ ଜିଲ୍ଲା ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ବନକର୍ମଚାରୀ ମାନେ ସୋମବାର ଭୋର ୪ ସମୟରେ ଓଡ଼ଗାଁ ପାଇକ ସାହି ଠାରୁ ଏକ ନମ୍ବର ବିହୀନ ଟ୍ରାକ୍ଟର ସହିତ ୧୨୦ ଖଣ୍ଡ ଶାଗୁଆନ ପଟା ଜବତ କରିଥିଲେ। ଘଟଣା ସ୍ଥଳରୁ ଟ୍ରାକ୍ଟର ଚାଳକ ଦୌଡି ପଳାଇ ଥିବା ବେଳେ ଟ୍ରାକ୍ଟରକୁ ସୁରକ୍ଷା ଦେଉଥିବା ଚୋରା କାଠ ବ୍ୟବସାୟୀକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ତା'ଠାରୁ ଓଡି ୨୫-୬୩୮୯ ବାଇକ୍ ଜବତ କରିଛନ୍ତି। ଜବତ ହୋଇଥିବା ୩୬ ସିଫ୍ଟ କାଠ ପଟାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ଗିରଫ କାଠ ବ୍ୟବସାୟୀ ଜଣକ ହେଲେ ଓଡ଼ଗାଁ ଏନ୍‌ଏସି ବିଲମାନପୁରର ହୃଷିକେଶ ରାଉତ(୪୧)। ବନ କର୍ମଚାରୀ ଟ୍ରାକ୍ଟରକୁ ଅଟକାଇ ଗାଡିର ଚାବି ଆଣିବାକୁ ଚେଷ୍ଟା କରୁଥିବା ବେଳେ ଟ୍ରାକ୍ଟର ଚଳାଇ କର୍ମଚାରୀଙ୍କୁ ମଡାଇ ଚାଲିଯାଇଥିଲା। ଫଳରେ ପ୍ରୋଟେକସନ ସ୍କ୍ୱାଡରେ





● ଟ୍ରାକ୍ଟର, ବାଇକ୍ ଜବତ, ଜଣେ ଗିରଫ

● ବନକର୍ମଚାରୀଙ୍କ ଗୋଡ଼, ହାତ ଭାଙ୍ଗିଲା

କାର୍ଯ୍ୟରତ ଚିତ୍ରସେନ ପ୍ରଧାନଙ୍କ ଗୋଡ଼ ଓ ହାତ ଭାଙ୍ଗି ଯାଇଛି। ଘଟଣାରୁ ପ୍ରକାଶ ଅଭିମନ୍ୟୁ ମଲ୍ଲିକଙ୍କ ନିର୍ଦ୍ଦେଶରେ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ ଏବଂ ପ୍ରୋଟେକସନ ଟିମ୍ ପାଟ୍ରୋଲିଂରେ ବାହାରି ଥିଲେ। ବିଲମାନପୁରରେ କାଠ ଭର୍ତ୍ତି ଟ୍ରାକ୍ଟରକୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ସେଠାରୁ ସେ ଖସି ଓଡ଼ଗାଁ ଅଭିମୁଖେ ଚାଲିଆସିଥିଲା। ଓଡ଼ଗାଁ ରାଧାକାନ୍ତ ମଠ ଠାରେ ଟ୍ରାକ୍ଟର ପହଞ୍ଚିବା ବେଳକୁ ବନକର୍ମଚାରୀ ଟ୍ରାକ୍ଟର ଆଗରେ ପାଟ୍ରୋଲିଂ ଭ୍ୟାନ୍ ରଖିଥିଲେ। ଫଳରେ ଟ୍ରାକ୍ଟର ଅଟକି ଯାଇଥିଲା। ଆହତ ବନ କର୍ମଚାରୀ ଟ୍ରାକ୍ଟର ଚାବି ଆଣିବାକୁ ଗାଡ଼ିରେ ଚଢିବା ସମୟରେ ଟ୍ରାକ୍ଟର ମୋଡ଼ ବଦଳାଇ ଅନ୍ୟ ରାସ୍ତାଦେଇ ଚାଲିଯିବାକୁ ଚଳାଇଥିଲା। ଫଳରେ କର୍ମଚାରୀ ଜଣକ ପଡିଯାଇଥିଲେ। ତାଙ୍କ ଉପରେ ଟ୍ରାକ୍ଟର ଚଢିଯାଇଥିଲା। ସେଠାରୁ କିଛି ଦୂର ପାଇକ ସାହି ପର୍ଯ୍ୟନ୍ତ ଟ୍ରାକ୍ଟରକୁ ନେଇ ଚାଳକ ଗାଡ଼ି ଛାଡ଼ି ଦୌଡି ପଳାଇ ଯାଇଥିଲା।

■ ବାର୍‌ହାପଲଙ୍କ ଦୌରାତ୍ମ୍ୟ

# ଧାନତଳି ଓ ଫସଲ ନଷ୍ଟ; ଚିନ୍ତାରେ ଚାଷୀ



ଖୋର୍ଦ୍ଧା, ୨୧।୭ (ସମିସ): ଚଳିତ ବର୍ଷ ସଅଳ ମୌସୁମୀ ଆସି ପୁଣି ଲୁଚକାଳି ଖେଳିଲା। ଲଘୁଚାପ ବର୍ଷାକୁ ଦେଖି କେତେକ ଜମିରେ ଚାଷୀ ଧାନ ତଳି ପକାଇଥିଲା। ଆଉ ଯେଉଁ ଚାଷୀ ଧାନ ଫସଲ ଲାଗି ବୁଣିଛନ୍ତି ବା ତଳି ପକାଇଛନ୍ତି, ତା'ର ସୁରକ୍ଷା ଏବେ ଚିନ୍ତାର କାରଣ ପାଲଟିଛି। କାରଣ ଧାନଚାଷ ଆରମ୍ଭରୁ ଜଙ୍ଗଲୀ ବାର୍‌ହାପଲ ଉତ୍ପାତ ଆରମ୍ଭ କଲେଣି। ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ଜରିପୁଟ, ଦଳେଇପୁଟ, କୁରାଢ଼ମଲ, ଦେଉଳଟାଙ୍ଗୀ, ହଳଦୀପଦା, ପାନବରଜ, ବେରୁହାଁ ପ୍ରଭୃତି ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହାତୀ ଉତ୍ପାତ ଲାଗି ରହିଥିବାବେଳେ ଏବେ ପୁଣି ବାର୍‌ହାପଲ ବୁଣା ଧାନ ଓ ତଳିପକା ଜମିକୁ ନଷ୍ଟ କରିବା ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ଅବସ୍ଥା ସୃଷ୍ଟି କରିଛି। ଜରିପୁଟ ଓ ନିକଟସ୍ଥ ଜଙ୍ଗଲରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବାର୍‌ହା ରହୁଥିବାବେଳେ ସେମାନେ ଧାନ ଫସଲ ହୋଇଥିବା ଜମିରେ ପଶି ନଷ୍ଟ କରିବା ସହ ବିଭିନ୍ନ ଚାଷୀମାନେ ସେମାନଙ୍କ ବାରିପଟେ କରୁଥିବା ସାରୁ ଓ ପନିପରିବା ଫସଲକୁ ଖାଇଯାଉଥିବା ଅଧିକାଂଶ ଚାଷୀ ଅଭିଯୋଗ କରିଛନ୍ତି। ତେବେ ବାର୍‌ହାପଲ ଧାନ ବିଲ ଦଳାଚକଟା କରି ରାତିରେ ଫସଲ ନଷ୍ଟ କରୁଥିବାବେଳେ ଦନ୍ତା ବାର୍‌ହା ଆକ୍ରମଣ ଆଶଙ୍କାରେ ଲୋକେ ରାତିରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ସେହିପରି ଉକ୍ତ ଗ୍ରାମାଞ୍ଚଳରେ ଗୋଟିଏ ବଣୁଆ ହାତୀ ଚଳପ୍ରଚଳ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବିଳମ୍ବିତ ରାତିରେ ବାର୍‌ହାପଲ ଚାଷୀଙ୍କ କ୍ଷେତରେ ଉପଦ୍ରବ କରିବା ସମେତ ସେମାନଙ୍କ ଏକର ଏକର ଧାନତଳି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ତେବେ ବନ ବିଭାଗ ଏ ସଂକ୍ରାନ୍ତରେ ଏଯାବତ୍ କୌଣସି ପଦକ୍ଷେପ ନେଉ ନ ଥିବାରୁ ଶିକାରୀମାନଙ୍କ ପାଇଁ ବାର୍‌ହା ଶିକାର କରିବା ସୁଯୋଗ ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏ ସମ୍ପର୍କରେ ଅଦ୍ୟାବଧି ଆମ ପାଖରେ ଅଭିଯୋଗ ପହଞ୍ଚି ନାହିଁ। ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବୁ ବୋଲି କହିଛନ୍ତି।

କଳିଙ୍ଗ (କ) ପାହାଡ଼କୁ ନେଇ ବିବାଦ

# ନିଲାମ ନ ମିଳିବାରୁ ସଂଘର ନାଲିଆଖି

ଖୋର୍ଦ୍ଧା, ୨୧।୭ (ସମିସ)


ଖୋର୍ଦ୍ଧା ତହସିଲ୍ ଅଞ୍ଚଳରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବହୁ କଳାମୁଗୁନି ପଥର ପାହାଡ଼। ଉକ୍ତ ପାହାଡ଼ ମଧ୍ୟରୁ କଳିଙ୍ଗ (କ) ପାହାଡ଼ ନିଲାମ ଯାଇଛି। ନିଲାମଧାରୀ କ୍ୟୁବିକ୍ ମିଟର ପିଛା ସର୍ବାଧିକ ୧୫୩୪ ଟଙ୍କାରେ ନିଲାମ ଧରିବା ପରେ ଏହାକୁ ନେଇ ଏବେ ଆରମ୍ଭ ହୋଇଛି ରାଜନୀତି। ନିଲାମଧାରୀ ନିଲାମ


● ରାଜସ୍ୱ ହରିଲୁଟ୍ ପାଇଁ ସଂଘ କରିଛି କି ମସୁଧା !

ନେଇଥିବାବେଳେ ଆଞ୍ଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି, ଖୋର୍ଦ୍ଧା ହାତରୁ ନିଲାମ ଖସିଯିବାରୁ କମିଟି ଏବେ ନାଲିଆଖି ଦେଖାଉଥିବା ଚର୍ଚ୍ଚା ହେଉଛି। ଯା ଭିତରେ କମିଟିର ବୈଠକ ହୋଇଥିବାବେଳେ ସମସ୍ତ କ୍ରସର ମାଲିକ ଉକ୍ତ ସଂସ୍ଥାର କ୍ୱାରୀରୁ ମାଲ୍ ନ ନେବାକୁ ତାଗିଦ୍ କରାଯାଇଥିବା ମେସେଜ୍ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି।

ପ୍ରକାଶ ଥାଉକି, ୬ଟି କ୍ୱାରୀ ଯଥା- ହନୁମନ୍ତିଆ (ଗ), ଶଙ୍ଖାରୀ ଦକ୍ଷିଣ ନୂଆ କ୍ୱାରୀ, ଟାଙ୍ଗେଣୀ, କଳିଙ୍ଗ (କ), (ଖ) ଓ (ଗ)କୁ ଲିଜ୍ ପାଇଁ ଖୋର୍ଦ୍ଧା ଖଣି ଉପନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏଥିନିମନ୍ତେ ଇ-ଅକ୍ସନ ମାଧ୍ୟମରେ ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିପାରିବେ ବୋଲି କୁହାଯାଇଥିଲା। ଖଣି







ବିଭାଗ ନିର୍ଦ୍ଦେଶନାମାରେ କ୍ୟୁବିକ୍ ମିଟର ପିଛା ସର୍ବନିମ୍ନ ୧୭୧ ଟଙ୍କା ରେଟ୍ ଥିବାବେଳେ ଖଣି ନିର୍ଦ୍ଦେଶାଳୟ ତରଫରୁ ଖଣିରୁ ପଥର ଉତ୍ତୋଳନ ପାଇଁ କ୍ୟୁବିକ୍ ମିଟର ପିଛା ୪୩୭ ଟଙ୍କା କରାଯାଇଛି। ତେବେ ହନୁମନ୍ତିଆ (ଗ) ଓ ଟାଙ୍ଗେଣୀ ଖଣିରୁ ପଥର ଉତ୍ତୋଳନ ଲାଗି କ୍ୟୁବିକ୍ ମିଟର ପିଛା ୧୭୧ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ କଳିଙ୍ଗ (କ), (ଖ) ଓ (ଗ) ନିମନ୍ତେ ୩୫୪ ଟଙ୍କା ଏବଂ ଶଙ୍ଖାରୀ ଦକ୍ଷିଣ ନୂଆ କ୍ୱାରୀ ନିମନ୍ତେ ୪୩୭ ଟଙ୍କା ଧାର୍ଯ୍ୟ କରାଯାଇଛି। ଜୁନ୍ ୨୮ ତାରିଖ ଆବେଦନର ଶେଷ ତାରିଖ ଏବଂ ୨୯ରେ ନିଲାମ ପ୍ରକ୍ରିୟା ଲାଗି ଏହା ଖୋଲାଯିବା ନେଇ ତାରିଖ ଧାର୍ଯ୍ୟ କରାଯାଇଥିଲା। ଚଳିତ ମାସ ୧୫ରୁ ୨୫ ତାରିଖ ମଧ୍ୟରେ କ୍ୱାରୀ ନିଲାମ ନିମନ୍ତେ ସମୟ ଧାର୍ଯ୍ୟ ହୋଇଥିଲା। ଏହି କ୍ରମରେ ସୋମବାର କଳିଙ୍ଗ (କ)ର ନିଲାମ ଶେଷ ହୋଇଛି। ଏଥିରେ ୯ଜଣ ଅଂଶଗ୍ରହଣ କରିଥିବାବେଳେ ଏହି କ୍ୱାରୀକୁ କଟକ ନୂଆବଜାର ଅଞ୍ଚଳର ନିରୁପମା ମାଇନିଂ ଆଣ୍ଡ ଟ୍ରାନ୍ସପୋର୍ଟିଂ (ପ୍ରା) ଲିମିଟେଡ୍ କ୍ୟୁବିକ୍ ମିଟର ପିଛା ସର୍ବାଧିକ ୧୫୩୪ ଟଙ୍କାରେ ନିଲାମ ଧରିଥିବା ଖଣି ଅଧିକାରୀ ଜଗନ ବେହେରାଙ୍କ ସୂତ୍ରରୁ ଜଣାଯାଇଛି। ଅଧିକ ମୂଲ୍ୟରେ ନିଲାମ ଯାଇଥିବାବେଳେ ସରକାର ଅଧିକ ରାଜସ୍ୱ ପାଇବେ ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ ଖଣି ବିଭାଗ ନିଲାମ ନିର୍ଦ୍ଦେଶନାମାକୁ ବିରୋଧ କରି ପୂର୍ବ ବର୍ଷମାନଙ୍କ ପରି ନିଲାମରେ ଅଂଶଗ୍ରହଣ ପାଇଁ ଧାର୍ଯ୍ୟ ମୂଲ୍ୟ କମ୍ କରାଯାଉ ବୋଲି ଦାବି କରିଥିବା ଆଞ୍ଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁଳା ପକାଯାଇ ଚିହ୍ନଟ କରାଯାଇଥିବା ସଂସ୍ଥା ମଧ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ। କ୍ୟୁବିକ୍ ମିଟର ପିଛା ୩୮୯ ଟଙ୍କାରେ ଉକ୍ତ ସଂସ୍ଥା ଟେଣ୍ଡର ଭରିଥିଲେ। ଟେଣ୍ଡରରେ ନିରାଶ ହେବା ପରେ କମିଟି ସଦସ୍ୟ ଏବେ କ୍ୱାରୀ ନୂତନ ନିଲାମଧାରୀଙ୍କୁ ଉକ୍ତ ପାହାଡ଼ରେ ପୂରାଇ ନ ଦେବା ଲାଗି ବିଭିନ୍ନ ପ୍ରକାର ଆଲୋଚନା କରୁଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ କମିଟିର କରାଯାଇଥିବା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ତାଙ୍କଠାରୁ ମାଲ୍ ନ ଉଠାଇବା ଏବଂ ସମସ୍ତ କ୍ରସର ବନ୍ଦ କରି ବିଧାୟକଙ୍କ ସହ ବୈଠକ କରି ପରବର୍ତ୍ତୀ ଯୋଜନା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉଥିବା ସ୍କ୍ରିନ୍ ସଟ୍ ଏବେ ମୋବାଇଲରେ ଭାଇରାଲ ହେଉଛି। ଉକ୍ତ ଭାଇରାଲ ଫଟୋ ମଧ୍ୟରେ ସ୍ଥାନୀୟ ବିଧାୟକ କମିଟି ସଦସ୍ୟଙ୍କୁ ଧରି ବୈଠକ କରିବାର ଫଟୋ ରହିଛି। ଯାହା କ୍ୱାରୀ ନିଲାମରେ କରାଯାଉଥିବା ବିବାଦ ପଛରେ ବିଧାୟକଙ୍କ ସମ୍ପୃକ୍ତି ରହିଥିବା ନେଇ ଚର୍ଚ୍ଚା ଜୋର୍ ଧରୁଛି। ଅପରପାର୍ଶ୍ୱରେ ଅଧିକ ଅର୍ଥରେ ନିଲାମ ଗଲେ ସରକାର ରାଜସ୍ୱ ପାଉଥିବାବେଳେ କମ୍ ମୂଲ୍ୟରେ ନିଲାମ ନେଇ ରାଜସ୍ୱ ଲୁଟ୍ କରିବାକୁ ଯୋଜନା କରିଥିବା ସଂଘର ଯୋଜନା ଏକପ୍ରକାର ଫସର ପାଟିବା ପରେ ସଂଘ ଏବେ ବିରୋଧ ପାଇଁ ବିଭିନ୍ନ ଫନ୍ଦି ଆପଣାଉଥିବା ଚର୍ଚ୍ଚା ହେଉଛି।

# ରେଳ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ; ୨ ଗିରଫ



ଜଟଣୀ, ୨୧।୭ (ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନରୁ ଗଞ୍ଜେଇ ଜବତ କରିଛି ପୁଲିସ। ଘଟଣାରେ ପୁଲିସ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ନିମକାନିପାଲି ଅଞ୍ଚଳର ନାରାୟଣ ଜେନା ଓ ମାଲିକେଶ୍ୱର ଗ୍ରାମର ମନୋଜ ପ୍ରଧାନ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ପୁଲିସ ୧୦ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୁଲିସ ଅନୁମାନ କରୁଛି।

ସୂଚନାଯୋଗ୍ୟ ଯେ, ଗିରଫ ଦୁଇ ଅଭିଯୁକ୍ତ ଖୋର୍ଦ୍ଧା ଅଞ୍ଚଳରୁ ଗଞ୍ଜେଇ ଆଣି ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ର ୧ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଉକ୍ତ ଗଞ୍ଜେଇକୁ କୋଲକାତା ଚାଲାଣ କରିବା ଉଦ୍ଦେଶ୍ୟରେ ଷ୍ଟେସନ୍‌ରେ ବସିଥିବାବେଳେ ପୁଲିସ ସନ୍ଦେହ ଅବସ୍ଥାରେ ଚଢ଼ଉ କରିଥିଲା। ଯାଞ୍ଚ ସମୟରେ ଗଞ୍ଜେଇ ବସ୍ତା ଜାଣିବାକୁ ପାଇ ପୁଲିସ ଦୁଇ ଜଣଙ୍କୁ କାବୁ କରିଥିଲା। ପଚରାଉଚରା ବେଳେ ଦୁଇ ବେପାରୀ ବିକ୍ରି କରିବାକୁ ନେଉଥିବା କହିଥିଲେ। ଏନେଇ ରେଳପଥ ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ



ଭୂଷଣ୍ଡପୁର, ୨୧।୭ (ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାବିତ୍ରୀ ବେହେରାଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ସାବିତ୍ରୀ ୨୦୦୭ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଭୂଷଣ୍ଡପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ କୃପାସିନ୍ଧୁ ବେହେରା, ଦୁଇ ପୁଅ, ତିନି ଝିଅଙ୍କ ସହିତ ଅନେକ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ସାନ ପୁଅ ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିଲେ। ସାବିତ୍ରୀଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ସଙ୍ଘର ସାଧାରଣ ସଭା

# ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ସାମାଜିକ ସୁରକ୍ଷା ଦାବି

ଖୋର୍ଦ୍ଧା, ୨୧।୭ (ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ସଭା ଗଙ୍ଗାଧରପୁର ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ କାଠଗୋଲା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ସମସ୍ୟା ଓ ତାହାର ସମାଧାନ ଦିଗରେ ସଂଘ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ କମିଟି ଯୁଗ୍ମ ସମ୍ପାଦକ ବିକ୍ରମ ଛୋଟରାୟ ଓ ରାଜ୍ୟ ବନ ଉନ୍ନୟନ ନିଗମ କର୍ମଚାରୀ ସଙ୍ଘର ଉପଦେଷ୍ଟା ନିରଞ୍ଜନ ବିଶ୍ୱାଳ ଅନ୍ୟତମ



ଅତିଥିଭାବେ ଯୋଗଦେଇଥିଲେ। ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ଦୀର୍ଘ ଦିନର ଦାବି ସର୍ବନିମ୍ନ ପେନ୍‌ସନ୍ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏ ଲଢ଼େଇ ଚାଲୁରହିବ। ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ଜୋର୍‌ଦାର୍ କରିବାକୁ ଅତିଥିମାନେ ମତ ଦେଇଥିଲେ। ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନରେ ଇପିଏଫ୍ କର୍ମକର୍ତ୍ତାଙ୍କ ଟାଳଟୁଳ ନୀତିକୁ ଘୋର୍ ନିନ୍ଦା କରିଥିଲେ।

ପ୍ରାରମ୍ଭରେ ଦିବଂଗତ ପେନ୍‌ସନ୍‌ଭୋଗୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆବାହକ ନଟବର ଆଚାର୍ଯ୍ୟ ଅତିଥିମାନଙ୍କର ପରିଚୟ ଦେବା ସଙ୍ଗେ ସଙ୍ଗେ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ବୈଠକରେ ରଜନୀକାନ୍ତ ମଙ୍ଗରାଜ, ନିରଞ୍ଜନ ଶତପଥୀ, ପ୍ରସନ୍ନ କୁମାର ପାତ୍ର, ବୃନ୍ଦାବନ ଦାଶ, ନାରାୟଣ ମାର୍ଥା, କୈଳାଶ ମାର୍ଥା, ରତ୍ନାକର ପଟ୍ଟନାୟକ, ସେକ୍ ସଫାତୁଲ୍ଲା, ଦୁର୍ଯ୍ୟୋଧନ ଶ୍ରୀଚନ୍ଦନ, ଶ୍ୱେତା ରାଉତ, ରତ୍ନାକର ପଟ୍ଟନାୟକଙ୍କ ସମେତ ଗଙ୍ଗାଧରପୁର ଅଞ୍ଚଳର ଶତାଧିକ ସଭ୍ୟ/ସଭ୍ୟା ଯୋଗଦେଇଥିଲେ।

# ଜିଲ୍ଲା ଓ ପୁଲିସ ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି ଶିବିର

ଟାଙ୍ଗୀ/ନିରାକାରପୁର, ୨୧।୭ (ସମିସ): ସୋମବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧୀନସ୍ଥ ନୂଆଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୁଲିସ ପ୍ରଶାସନର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ଟାଙ୍ଗୀ ତହସିଲ୍‌ଦାର ନିଷ୍ଠା ମହାପାତ୍ର, ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ସହକାରୀ ଜିଲ୍ଲାପାଳ (ଅଭିଯୋଗ) ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ। ଶିବିରକୁ ମୋଟ ୧୩୨ଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ୧୧୯ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗକୁ ସମ୍ପୃକ୍ତ




ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ୪୦ଟି ଅଭିଯୋଗର ଉକ୍ତ ଶିବିରରେ ସମାଧାନ କରାଯାଇଥିବାବେଳେ ଅନ୍ୟ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧୀକ୍ଷଣ ଯନ୍ତ୍ରୀ ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଇଂ ଶିବଲାଲ୍ ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ରଶ୍ମିତା ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗଦେଇଥିଲେ।

■ ଶ୍ରାବଣର ଦ୍ୱିତୀୟ ସୋମବାର

# ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଜଳାଭିଷେକ



ବାଲୁଗାଁ, ୨୧।୭ (ସମିସ): ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ସମଗ୍ର ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଭକ୍ତ ଜଳାଭିଷେକ କରିଛନ୍ତି। କାଉଡ଼ିଆ ଭକ୍ତମାନେ ସୁଦୂର କଟକସ୍ଥିତ ମହାନଦୀ, ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ଓ କଣ୍ଟିଲୋ ନୀଳମାଧବସ୍ଥିତ ନଦୀରୁ ଜଳଭାର ଉଠାଇ ଆଣି ରବିବାର ମନ୍ଦିର ନିକଟରେ ଆସି ପହଞ୍ଚିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ କାଉଡ଼ିଆ ଭକ୍ତମାନଙ୍କ ସହାୟତା ଲାଗି ବ୍ୟାପକ ସୁବନ୍ଦୋବସ୍ତ କରାଯାଇଥିଲା। ସୋମବାର ଭୋର୍ ୪ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଭକ୍ତମାନେ ଧାଡ଼ି ବାନ୍ଧି ଛିଡ଼ା ହୋଇ ଶ୍ରୀଉମାମହେଶ୍ୱର ଦେବଙ୍କୁ ଜଳଲାଗି କରିଛନ୍ତି। ସେହିଭଳି ଗବପଦର ବିଜେ ରାମେଶ୍ୱର ଦେବଙ୍କ ପୀଠ, ଶିଙ୍ଗେଶ୍ୱରସ୍ଥିତ ଶିଙ୍ଗୀନାଥ ଦେବ, ଧୂଆଁଳସ୍ଥିତ ଧବଳେଶ୍ୱର ଦେବ ପୀଠ, ମଠପୁରସ୍ଥିତ କଳିଯୁଗେଶ୍ୱର ଦେବଙ୍କ ପୀଠ, ନାଚୁଣୀସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ବାଣପୁର ଗାଲୁଆସ୍ଥିତ ଗୁପ୍ତେଶ୍ୱର ଦେବ, ଗଡିଶ୍ୱର ଦେବ, କପିଳେଶ୍ୱର ଦେବ ଓ ବାଲୁଙ୍କେଶ୍ୱର ଦେବ ଆଦିଙ୍କ ପୀଠରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ହଜାର ହଜାର କାଉଡ଼ିଆ ଭକ୍ତ ଜଳାଭିଷେକ କରିଛନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସଦସ୍ୟମାନେ ଉପସ୍ଥିତ ରହି କାଉଡ଼ିଆମାନଙ୍କ ଜଳଲାଗି ନିମନ୍ତେ ସୁବନ୍ଦୋବସ୍ତ କରିଥିଲେ। କାଉଡ଼ିଆମାନଙ୍କ ଗେରୁଆ ବସ୍ତ୍ର, କାନ୍ଧରେ ବାହୁଙ୍ଗି ସାଙ୍ଗରେ ବୋଲ୍‌ବମ୍ ହରହର୍ ବମ୍ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇ ସର୍ବତ୍ର ବେଶ୍ ଶିବମୟ ହୋଇପଡ଼ିଛି।

# ସମାଜସେବୀ ଘନଙ୍କ ପରଲୋକ

ଖୋର୍ଦ୍ଧା, ୨୧।୭ (ସମିସ): ଖୋର୍ଦ୍ଧାର ଜଣେ ଜଣାଶୁଣା ସମାଜସେବୀ ତଥା ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ବରିଷ୍ଠ ନାଗରିକ ଘନ ବେହେରା (ଟନିଆ)ଙ୍କ ୮୫ ବର୍ଷ ବୟସରେ ସାଗୁଆନ ବଗିଚାସ୍ଥିତ ବାସଭବନରେ ପରଲୋକ ଘଟିଛି। ଟନିଆଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ମୁରବି ଶ୍ରେଣୀୟ ଓ ପରୋପକାରୀ ବ୍ୟକ୍ତି ଥିଲେ। ଏଥିସହିତ ସାଗୁଆନ ବଗିଚା ସଂକୀର୍ତ୍ତନ ମଣ୍ଡଳୀ, ଅଷ୍ଟପ୍ରହରି ଆଦି କମିଟିରେ ବରିଷ୍ଠ ସଦସ୍ୟ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କ ପ୍ରିୟଭାଜନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ, ଝିଅ, ଜ୍ୱାଇଁ, ବୋହୂ, ନାତି ନାତୁଣୀଙ୍କ ସମେତ ବାଲ୍ୟବନ୍ଧୁଙ୍କ ସମେତ ସଂକୀର୍ତ୍ତନମଣ୍ଡଳୀ ସଦସ୍ୟମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ଥାନୀୟ ବରୁଣେଇସ୍ଥିତ ହାଡ଼ଗାଡ଼ିଆ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ସୁଧାକର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଉତ୍ତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସମାଜସେବୀ ଜିତେନ୍ଦ୍ର ପ୍ରଧାନ, ସାମ୍ବାଦିକ ଲଳିତ ମୋହନ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



# ଗାୟତ୍ରୀ ପରିବାର ପକ୍ଷରୁ ଚାରାରୋପଣ

ବାଲୁଗାଁ, ୨୧।୭ (ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଗାୟତ୍ରୀ ତୀର୍ଥ, ଶାନ୍ତିକୁଞ୍ଜ ଓ ହରିଦ୍ୱାରର ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲା ଶ୍ରୀକ୍ଷେତ୍ର ପୁରୀ ଗାୟତ୍ରୀ ପରିବାର, ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ଚନ୍ଦ୍ରଶେଖରପୁର, ବାଣପୁର ଓ ନଇରୀ ଗାୟତ୍ରୀ ପରିବାର ତରଫରୁ ଖୋର୍ଦ୍ଧା ଜିଲ୍ଲାର ନଇରି ଗ୍ରାମସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳାକ୍ଷେତ୍ର ପବିତ୍ର 'କାଙ୍କଣ ଶିଖରୀ' ପୀଠ ପରିସରରେ ବିଭିନ୍ନ ପ୍ରକାରର ଫଳଚାରା ରୋପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୀର ଇଂ. ଚିତ୍ତରଞ୍ଜନ ବିଶ୍ୱାଳ, ଟ୍ରଷ୍ଟି ରଙ୍ଗଲତା ସାହୁ, ସଞ୍ଜୟ ରାଉତରାୟ, ଭୁବନେଶ୍ୱରର ଗୋପାଳ କୃଷ୍ଣ ସାହୁ ଓ ବାଣପୁରର ରାଜେନ୍ଦ୍ର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୫୦ ଜଣ ପରିଜନ ସାମିଲ ହୋଇ ଗୁଆ, ନଡ଼ିଆ, ଆମ୍ବ, ପଣସ, ପିଜୁଳି, ଆତ, ଅଁଳା, ବର ଆଦି ୨ଶହ ଫଳଚାରା ରୋପଣ କରାଯାଇଛି।

# ସମାଜସେବୀ ସୀତାଂଶୁ ଭୂଷଣଙ୍କ ସ୍ମୃତିସଭା

ଗମ୍ଭାରୀମୁଣ୍ଡା, ୨୧।୭ (ସମିସ): ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରେମାଞ୍ଜଳି ପଟ୍ଟନାୟକଙ୍କ ସ୍ୱାମୀ ସୀତାଂଶୁ ଭୂଷଣ ପଟ୍ଟନାୟକଙ୍କ ଦ୍ୱାଦଶାହ ସ୍ମୃତିସଭା ଖଜୁରିଆ ଗ୍ରାମସ୍ଥିତ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଲଖ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ମିକୁନ୍ ସାହୁ, ଡୁମୁରାପୁଟ ପଞ୍ଚାୟତ ସରପଞ୍ଚ ଅକ୍ଷୟ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ଦୁଷ୍ମନ୍ତ ହରିଚନ୍ଦନ, କୁମୁରାଙ୍ଗ ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋଜ କୁମାର ପ୍ରଧାନ, ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ, ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ, ଶିକ୍ଷାବିତ୍ ଦୁର୍ଗାଚରଣ ମହାରଣା, ଶିକ୍ଷାବିତ୍ ଚିତ୍ତରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ୍ ବ୍ରଜ ସୁନ୍ଦର ମହାପାତ୍ର, ଆଇନଜୀବୀ ଶେଷଦେବ ମହାରଣା, ଶିକ୍ଷାବିତ୍ କୈଳାସ ସାମନ୍ତସିଂହାର, ଦାଶରଥି ସେଠୀ, ରମେଶ ସାମନ୍ତସିଂହାରଙ୍କ ସହିତ ସମସ୍ତ ଜନପ୍ରତିନିଧି ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

ନିରାକାରପୁର ରେଳ ଫାଟକ ନିକଟରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଲୋକେ ଛାଡୁନାହାନ୍ତି; ଟ୍ରେନ୍ ଯାଇପାରୁନି

ନିରାକାରପୁର, ୨୧।୭ (ସମିସ)

ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ନୂଆ ଜଗନ୍ନାଥ ସଡ଼କରେ ଥିବା ରେଳ ଫାଟକରେ ଦିନକୁ ଦିନ ଭିଡ଼ ବୃଦ୍ଧି ପାଇବାରେ ଲାଗିଛି। ନା ହେଉଛି ଓଭରବ୍ରିଜ୍, ନା ହେଉଛି ବାଇପାସ୍ ନା ହେଉଛି ଅଣ୍ଡର ପାସ୍। ଖାଲି ପ୍ରତିଶ୍ରୁତି ଶୁଣିବାକୁ ମିଳୁଛି। ବିଭାଗ ତରଫରୁ ଖାଲି ମାପଚୁପ ପ୍ରହସନ ଚାଲିଛି। ଫାଇଲ୍ ତା' ବାଟରେ ପଡ଼ିରହିଛି। ଦୈନନ୍ଦିନ ରେଳବାଇର ଏହି ଫାଟକ ଲାଗି ଲକ୍ଷ ଲକ୍ଷ ଟଙ୍କା ବି କ୍ଷତି ହେଉଛି। ଲୋକେ ଘଣ୍ଟା ଘଣ୍ଟା ଧରି ଖରା, ବର୍ଷାରେ ଛିଡ଼ା ହେଉଛନ୍ତି। ଜରୁରୀକାଳୀନ ସେବା ଯାନବାହନ ଅଟକି ରହିଯାଉଛି। ଯାହାର ଜରୁରୀ କାର୍ଯ୍ୟ ଏହି ସ୍ଥାନରେ ବିଳମ୍ବ ଯୋଗୁଁ ବିଗିଡ଼ି ଯାଉଛି। ଏହି ବାଟ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ଉଚ୍ଚପଦସ୍ଥ ଅଧିକାରୀମାନେ ଯାଉଥିଲେ ବି କାହିଁକି



ସମସ୍ତେ ନିରୁପାୟ ବୋଲି ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କଲାଣି। ସୋମବାର ସନ୍ଧ୍ୟାରେ ୭ଟାରେ ଟ୍ରେନ୍ ଆସି ସିଗ୍‌ନାଲ ନିକଟରେ ପହଞ୍ଚିଲାଣି, କିନ୍ତୁ ଲୋକେ ଗେଟ୍ ବନ୍ଦ କରିବାକୁ ସୁଯୋଗ ଦେଲେନି। ଯାହା ଫଳରେ ଦୁଇ ପଟେ ଦୁଇଟି ଟ୍ରେନ୍ ଅଧଘଣ୍ଟା ଛିଡ଼ା ହୋଇ ରହିଲା। ଲୋକେ, ଯାନବାହନ ଅତିକ୍ରମ କଲା ପରେ ନିରୁପାୟ ଗେଟ୍ ଜଗୁଆଳି ଗେଟ୍ ପକାଇଲା ପରେ ଟ୍ରେନ୍ ଅତିକ୍ରମ କଲା। ଏବେ ଟ୍ରେନ୍ ସଂଖ୍ୟା ବଢ଼ିବାକୁ ପୁରୀ ଯାତାୟାତ କରିବାକୁ ନୂଆ ଜଗନ୍ନାଥ ସଡ଼କରେ ଯାତ୍ରୀ ଓ ସ୍ଥାନୀୟ ବିଭିନ୍ନ ପଞ୍ଚାୟତର ଲୋକମାନଙ୍କ ଭିଡ଼ ଅସମ୍ଭବ ହେଉଛି। ଲୋକେ ଗେଟ୍ ପକାଇବାକୁ ଦେଉ ନ ଥିବାରୁ ଗେଟ୍ ଜଗୁଆଳି ଥରେ ଗେଟ୍ ପକାଇଲେ ଭୟରେ ୨/୩ଟି ଟ୍ରେନ୍ ଅତିକ୍ରମ ପରେ ଗେଟ୍ ଖୋଲୁଛନ୍ତି। ଏଣେ ଗେଟ୍ ବାରମ୍ବାର ପଡୁଥିବାରୁ ଲୋକେ ଦୀର୍ଘ ସମୟ ଛିଡ଼ା ହେବାର ଭୟରେ ଗେଟ୍ ଅତିକ୍ରମ କରିବାକୁ ଗେଟ୍ ବନ୍ଦ କରିବାକୁ ଦେଉନାହାନ୍ତି। ଏଭଳି ସ୍ଥିତିରେ ସରକାର ଓ ରେଳ ବିଭାଗ ତରଫରୁ କୌଣସି ସମାଧାନ ନ ହେବା ପର୍ଯ୍ୟନ୍ତ ଟ୍ରାଫିକ୍ ପରିଚାଳନା ପାଇଁ ରେଳ ବିଭାଗ ଓ ସ୍ଥାନୀୟ ପୁଲିସ ପକ୍ଷରୁ ସ୍ଥାୟୀ ପୁଲିସ ମୁତୟନ କରିବାକୁ ଦାବି ହେଉଛି।

■ ଘରେ ପଶି ମହିଳାଙ୍କୁ ଛୁରାମାଡ଼

## ଝିଅକୁ ବଞ୍ଚାଇବାକୁ ଯାଇ ମା' ଆହତ

**ବାରିପଦା, ୨୧।୭(ସମିସ):** ଦିନ ଦି'ପହରେ ୩ ମହଲା ଉପରେ ଥିବା ଘରେ ପଶି ମହିଳାଙ୍କୁ ଛୁରାମାଡ଼। ବାରିପଦା ଭଞ୍ଜପୁର ଥାନା ମୁର୍ଗାବାଡ଼ି ଅଞ୍ଚଳ ଗ୍ରାଣ୍ଡଗଳିରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଆହତ ମହିଳାଜଣଙ୍କ ହେଲେ, ସମୀର ସାହୁଙ୍କ ସ୍ତ୍ରୀ ମମତା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ହାତ ଓ ଆଙ୍ଗୁଳିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଦୁର୍ବୃତ୍ତଜଣଙ୍କ ମୁହଁରେ ଗାମୁଛା ଘୋଡ଼ାଇ କଲିଂବେଲ ମାରି ପ୍ରଥମେ ଘର ଭିତରକୁ ପଶିଥିଲା। ଏହା ଦେଖି ମମତା ପାଟି କରିବାରୁ ଦୁର୍ବୃତ୍ତ ତାଙ୍କ ସାନଝିଅ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେଇଥିଲା। ମମତା ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ବୃତ୍ତଙ୍କ ଛୁରାମାଡ଼ର ଶିକାର ହୋଇଥିଲେ। ସେ ପାଟି କରିବାରୁ ଦୁର୍ବୃତ୍ତଜଣଙ୍କ ଚପଲ ଛାଡ଼ି ଦୌଡ଼ି ପଳାଇଥିଲା।

■ ପ୍ରକାଶ ପାଇଲା ଏଲ୍ଏଲ୍ବି ମେଧା ତାଲିକା

## 'ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ' ପ୍ରଥମ ପସନ୍ଦ

**ଭୁବନେଶ୍ୱର, ୨୧।୭(ସମିସ):** ତିନି ବର୍ଷିଆ ଏଲ୍ଏଲ୍ବି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୩୬୦ଟି ସିଟ୍‌ରେ ନାମଲେଖା ପାଇଁ ୩୬୦ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୨୦୬ଜଣ ଛାତ୍ର ଥିବା ବେଳେ ୧୫୪ଜଣ ଛାତ୍ରୀ ରହିଛନ୍ତି। ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହାର କଟ୍-ଅଫ୍ ସର୍ବାଧିକ ୮୨.୭୩% ଯାଇଥିବା ବେଳେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୭୯.୪୨% ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର କଟ୍-ଅଫ୍ ୭୫.୧୩% ରହିଛି। ଚୟନ ହୋଇଥିବା ପିଲାମାନେ ୨୪ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାୟୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ୩୬୦ଟି ସିଟ୍‌ରେ ନାମଲେଖା ପାଇଁ ୨୨୦୭ଜଣ ଆବେଦନ କରିଥିଲେ।

■ ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମାଧା ତାଲିକା

## ନାମଲେଖା ପାଇଁ ୫୨,୯୫୫ ଚୟନ

**ଭୁବନେଶ୍ୱର, ୨୧।୭(ସମିସ):** ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପଇଛି। ଏହି ରାଉଣ୍ଡରେ ନାମଲେଖା ପାଇଁ ୫୨,୯୫୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୬,୦୯୨ ଛାତ୍ର ଥିବା ବେଳେ ୨୬,୮୬୦ ଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୩୮,୧୬୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧୮୭୭, ବାଣିଜ୍ୟରେ ୨୪୦୩, ଧନ୍ଦାମୂଳକ ଶିକ୍ଷାରେ ୩୩୯ ଏବଂ ସଂସ୍କୃତରେ ୧୭୧ ଜଣ ଚୟନ ହୋଇଛନ୍ତି। ସେହିପରି ପ୍ରଥମ ରାଉଣ୍ଡ ନାମଲେଖା ସମୟରେ ସ୍ଲାଇଡ୍-ଅପ୍ ଦେଇଥିବା ୨୮,୩୧୩ଜଣ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଅପରପକ୍ଷେ, ପ୍ରଥମ ରାଉଣ୍ଡରେ ୪ଲକ୍ଷ ୧୩ହଜାର ୮୦୪ ଜଣ ମନୋନୀତ ହୋଇଥିବା ବେଳେ ୩ଲକ୍ଷ ୫୫ହଜାର ୬୮ଜଣ ନାମ ଲେଖାଇଛନ୍ତି। ସେହିପରି, ୫୮,୭୩୬ ଜଣ ନାମ ଲେଖାଇନାହାନ୍ତି। ସମୁଦାୟ ୫ଲକ୍ଷ ୬୮ହଜାର ୬୧୫ଟି ସିଟ୍ ଥିବା ବେଳେ ଆହୁରି ୨ଲକ୍ଷ ୧୩ ହଜାର ୫୪୭ ସିଟ୍ ଫାଙ୍କା ରହିଛି। ସମୁଦାୟ ସିଟ୍ ସଂଖ୍ୟା ଅନୁସାରେ ପ୍ରାୟ ୬୨.୪୫ ପ୍ରତିଶତ ସିଟ୍‌ରେ ନାମଲେଖା ହୋଇଛି।

## ୩୦ ମଧ୍ୟରେ +୨ ଇନଷ୍ଟାଣ୍ଟ ରିଚେକିଂ ଓ ରିଆଡିସନ୍ ଆବେଦନ

**ଭୁବନେଶ୍ୱର, ୨୧।୭(ସମିସ):** +୨ଇନ୍‌ଷ୍ଟାଣ୍ଟ ପରୀକ୍ଷାଖାତା ପୁନଃଯାଞ୍ଚ(ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିସନ୍) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ମଧ୍ୟରେ ଆଶାୟୀମାନେ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପକ୍ଷରୁ କୁହାଯାଇଛି। ଏଥିପାଇଁ ୨୦୦ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ବ୍ୟାଙ୍କ ଚାଲାଣ ମାଧ୍ୟମରେ ଫି' ପୈଠ କରିପାରିବେ ଛାତ୍ରଛାତ୍ରୀ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍‌ରେ ଛାତ୍ରଛାତ୍ରୀମାନେ ଆବେଦନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ପାସ୍ କରିଥିବା ବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଏସ୍‌ସିବିରେ କାର୍ଯ୍ୟକ୍ଷମ ହେବ 'ଅସ୍ଥିମଜ୍ଜା ପ୍ରତିରୋପଣ ୟୁନିଟ୍'

**କଟକ, ୨୦।୭ (ସମିସ):** ଏସ୍‌ସିବିରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ଅସ୍ଥିମଜ୍ଜା ପ୍ରତିରୋପଣ ୟୁନିଟ୍। ଏଣିକ ଆଉ ଡାକ୍ତରଖାନା କର୍ତ୍ତୃପକ୍ଷ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ଆସୁଥିବା ରୋଗୀଙ୍କୁ ଫେରାଇବେ ନାହିଁ। ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଏସ୍‌ସିବି ଏମ୍‌ସିଏଚ୍)ରେ ରକ୍ତ ରୋଗ ବିଭାଗରେ ତାଙ୍କୁ ଭର୍ତ୍ତି କରାଯାଇ ଚିକିତ୍ସା କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଏଥିପାଇଁ ୩୩ଜଣ ରୋଗୀଙ୍କ ମଧ୍ୟରୁ ୩ଜଣ ପ୍ରତିରୋପଣ ଆବଶ୍ୟକ ଥିବା ରୋଗୀଙ୍କୁ ଅସ୍ଥିମଜ୍ଜା ପ୍ରତିରୋପଣ ୟୁନିଟ(ବିଏମ୍‌ଟି)ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯିବ। ଶୁକ୍ରବାରଠାରୁ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବଙ୍କ ସହ ଅଲୋଚନା କରି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ସୂଚନାଯୋଗ୍ୟ, କଟକ ବଡ଼ ଡାକ୍ତରଖାନାରେ ଦୀର୍ଘ ୫ମାସ ହେବ ଅସ୍ଥିମଜ୍ଜା ପ୍ରତିରୋପଣ ବନ୍ଦ ହୋଇଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତରଙ୍କ ଚୁକ୍ତି ଶେଷ ହେବା ପରେ ସରକାର ତାଙ୍କ ଚୁକ୍ତିକୁ ନବୀକରଣ କରିନଥିଲେ। ଫଳରେ ବିଶେଷଜ୍ଞ




ଡାକ୍ତର ଅଭାବରୁ ଏହା ଆଉ କାର୍ଯ୍ୟକାରୀ ହୋଇନଥିଲା। ଏହା ଏକ ବ୍ୟୟବହୁଳ ଚିକିତ୍ସା ହୋଇଥିବାରୁ ଏଥିପାଇଁ ଅନେକ ରୋଗୀ ଅପେକ୍ଷା କରି ରହିଥିଲେ। ତେବେ ଘଟଣା ଲୋକଲୋଚନାକୁ ଆସିବା ପରେ ତୁରନ୍ତ ବିଏମ୍‌ଟି କାର୍ଯ୍ୟକ୍ଷମ କରିବାକୁ ହାଇକୋର୍ଟ ସ୍ୱାସ୍ଥ୍ୟ ବିଭାଗ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସରକାର ପ୍ରତିରୋପଣ ପାଇଁ ଜଣେ ଅବସରପ୍ରାପ୍ତ ବିଶେଷଜ୍ଞଙ୍କ ନେତୃତ୍ୱରେ ଏହା ପୁଣିଥରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହି ବ୍ୟବଧାନ ପୂରଣ କରିବା ପାଇଁ ସରକାର ଏମ୍ସ ଅବସରପ୍ରାପ୍ତ ହେମାଟୋଲୋଜି ବିଶେଷଜ୍ଞ ଡା. ପ୍ରବୋଧ କୁମାର ଦାସଙ୍କୁ ନିଯୁକ୍ତି ଦେବେ। ସେ ଏସ୍‌ସିବିରେ ପରାମର୍ଶଦାତା ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି। ଏଥିପାଇଁ ଖୁବଶୀଘ୍ର ତାଙ୍କ ସହ ଚୁକ୍ତି ସ୍ୱାକ୍ଷର କରିବେ। ଏଥିମଧ୍ୟରେ ରକ୍ତରୋଗ ବିଭାଗରେ ଥିବା ଅନ୍ୟ ଡାକ୍ତରଙ୍କୁ ନେଇ ରୋଗୀ ଚିକିତ୍ସା ଆରମ୍ଭ କରାଯିବ। ବିଭାଗୀୟ ଅଧିକାରୀଙ୍କ ସହ ଅନ୍ୟ ଦୁଇଜଣ ଡାକ୍ତର ଏଥିରେ ନିୟୋଜିତ ରହିବେ। ଏଥିପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

**ମହୁଲଡିହା,୨୧।୭(ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସମ୍ବର ମାଂସ, ଶିଙ୍ଘ ଏବଂ ଧନୁ ଜବତ କରିଛି। ଗିରଫ ଶିକାରୀଦ୍ୱୟ ହେଲେ, ଅସନକୁଦର ଗ୍ରାମର ଫକୀର ଚକିଆ(୪୪) ଏବଂ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ(୨୧)। ସୋମବାର ଦୁହିଁଙ୍କୁ କୋର୍ଟରେ ହାଜର କରାଯାଇଛି। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇଦିଆଯାଇଛି। ଏଆଇ କ୍ୟାମେରା ଫୁଟେଜ୍ ଆଧାରରେ ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ୍ ଏବଂ କରଞ୍ଜିଆ ବନଖଣ୍ଡର ବନ କର୍ମଚାରୀମାନେ ଗତକାଲି ଠାକୁରମୁଣ୍ଡା ବନାଞ୍ଚଳ ଅଧୀନ ଅସନକୁଦର ଏବଂ ରାଣୀଭୋଳ ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅସନକୁଦର ଫକୀର ଏବଂ ରାଣୀଭୋଳର କମଳାଙ୍କୁ ଘରୁ ଧନୁ, ତୀର, ବାର୍‌ହା ଦାନ୍ତ, ପକ୍ଷୀ ଅଂଶବିଶେଷ, ସମ୍ବର ଶିଙ୍ଗ, ମୁଣ୍ଡ ସହ ସମ୍ବର ମାଂସ ଏବଂ ବାଉଁଶ ପଟି ଆଦି ଜବତ କରିଥିଲେ। ଏତେ ପରିମାଣରେ ପଶୁ ଦେହାବଶେଷ ଦେଖି ବନ ବିଭାଗ ତାଜୁବ ହୋଇଯାଇଥିଲା। ଉଭୟଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା।

ସମ୍ବର ମାଂସ, ଶିଙ୍ଘ, ଧନୁତୀର ଜବତ



# ଦୁର୍ଘଟଣା ନେଲା ୩ ଜୀବନ

**ଯୋଡ଼ା, ୨୧।୭(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅଞ୍ଚଳରେ ଆଜି ଦିନକରେ ୩ଟି ପୃଥକ୍ ଦୁର୍ଘଟଣାରେ ୩ଜଣ ପ୍ରାଣ ହରାଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି।

**କାଉଡିଆ ଗାଡ଼ି ଓଲଟି ଜଣେ ମୃତ, ୭ ଗୁରୁତର**

**ବାଇକ୍‌କୁ ଧକ୍କା ଦେଲା ଟ୍ରକ୍; ୨ ମୃତ**

ସୂଚନାନୁଯାୟୀ, ଶ୍ରାବଣ ଦ୍ୱିତୀୟ ସୋମବାର ଅବସରରେ ରାଉରକେଲା ସେକ୍ଟର୍-୨ରୁ ୮ଜଣ କାଉଡ଼ିଆ ବିଲେଇପଦାସ୍ଥିତ ମୁର୍ଗା ମହାଦେବଙ୍କୁ ଜଳ ଅର୍ପଣ କରି ଘଟଗାଁ ମା' ତାରିଣୀଙ୍କୁ ଦର୍ଶନ କରିବା ପାଇଁ ଏକ ଗାଡ଼ିରେ ଯାଉଥିଲେ। ୫୨୦ନମ୍ବର ଜାତୀୟ ରାଜପଥର ତୋଡୁଆପାଳ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ କାଉଡ଼ିଆଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ମୃତକ ହେଲେ, ସଞ୍ଜିତ ଲାଖୁଆ। ଗୁରୁତରମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭୋର୍ ପ୍ରାୟ ୩ଟା ବେଳେ ଏହି ଅଘଟଣ ଘଟିଥିଲା।

ସେହିପରି ବାମେବାରୀ ଥାନା ଅଧୀନ ଜେଏସ୍‌ଡବ୍ଲ୍ୟୁ ଖଣି ନିକଟରେ ଦିନ ୧୨ଟାରେ ୨ଜଣ ବାଇକ୍‌ରେ ଯାଉଥିବା ବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ବାମେବାରୀ ପୁଲିସ ସେମାନଙ୍କୁ ଏକ ଆମ୍ବୁଲାନ୍ସରେ ମେଡିକାଲରେ ଭର୍ତ୍ତି କରାଇବା ପାଇଁ ନେଉଥିବା ବେଳେ ବାଟରେ ଦୁହିଁଙ୍କ ମୃତ୍ୟୁ ଘଟିଥଲା। ମୃତକଦ୍ୱୟ ହେଲେ, ପଙ୍କଜ କୁମାର ସାହା (୨୮) ଏବଂ ଛୋଟୁ ଯାଦବ (୩୭)। ଅନ୍ୟ ଏକ ଘଟଣାକ୍ରମେ ବଡ଼ବିଲ ଥାନା ଅଧୀନ ଭଦ୍ରାସାହି ନିକଟରେ ୧୬ଚକିଆ ଏକ ଟ୍ରକ୍ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯୋଡ଼ାସ୍ଥିତ କମ୍ପାନୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

**ରେଭେନ୍ସା ପୂର୍ବ ଛାତ୍ରାବାସର ୧୦ ଅନ୍ତେବାସୀଙ୍କୁ ନିଲମ୍ବନ ଘଟଣା**

# କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରଙ୍କ ଧାରଣା



**କଟକ, ୨୧।୭ (ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବ ଛାତ୍ରାବାସରେ ରାଗିଂ କରାଯିବା ନେଇ ଛାତ୍ରାବାସ ୱାର୍ଡେନ୍‌ଙ୍କ ଅଭିଯୋଗକ୍ରମେ ୧୦ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଆଜି ଏହାର ପ୍ରତିବାଦରେ ନିଲମ୍ବିତ ଛାତ୍ର ଓ ପୀଡ଼ିତ ବୋଲି କୁହାଯାଉଥିବା ପ୍ରଥମବର୍ଷ ଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଅନ୍ୟପକ୍ଷରେ ଡେପୁଟି ୱାର୍ଡେନ ବହୁ ସମୟରେ ଅନ୍ତେବାସୀଙ୍କୁ ହଇରାଣ ହରକତ କରୁଥିବା ଧାରଣାରତ ଛାତ୍ରମାନେ ଅଭିଯୋଗ ଆଣିଥିଲେ। ଛାତ୍ରମାନେ ଡେପୁଟି ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଡ଼ି ବସିବା ସହ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଦାବି କରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏ ବିଷୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାଣିବା ପରେ କୁଳପତି ପ୍ରଫେସର୍ ସଞ୍ଜୟ କୁମାର ନାୟକଙ୍କୁ ସତ୍ୟାସତ୍ୟ ଯାଞ୍ଚ କରି ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଆନ୍ଦୋଳନରତ ଛାତ୍ରଙ୍କ ନିକଟରେ କୁଳପତି ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ରେଭେନ୍ସା ପୂର୍ବ ଛାତ୍ରାବାସରେ ରବିବାର ବିଳମ୍ବିତ ରାତିରେ ପ୍ରଥମବର୍ଷ ଛାତ୍ରଙ୍କୁ ରାଗିଂ ହୋଇଥିବା ନେଇ ଅଭିଯୋଗ ଉଠିଥିଲା। ହଷ୍ଟେଲ ୱାର୍ଡେନ୍ ଏବଂ

■ ୱାର୍ଡେନ୍‌ଙ୍କ ବିରୋଧରେ ଆଣିଲେ ଅଭିଯୋଗ
■ ନିଲମ୍ବନ ଉଠିବା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଆଣ୍ଟି ରାଗିଂ କମିଟି ଲିଖିତ ଭାବେ ଚିଫ୍ ୱାର୍ଡେନଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ଚିଫ୍ ୱାଡେନ୍ ୧୦ ଅନ୍ତେବାସୀଙ୍କୁ ହଷ୍ଟେଲରୁ ନିଲମ୍ବନ କରିଥିଲେ। ତେବେ ସଂପୃକ୍ତ ଛାତ୍ରମାନେ ରାଗିଂ କରିଥିବା ନେଇ କୌଣସି ପ୍ରମାଣ ମିଳିନଥିଲା। ସୋମବାର ଏ ସମ୍ପର୍କରେ ଜଣାପଡ଼ିବା ପରେ ହଷ୍ଟେଲର ପ୍ରଥମବର୍ଷ ଏବଂ ତୃତୀୟବର୍ଷ ଅନ୍ତେବାସୀମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ବିନା କାରଣରେ ଉକ୍ତ ଅନ୍ତେବାସୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ପୀଡ଼ିତ ପ୍ରଥମବର୍ଷ ଛାତ୍ର ରାଗିଂ ନେଇ କୌଣସି ଅଭିଯୋଗ କରିନଥିବା ଜଣାଇଥିଲେ। ଏଥିସହ ହଷ୍ଟେଲର ଡେପୁଟି ୱାର୍ଡେନ୍ ଅନ୍ତେବାସୀଙ୍କୁ ହଇରାଣ ହରକତ କରୁଥିବା ନେଇ କୁଳପତିଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର କୁଳପତି ସେମାନଙ୍କୁ ନ ଭେଟି ନିଜ କାର୍ଯ୍ୟାଳୟରୁ ପଳାଇ ଯାଇଥିଲେ। କୁଳପତି ସେମାନଙ୍କ କଥା ନ ଶୁଣିବାରୁ ଅନ୍ତେବାସୀମାନେ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

# ଆର୍‌ଏସ୍‌ପିରେ ଦୁର୍ଘଟଣା; ଠିକା ଶ୍ରମିକ ମୃତ

**ରାଉରକେଲା, ୨୧।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଏସ୍ଏମ୍ଏସ୍-୨ରେ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ, ଅଭିରାମ ମାହାତୋ (୫୨)। ତାଙ୍କ ଘର ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲାରେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସୂଚନାନୁଯାୟୀ, ଅଭିରାମ ମେସର୍ସ ଲକି କନ୍‌ଷ୍ଟ୍ରକ୍ସନ୍ ଠିକା ସଂସ୍ଥାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସେ ଏ ସିଫ୍ଟରେ ଡ୍ୟୁଟିରେ ଯାଇଥିବା ବେଳେ ଏସ୍ଏମ୍ଏସ୍-୨ ବିଓଏଫ୍ ସପ୍‌ରେ ଏକ ଶାବଳ ଦ୍ୱାରା ଲାନ୍ସ ଜାମ ସଫା କରୁଥିବା ବେଳେ ଶାବଳଟି ଛିଟିକି ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଆର୍ଏସ୍‌ପି ଡିଆଇସି ଆଲୋକ ବର୍ମା ଅଭିରାମଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆର୍ଏସ୍‌ପିର ନିୟମ ଅନୁସାରେ, ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆର୍ଏସ୍‌ପିରେ ନିଯୁକ୍ତି ଦିଆଯିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

■ ଶ୍ରାବଣ ସୋମବାରରେ ଅଘଟଣ

## ମନ୍ଦିର କୂଅରେ ପଡ଼ି ସେବାୟତ ମୃତ

**ପୁରୀ,୨୧।୭(ସମିସ):** ଶ୍ରାବଣ ସୋମବାରରେ ମହାଦେବଙ୍କ ପୀଠରେ ଘଟିଛି ଅଘଟଣ। ମନ୍ଦିର କୂଅରେ ପଡ଼ି ଜଣେ ପାଳିଆ ସେବାୟତଙ୍କ ମୃତ୍ୟୁ ଘଟିଛି। ଟାଉନ୍ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିରେ ଥିବା ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରୁ ଅନ୍ୟତମ ଯମେଶ୍ୱର ମହାଦେବ ମନ୍ଦିରରେ ସୋମବାର ସକାଳୁ ଏହି ଦୁଃଖଦ ଘଟଣା ଘଟିଛି। ମନ୍ଦିର କୂଅରେ ପଡ଼ି ପାଳିଆ ସେବାୟତ ଝାଡୁ ପଣ୍ଡା (୭୦)ଙ୍କ ମୃତ୍ୟୁ ହୋଇଛି। ଏବେ ଚାଲିଛି ଶ୍ରାବଣ ମାସ। ବିଭିନ୍ନ ଶୈବ ପୀଠରେ ଜଳଲାଗି କରୁଛନ୍ତି କାଉଡ଼ିଆ। ଯମେଶ୍ୱରଙ୍କ ପୀଠରେ ମଧ୍ୟ କାଉଡ଼ିଆମାନେ ପ୍ରତିବର୍ଷ ଜଳଲାଗି କରିଥା'ନ୍ତି। ସୋମବାର ଭୋର୍ ପ୍ରାୟ ୫ଟା ୧୫ରେ ମନ୍ଦିରର ପାଳିଆ ସେବାୟତ ଝାଡୁ ପଣ୍ଡା ଠାକୁରଙ୍କ ନୀତିକାନ୍ତି ପାଇଁ କୂଅରୁ ପାଣି କାଢୁଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ କୂଅରେ ପଡ଼ି ଯାଇଥିଲେ। କୂଅରେ ବି ଅଧିକ ପାଣି ଥିବାରୁ ସେ ବୁଡ଼ିଯାଇଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ସାହାଯ୍ୟରେ ପୁଲିସ୍ କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଏନ୍‌ସିଇଆର୍‌ଟି ବହିରୁ ବାଦ୍ ପଡ଼ିବନି 'ପାଇକ ବିଦ୍ରୋହ'

**ଭୁବନେଶ୍ୱର, ୨୧।୭(ସମିସ):** ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର ପାଇକ ବିଦ୍ରୋହ ବିଷୟବସ୍ତୁ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ନିକଟରେ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପୁସ୍ତକ ପ୍ରକାଶ ପାଇଥିବାବେଳେ ପାଇକ ବିଦ୍ରୋହ ସ୍ଥାନ ପାଇ ନ ଥିବାରୁ ଏପରି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋହ୍ଲ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଅଭିଯୋଗ ହୋଇଛି। ତେବେ ସମସ୍ତ ଅଭିଯୋଗ ଓ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ବା ଏନ୍‌ସିଇଆର୍‌ଟି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପ୍ରକାଶ ପାଇଛି। ଏହାର ଭଲ୍ୟୁମ୍-୨ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ପ୍ରକାଶ ପାଇବାର ସମ୍ଭାବନା ରହିଛି। ତହିଁରେ ଆଞ୍ଚଳିକ ଆନ୍ଦୋଳନ ଏବଂ ସଶସ୍ତ୍ର ବିଦ୍ରୋହ ସ୍ଥାନିତ ହୋଇଛି। ଓଡ଼ିଶାର ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ, ପଞ୍ଜାବରେ କୁକା ଆନ୍ଦୋଳନ ବା ଶିଖ୍ ବିଦ୍ରୋହ ଆଦି ବିଷୟଗୁଡ଼ିକ ତହିଁରେ ସ୍ଥାନ ପାଇବ ବୋଲି ସ୍ପଷ୍ଟ କରାଯାଇଛି।

**ଦାରୁବିଗ୍ରହଙ୍କ ରଥ ପାଇଁ କାଠ ଅଭାବ**

# ଏଥର ଆବଶ୍ୟକତା ମେଣ୍ଟାଇଲେ ୯ ବନଖଣ୍ଡ

**ନୟାଗଡ଼, ୨୧।୭(ସମିସ):** ଜଗତର ନାଥ ଜଗନ୍ନାଥ, ବଡ଼ଠାକୁର ଓ ମା' ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରା ପାଇଁ ରଥକାଠ ସମସ୍ୟା ଦିନକୁ ଦିନ ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ଦାରୁ ବିଗ୍ରହଙ୍କ ରଥ ନିର୍ମାଣ ପାଇଁ ରଥକାଠ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ପବିତ୍ର ଘୋଷଯାତ୍ରା ପାଇଁ ଆବଶ୍ୟକତା ଅନୁସାରେ ନୟାଗଡ଼ ବନଖଣ୍ଡରୁ ଦୀର୍ଘବର୍ଷ ଧରି କାଠ ଯୋଗାଇ ଦିଆଯାଉଥିବା ବେଳେ କିଛି ବର୍ଷ ହେବ ରଥକାଠ ସମସ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ଗଣିଆ ବ୍ଲକ୍ ବଡ଼ରାଉଳ ପୀଠରେ ରଥକାଠ ଅନୁକୂଳ କରାଯାଇ ପରମ୍ପରାକୁ ବଞ୍ଚାଇ ରଖାଯାଇଥିବା ବେଳେ ଚଳିତବର୍ଷ ରଥକାଠ ୯ଟି ବନଖଣ୍ଡରୁ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

ନୟାଗଡ଼ ବନଖଣ୍ଡ ସମେତ, ଘୁମୁସର ଉତ୍ତର, ଘୁମୁସର ଦକ୍ଷିଣ, ବୌଦ୍ଧ, ରେଢ଼ାଖୋଲ, ଢେଙ୍କାନାଳ, ବରଗଡ଼, ଆଠଗଡ଼, କଟକ ଡିଭିଜନ୍ ଏବେ ରଥ ପାଇଁ କାଠ ଯୋଗାଉଛନ୍ତି। ଚଳିତବର୍ଷ ରଥଯାତ୍ରା ପାଇଁ ୮୧୫ ଖଣ୍ଡ କାଠର ଆବଶ୍ୟକତା ରହିଥିଲା। ସଂମିଲ୍ ପାଇଁ ୪୦୯ ଖଣ୍ଡ ଏବଂ ରଥଖଳାକୁ ୪୦୬

■ ଆଗକୁ ଜଟିଳ ପରିସ୍ଥିତି
■ ପଦକ୍ଷେପ ଗ୍ରହଣ କରନ୍ତୁ ସରକାର

ଖଣ୍ଡ କାଠ ପଠାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଏହି କାଠ ମଧ୍ୟରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ୨୪୫ଖଣ୍ଡ ପଠାଯାଇଥିବା ବେଳେ ବୌଦ୍ଧ ବନଖଣ୍ଡ ପକ୍ଷରୁ ୧୬୯ ଖଣ୍ଡ, ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ୯୦ ଖଣ୍ଡ, ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ୯୦ ଖଣ୍ଡ, ରେଢ଼ାଖୋଲ ବନଖଣ୍ଡ ପକ୍ଷରୁ ୧୭୮ ଖଣ୍ଡ, ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ୨୧ଖଣ୍ଡ, ବରଗଡ଼ ବନଖଣ୍ଡ ପକ୍ଷରୁ ୧୯ ଖଣ୍ଡ, ଆଠଗଡ଼ ବନଖଣ୍ଡ ପକ୍ଷରୁ ୨ ଖଣ୍ଡ, କଟକ ବନଖଣ୍ଡ ପକ୍ଷରୁ ୨ ଖଣ୍ଡ କାଠ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ବିଗତ ଦୁଇ ଦଶନ୍ଧି ମଧ୍ୟରେ ନୟାଗଡ଼ ବନଖଣ୍ଡକୁ ଜଗନ୍ନାଥ ରଥକାଠ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏହି ବନଖଣ୍ଡରୁ ଆବଶ୍ୟକତା ଅନୁସାରେ କାଠ ସଂଗ୍ରହ ହୋଇପାରୁନାହିଁ। ଫଳରେ ରଥକାଠ ପାଇଁ ନିକଟସ୍ଥ ବନଖଣ୍ଡଗୁଡ଼ିକ ଉପରେ ଚାପ ପଡୁଛି। ଏଭଳି ପରିସ୍ଥିତି ଲାଗି ରହିଲେ, ଆଗାମୀ କିଛି ବର୍ଷ ପରେ ରଥକାଠ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏବର୍ଷ ୯ ବନଖଣ୍ଡରୁ ରଥ କାଠ ସଂଗ୍ରହ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ବନଖଣ୍ଡରୁ କାଠ ସଂଗ୍ରହ କରିବାକୁ ପଡ଼ିବ ବୋଲି ଅନୁମାନ କରାଯାଉଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ସଶସ୍ତ୍ର ଡକାୟତି

**ଝାରସୁଗୁଡ଼ା, ୨୧।୭(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅଧୀନ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଭିକମପାଲି ଶାଖାରୁ ଆଜି ସଶସ୍ତ୍ର ଡକାୟତି ହୋଇଛି। ଦିନ ଦି'ପହରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶିବା ସହ ବନ୍ଧୁକ ଦେଖାଇ କ୍ୟାସ୍ କାଉଣ୍ଟର୍‌ରୁ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ବ୍ରଜରାଜନଗର ଏସଡିପିଓଙ୍କ ନେତୃତ୍ୱରେ ରେଙ୍ଗାଲି ଥାନା ଅଧିକାରୀ, ବ୍ରଜରାଜନଗର ଥାନା ଅଧିକାରୀ, ବେଲପାହାଡ଼ ଥାନା ଅଧିକାରୀଙ୍କ ସହ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ବ୍ୟାଙ୍କର ସିସିଟିଭି ଯାଞ୍ଚ କରିଛି। ଏହାସହ ଜାତୀୟ ରାଜପଥ ୪୯ କଡ଼ରେ ଥିବା ବିଭିନ୍ନ ଦୋକାନର ସିସିଟିଭି ଯାଞ୍ଚ କରିଛି। ସେହିପରି ବ୍ୟାଙ୍କର ସମ୍ବଲପୁର ରିଜିଓନାଲ ମ୍ୟାନେଜରଙ୍କ ସହ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ପହଞ୍ଚି ତଦନ୍ତ କରିଛନ୍ତି। ଦୁର୍ବୃତ୍ତମାନେ ସ୍ଥାନୀୟ ସମ୍ବଲପୁରୀ ଏବଂ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିଲେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ବ୍ୟାଙ୍କ ଖୋଲିବା ପରେ ଗୋଟିଏ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ପାଖକୁ ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ଧସେଇ ପଶିଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରାଇ ଗୋଟିଏପଟକୁ ନେଇ ଯାଇଥିଲେ। ପରେ ସେମାନେ କ୍ୟାସ କାଉଣ୍ଟର୍‌ରେ ଥିବା ସବୁତକ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଲୁଟ୍ ଟଙ୍କାର ପରିମାଣ ୫୦ହଜାରରୁ ୧ ଲକ୍ଷ ମଧ୍ୟରେ ହେବ ବୋଲି ପୁଲିସ୍ ସୂଚନା ଦେଇଛି।

**ନକଲି ହୋଟେଲ ୱେବସାଇଟ୍‌ରେ ଶ୍ରଦ୍ଧାଳୁଙ୍କୁ ଠକେଇ**

## ରାଜସ୍ଥାନରୁ ୨ ଠକଙ୍କୁ ଧରିଲା କ୍ରାଇମବ୍ରାଞ୍ଚ

**କଟକ,୨୧।୭(ସମିସ):** ନୀଳାଦ୍ରି ଭକ୍ତନିବାସ ନାମରେ ନକଲି ୱେବସାଇଟ୍ କରି ପୁରୀ ବୁଲିବାକୁ ଆସୁଥିବା ଲୋକଙ୍କୁ ଅନ୍‌ଲାଇନ୍‌ରେ ଚୂନ ମାରୁଥିବା ୨ ଠକଙ୍କୁ କ୍ରାଇମ୍‌ବ୍ରାଞ୍ଚ ରାଜସ୍ଥାନରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ରାଜସ୍ଥାନ ଗୋବିନ୍ଦଗଡ଼ ଥାନା ଅଞ୍ଚଳର ଅମିର





ଖାଁ(୨୪) ଓ କାଇଥୱାଡା ଥାନା ଅଞ୍ଚଳର ୟୁସୁଫ (୨୭)। ସେମାନଙ୍କଠାରୁ ଲାପଟପ୍, ସିମ୍ କାର୍ଡ, ମୋବାଇଲ ଫୋନ ଆଦି ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଆଗ୍ରା ଅଞ୍ଚଳର ଜଣେ ଗିରଫ ହୋଇଥିଲା। ଏହି ଠକମାନେ ପୁରୀର କିଛି ଜଣାଶୁଣା ଲଜ୍ ଓ ହୋଟେଲ ନାମରେ ନକଲି ୱେବ୍‌ସାଇଟ୍ ଖୋଲିଥିଲେ। ପୁରୀରେ ରହଣି ପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହା ଜାଣିନପାରି ଉକ୍ତ ୱେବ୍‌ସାଇଟ୍ ଜରିଆରେ ରୁମ୍ ବୁକ୍ କରିଦେଉଥିଲେ। କିନ୍ତୁ ଏଠାକୁ ଆସିବା ପରେ ସେମାନେ ଠକେଇର ଶିକାର ହେଉଥିବା ଜାଣବାକୁ ପାଉଥିଲେ। ଏମିତି ପୁଳାପୁଳା ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। କ୍ରାଇମବ୍ରାଞ୍ଚ ପ୍ରଥମେ ଉକ୍ତ ନକଲି ୱେବସାଇଟ୍‌ଗୁଡ଼ିକୁ ବନ୍ଦ କରାଇବା ସହ ଅଭିଯୁକ୍ତମାନଙ୍କୁ ଧରିଥିଲା।

**ଘୋଷଣା ପତ୍ର**



ମୁଁ ସାବିତ୍ରୀ ମାଝୀ, ସ୍ୱାମୀ - ଗୁନଧର ମାଝୀ, ଗ୍ରାମ - ବଡଧନାଡ଼ି, ପୋଷ୍ଟ - କୁସୁଡ଼ିହା, ଜିଲ୍ଲା - ବାଲେଶ୍ୱର, ପିନ ନଂ - ୭୫୬୦୨୯ ର ବାସିନ୍ଦା । ମୁଁ ଗୋଟେ ଏଲ୍.ଆଇ.ସି କରିଥିଲି ପଲିସି ନଂ - 585985535, ଏହି ପଲିସିଟି ଇନ୍ଦିରା ମାଝୀ (Indira Majhi) , ସ୍ୱାମୀ - ଗୁନାଧର ମାଝୀ (Gunadhar Majhi), ନାମରେ କରାଯାଇଥିଲା । ଏହି ପଲିସିଟି 19/01/25 ତାରିଖରେ ପରିପକ୍ୱତା ହୋଇସାରିଛି । ଏହାର ଅଗ୍ରୀମ ରାଶି ଇନ୍ଦିରା ମାଝୀ ନାମରେ ଥିବା ଏସ୍.ବି. ଆଇ ଜମା ଖାତା ନଂ. 34482233579 କୁ ଆସିଥିଲା ପରନ୍ତୁ ଏହି ଜମା ଖାତାଟି ବନ୍ଦ ହୋଇଯାଇଥିବାରୁ ପୁଣି ସମସ୍ତ ଅଗ୍ରୀମ ରାଶି ଏଲ.ଆଇ.ସି ଅଫିସକୁ ଫେରସ୍ତ ହୋଇଯାଇଛି | କାରଣ ଇନ୍ଦିରା ମାଝୀ ନାମ ରେ ଥିବା ଏସ.ବି.ଆଇ ଜମା ଖାତା ନଂ 34482233579 ଟି ବନ୍ଦ ହୋଇଯାଇଥିବାରୁ ବର୍ତ୍ତମାନ ସାବିତ୍ରୀ ମାଝୀ (SABITRI MAJHI) ନାମରେ ଅନ୍ୟ ଏକ ଜମା ଖାତା ନଂ 43395855322 ଖୋଲା ଯାଇଅଛି । ବର୍ତ୍ତମାନ ଇନ୍ଦିରା ମାଝୀ ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ୍ କାର୍ଡ, ରାସନ କାର୍ଡ ଇତ୍ୟାଦି ସବୁଥିରେ ସାବିତ୍ରୀ ମାଝୀ ନାମରେ ପରିବର୍ତ୍ତନ ହୋଇସାରିଛି । ଇନ୍ଦିରା ମାଝୀ ଏବଂ ସାବିତ୍ରୀ ମାଝୀ ହେଉଛନ୍ତି ଜଣେ ଓ ଅଭିନ୍ନ । ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟ ସତ୍ୟାତା ପାଇ କୋର୍ଟ ରେ ମଧ୍ୟ ଏଫିଡେଭିଟ କରିସାରିଛି ।

ଏଣୁ ବିନିତ ଅନୁରୋଧ ମୋର ଏହି ଏଲ.ଆଇ.ସି. ମେଚୁରୁଟିର ଅଗ୍ରୀମ ରାଶିକୁ ସାବିତ୍ରୀ ମାଝୀ ନାମରେ ଥିବା ଏସ.ବି.ଆଇ ଜମା ଖାତା ନଂ - 43395855322 ଶାଖା - ଶ୍ରୀରାମପୁରରେ ପଠେଇବାରେ ସାହାଯ୍ୟ କରନ୍ତୁ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୫ ● ପାଉଣ୍ଡ ୧୧୬.୨୭
- ୟୁରୋ ୧୦୦.୨୧ ● ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୬୯୦ (ନୂଆଦିଲ୍ଲୀ)
- ରୁପା : ୧,୧୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୨୦୦.୦୦
- ନିଫ୍ଟି ୨୫,୦୯୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଏନ୍‌ସିପିଆଇ ଆଣିଲା ନୂଆ ନିୟମ

# ୟୁପିଆଇରେ ଉଠାଇହେବ ସୁନା ଏବଂ ସମ୍ପତ୍ତି ଋଣ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି)

କେନ୍ଦ୍ର ସରକାର ୟୁପିଆଇ ବ୍ୟବହାରକାରୀମାନଙ୍କୁ ଏକ ବଡ଼ ସୁବିଧା ଆରମ୍ଭ କରିଛନ୍ତି। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍ପିସିଆଇ) ୟୁପିଆଇ ମାଧ୍ୟମରେ ପେମେଣ୍ଟ ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛି। ଏହି ଅନୁଯାୟୀ, ୟୁପିଆଇ ବ୍ୟବହାରକାରୀମାନେ ଅନଲାଇନ୍ ମାଧ୍ୟମରେ ସୁନା ଋଣ, ପ୍ରପର୍ଟି ଋଣ ଏବଂ ଏଫ୍‌ଡି ରାଶି ଉଠାଇପାରିବେ। ସେପ୍ଟେମ୍ବର ପହିଲାରୁ ଏହି ନୂଆ ନିୟମ ଲାଗୁ ହେବ।

ଏଥିରେ ୟୁଜର ଋଣ ଆକାଉଣ୍ଟକୁ ୟୁପିଆଇ ଆକାଉଣ୍ଟ ସହିତ ମଧ୍ୟ ଲିଙ୍କ୍ କରିପାରିବେ। ଏହାସହିତ, ବ୍ୟବହାରକାରୀ ପେଟିଏମ୍, ଫୋନ୍ ପେ, ଗୁଗୁଲ୍ ପେ' ଭଳି ୟୁପିଆଇ ପେମେଣ୍ଟ ସୁବିଧା ପ୍ରଦାନ କରୁଥିବା ଆପ୍ ମାଧ୍ୟମରେ କ୍ରେଡିଟ୍ କାର୍ଡରୁ ବ୍ୟବସାୟ ଋଣ ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଅଗଷ୍ଟ ୩୧ ପୂର୍ବରୁ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୟୁପିଆଇ ପେମେଣ୍ଟ ସିଷ୍ଟମକୁ ସହଜ ଏବଂ ନମନୀୟ କରିବା ସହିତ ସୁରକ୍ଷିତ କରିବା ପାଇଁ ଏନ୍‌ପିସିଆଇ ଦ୍ୱାରା ସମ୍ପ୍ରତି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏବେ ପୁଣି ଥରେ ପେମେଣ୍ଟ କରିବାର ପରିସର ବୃଦ୍ଧି କରିବାକୁ ଘୋଷଣା କରାଯାଇଛି। ବର୍ତ୍ତମାନ ୟୁପିଆଇ ବ୍ୟବହାରକାରୀମାନେ କେବଳ ସଞ୍ଚୟ ଖାତା କିମ୍ବା ଓଭରଡ୍ରାଫ୍ଟ (ଓଡି) ଆକାଉଣ୍ଟକୁ ଲିଙ୍କ୍ କରିପାରିବେ। ସେମାନେ କେବଳ ସେଗୁଡିକ ମାଧ୍ୟମରେ ପେମେଣ୍ଟ କରିପାରିବେ। ତଥାପି, କିଛି ରୂପେ କ୍ରେଡିଟ୍ କାର୍ଡ ମଧ୍ୟ ୟୁପିଆଇ ସହିତ ଲିଙ୍କ୍ ହୋଇଛି କିନ୍ତୁ ସେମାନଙ୍କର ସଂଖ୍ୟା କମ୍। ଏବେ ନୂତନ ନିୟମ ସହିତ ଗ୍ରାହକମାନେ ବ୍ୟାଙ୍କକୁ ନ ଯାଇ ଅନଲାଇନରେ ସୁନା ଋଣ, ବ୍ୟକ୍ତିଗତ ଋଣର ଟଙ୍କା ଉଠାଇପାରିବେ।





ୟୁପିଆଇର ବର୍ତ୍ତମାନର ନିୟମରେ ପିଟିଏମ୍ ଟଙ୍କା ସ୍ଥାନାନ୍ତରର ସୁବିଧା ଅଛି। କିନ୍ତୁ, ନୂତନ ନିୟମ ଲାଗୁ ହେବା ପରେ, ଗ୍ରାହକମାନେ ପିଟୁପି ସହିତ ପିଟୁପିଏମ୍ କାରବାର କରିପାରିବେ। କେବଳ ଏତିକି ନୁହେଁ, ଆପଣ ନଗଦ ଟଙ୍କା ମଧ୍ୟ ଉଠାଇପାରିବେ। ତଥାପି, ଏଥିପାଇଁ ଏନ୍‌ପିସିଆଇ କିଛି ନିୟମ ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ଉପଭୋକ୍ତାମାନେ ଗୋଟିଏ ଦିନରେ କେବଳ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏହା ସହିତ, ଆପଣ ଗୋଟିଏ ଦିନରେ କେବଳ ୧୦ ହଜାର ଟଙ୍କା ନଗଦ ଉଠାଇପାରିବେ। ଏହା ସହିତ, ବ୍ୟାଙ୍କ ୟୁପିଆଇ ମାଧ୍ୟମରେ ଆପଣ କେଉଁ ପେମେଣ୍ଟ କରିପାରିବେ ତାହା ମଧ୍ୟ ନିଷ୍ପତ୍ତି ନେବ। ଧରାଯାଉ ଆପଣ ଏକ ବ୍ୟକ୍ତିଗତ ଋଣ ନେଇଛନ୍ତି, ତେବେ ଏହା ସମ୍ଭବ ଯେ ବ୍ୟାଙ୍କ ଆପଣଙ୍କୁ କେବଳ ହସ୍ପିଟାଲ ବିଲ୍ କିମ୍ବା ଶିକ୍ଷା ଫି ପରିଶୋଧ କରିବା ଭଳି ଜରୁରୀ କାମ ପାଇଁ ଋଣ ରାଶି ବ୍ୟବହାର କରିବାକୁ ଅନୁମତି ଦେଇପାରେ। ଏହି ସୁବିଧା ବିଶେଷ ଭାବରେ ସେହି ଛୋଟ ବ୍ୟବସାୟୀମାନଙ୍କ ପାଇଁ ଲାଭଦାୟକ ହେବ ଯେଉଁମାନେ ୨-୩ ଲକ୍ଷ ଟଙ୍କାର ବ୍ୟବସାୟିକ ଋଣ ନିଅନ୍ତି ଏବଂ ପ୍ରତିଥର ପେମେଣ୍ଟ କରିବା ପାଇଁ ବାରମ୍ବାର ବ୍ୟାଙ୍କକୁ ଯିବାକୁ ପଡ଼ିଥାଏ।

# ମନି ଲଣ୍ଡରିଂ ମାମଲାରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଏକ ହାଇପ୍ରୋଫାଇଲ ମନି ଲଣ୍ଡରିଂ ମାମଲାରେ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ପୂର୍ବତନ ସିଏମ୍‌ଡି ଅଭୟ କୁମାର ଶ୍ରୀବାସ୍ତବ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶ୍ରୀବାସ୍ତବଙ୍କ ବ୍ୟତୀତ ପତ୍ନୀ ଚାନ୍ଦିନୀ ଶ୍ରୀବାସ୍ତବ ଏବଂ ତାଙ୍କ ବନ୍ଧୁ ଭୂଷଣ ଲାଲ୍ ବଜାଜ୍ ଓ ତାଙ୍କ ପତ୍ନୀ ଅନୀତା ବଜାଜ୍ ମଧ୍ୟ ଏହି ମନି ଲଣ୍ଡରିଂ ମାମଲାରେ ଦୋଷୀ ପ୍ରମାଣିତ ହୋଇଛନ୍ତି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ୨୦୦୨ର ବ୍ୟବସ୍ଥା ଅନୁଯାୟୀ ନୂଆଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କମ୍ପ୍ଲେକ୍ସର ସ୍ୱତନ୍ତ୍ର ବିଚାରପତି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ୨୦୧୦ରେ ଏକ ନବରତ୍ନ କମ୍ପାନୀ ଦ୍ୱାରା ଜାରି କରାଯାଇଥିବା ଏକ କୋଇଲା ଯୋଗାଣ ଟେଣ୍ଡରର ଲାଞ୍ଚ ମାମଲା ସହ ଜଡିତ।

ଅବୈଧ ସମ୍ପତ୍ତି ସହିତ ଜଡିତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଭାରତୀୟ ଦଣ୍ଡ ସଂହିତା, ୧୮୬୦ ଏବଂ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ବିଭିନ୍ନ ଧାରା ଅନୁଯାୟୀ ଅଭୟ କୁମାର ଶ୍ରୀବାସ୍ତବ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଇଡି ତଦନ୍ତ ଆରମ୍ଭ କରିଥିଲା। ଅଯଥା ସରକାରୀ ଅନୁଗ୍ରହ ବଦଳରେ ଭାଟିଆ ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଜିଏସ୍ ଭାଟିଆଙ୍କଠାରୁ ଲାଞ୍ଚ ଗ୍ରହଣ କରିବାରେ ବଜାଜ୍ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିଥିଲେ। ଅଭିଯୁକ୍ତ ଚାନ୍ଦନୀ ଶ୍ରୀବାସ୍ତବ ଜାଲ୍ ପରିଚୟପତ୍ର ଏବଂ ଜାଲ୍ ଦସ୍ତଖତ ବ୍ୟବହାର କରି ଅନୀତା ବଜାଜ୍‌ଙ୍କ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକର୍ ଖୋଲିଥିଲେ। ପରେ ସିବିଆଇ ଉକ୍ତ ଲକର୍‌ରୁ ସୁନା ବାର୍ ଏବଂ ନଗଦ ସମେତ ଅଚଳ ସମ୍ପତ୍ତି ଜବତ କରିଥିଲା। ତଦନ୍ତ ସମୟରେ ଇଡି ଅଭୟ ଶ୍ରୀବାସ୍ତବଙ୍କ ୨ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରିଥିଲା। ୨୦୧୫ ମାର୍ଚ୍ଚରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ଅଭୟ କୁମାର ଶ୍ରୀବାସ୍ତବ, ଭୂଷଣ ଲାଲ ବଜାଜ, ଚାନ୍ଦନୀ ଶ୍ରୀବାସ୍ତବ ଏବଂ ଅନିତା ବଜାଜଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା।

**ବ୍ୟାଙ୍କ ଲକରରୁ ସୁନା, ନଗଦ ଟଙ୍କା ଜବତ**



**■ ରାଜ୍ୟ ସରକାର- ପେଟ୍ରୋଲିୟମ୍ ଡିଲର ସଂଘ ବୈଠକ**

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି ସମ୍ପୂର୍ଣ୍ଣ ନିଷେଧ

ଭୁବନେଶ୍ୱର,୨୧।୭ (ଏଜେନ୍ସି): ବାଲେଶ୍ୱର ଏଫ୍‌ଏମ୍ କଲେଜ ଓ ବଲଙ୍ଗା ଘଟଣା ପରେ ରାଜ୍ୟରେ ପେଟ୍ରୋଲ ବିକ୍ରି ନିୟମକୁ ଅଧିକ କଡ଼ାକଡ଼ି କରିଛନ୍ତି ସରକାର। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନ କରିବାକୁ ପେଟ୍ରୋଲିୟମ୍ ସଂଘ ସହ ରାଜ୍ୟ ସରକାର ଆଲୋଚନା କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନଠାରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଜି ଆଲୋଚନା କରି ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରିକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଭିନ୍ନ ଅନୁଷ୍ଠାନ, କୃଷକ ଓ ସରକାରୀ କାର୍ଯ୍ୟାଳୟର ବ୍ୟବହାର ପାଇଁ ଖୁଚୁରା ଭାବେ ପେଟ୍ରୋଲ ବିକ୍ରି କରାଯିବା ନେଇ ଥିବା ନିୟମ ବଳବତ୍ତର ରହିବ।

ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱ, ବିଭିନ୍ନ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏ କ୍ଷେତ୍ରରେ ଅନୈତିକ ଭାବେ ସହଯୋଗ କରୁଥିବା ପେଟ୍ରୋଲ ପମ୍ପ କିମ୍ବା ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି ଯେ, ବହୁ ପୂର୍ବରୁ ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ୍ ବୋତଲରେ ତେଲ ବିକ୍ରି ନେଇ କଟକଣା ରହିଛି। ଗ୍ରାହକ ଟିଣ କିମ୍ବା ଆଲୁମିନିୟମ୍ କଣ୍ଟେନରରେ ତେଲ ଟାଙ୍କିରୁ ପେଟ୍ରୋଲ କିଣିପାରିବେ। କେବଳ ୧-୨୫ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ କଣ୍ଟେନରରେ ଦିଆଯିବ। ରାଜ୍ୟ ସରକାର ଏବଂ ପେଟ୍ରୋଲିୟମ୍ ଡିଲର ସଂଘ ମଧ୍ୟରେ ଆଜି ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହି ନୂଆ ନିୟମ ଆସନ୍ତାକାଲିଠାରୁ ବା ମଙ୍ଗଳବାରଠାରୁ କଡ଼ାକଡ଼ି ଭାବେ ଲାଗୁ ହେବ। ଏହି ବୈଠକରେ ଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ,ବୈଧ ଓଜନ ମାପ ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରୀଶ ଚନ୍ଦ୍ର ପଟ୍ଟନାୟକ, ବିପ୍ଲବୀ ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ରାଜ୍ୟ ସ୍ତରୀୟ ସଂଯୋଜକ କମଳ ସିଲ୍,କୋଷାଧ୍ୟକ୍ଷ ମହିନ୍ଦର୍ ସିଂ କଲ୍‌ସି, ଭୁବନେଶ୍ୱର ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସମ୍ପାଦକ ଏସ୍.କେ. ରହମାନ୍ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

- **ଖୋଲାରେ ପେଟ୍ରୋଲ ବିକିଲେ ହେବ ଚଢ଼ଉ**
- **ଆଜିଠାରୁ ହେବ ଲାଗୁ**

**ଟ୍ରମ୍ପ୍ ଟାରିଫ୍ ଝଡ଼**

# ଭାରତକୁ ଘାରିଲାଣି ମାନ୍ଦାବସ୍ଥା ଭୟ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି)

ଭାରତ କ'ଣ ଏକ ବଡ଼ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଯାଉଛି। ଭାରତ ଗତ ଦୁଇ ବର୍ଷ ମଧ୍ୟରେ ବହୁତ ଭଲ ପ୍ରଦର୍ଶନ କରିଛି। ଦେଶର ଅଭିବୃଦ୍ଧି ହାର ହାରାହାରି ୭.୮୫% ରହିଛି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ସାରା ବିଶ୍ୱରେ ଅଶାନ୍ତି ସୃଷ୍ଟି କରିଛି। ଏହା ଭାରତକୁ ମଧ୍ୟ ପ୍ରଭାବିତ କରୁଛି। ବିଶ୍ୱ ବ୍ୟାଙ୍କ ୨୦୨୫-୨୬ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ୬.୭% ରୁ ୬.୩% କୁ ହ୍ରାସ କରିଛି। କିଛି ନୂତନ ସଂଖ୍ୟା ସୂଚାଇ ଦେଉଛି ଯେ ପରିସ୍ଥିତି ଆହୁରି ଖରାପ ହୋଇପାରେ। କିନ୍ତୁ ଟ୍ରମ୍ପଙ୍କ ଟାରିଫ୍ ଝଡ଼ରେ ବିପଦର ଘଣ୍ଟି ଏବେଠାରୁ ଭାରତରେ ବାଜିବାରେ ଲାଗିଲାଣି।

ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତର ଅର୍ଥନୀତି ବହୁତ ମଜବୁତ ହୋଇଛି। ଏହାର କାରଣ ହେଉଛି ଭଲ ମାକ୍ରୋଇକୋନୋମିକ୍ ପ୍ରଦର୍ଶନ। ବର୍ତ୍ତମାନ ଦେଶର ଚଳନ୍ତି ଖାତା ନିଅଣ୍ଟ ପ୍ରାୟ ଶୂନ୍ୟ। ଭାରତର କିଛି ବଡ଼ କମ୍ପାନୀ ବି ଗତ ଦୁଇ ବର୍ଷ ଧରି ଚାହିଦା ହ୍ରାସ ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଫ୍‌ଏମ୍‌ସିଜି ଉତ୍ପାଦର ବିକ୍ରି ମଧ୍ୟ ହ୍ରାସ ପାଇଛି। ଅନେକ ଶିଳ୍ପ ଭୟ କରୁଛନ୍ତି ଯେ ଟ୍ରମ୍ପଙ୍କ ଉଚ୍ଚ ଶୁଳ୍କ ଯୋଗୁଁ, ଚୀନ୍ ଏବଂ ଭିଏତନାମ ଭାରତ ଏବଂ ଅନ୍ୟାନ୍ୟ ବଜାରରେ ବଡ଼ ପରିମାଣରେ ସାମଗ୍ରୀ ଡମ୍ପ କରିବେ। ଡମ୍ପିଂର ଅର୍ଥ ହେଉଛି ଆପଣଙ୍କ ଦେଶରେ ମହଙ୍ଗା ଏବଂ ଅନ୍ୟ ଦେଶରେ ଶସ୍ତା ବିକ୍ରି। ବିଶେଷଜ୍ଞମାନେ କହିଛନ୍ତି ଯେ ଜିଡିପି ଅଭିବୃଦ୍ଧି ୨୦୨୩-୨୪ରେ ୯.୨% ରୁ ୨୦୨୪-୨୫ରେ ୬.୫%କୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି ଗତ ବର୍ଷ ଅର୍ଥନୀତି ଦ୍ରୁତ ଗତିରେ ହ୍ରାସ ପାଇଛି। ୯.୨% ଅଭିବୃଦ୍ଧି ହାର ବହୁତ ଅଧିକ ଥିଲା।



**ପ୍ରଭାବିତ ହେବ ଜିଡିପି ଅଭିବୃଦ୍ଧି**

ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଏପ୍ରିଲରେ କେବଳ ୨.୪% ଏବଂ ମେ'ରେ ୧.୨% ବୃଦ୍ଧି ପାଇଛି। ଏହା ବହୁତ କମ୍। ବିଶେଷକରି ଯେତେବେଳେ ଭାରତକୁ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ବିବେଚନା କରାଯାଏ। ମେ' ମାସରେ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଉତ୍ପାଦନ ୨.୪% ହ୍ରାସ ପାଇଛି। ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ୫.୩% ହ୍ରାସ ପାଇଛି। ଅଟୋ କ୍ଷେତ୍ରର ଅବସ୍ଥା ଖରାପ। ତେଣୁ ମାନ୍ଦାବସ୍ଥା ଆସିବାର ଏହା ଏକ ବଡ଼ ସଙ୍କେତ କୁହାଯାଇପାରେ। ଅପରପକ୍ଷେ ୧୯୯୧ରେ ସଂସ୍କାର ଆରମ୍ଭ ହେବା ପରଠାରୁ ରପ୍ତାନି ଦେଶର ଆର୍ଥିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଚଳିତବର୍ଷ ବର୍ଷ ଜୁନ୍ ମାସରେ ସାମଗ୍ରୀ ରପ୍ତାନି ପ୍ରାୟ ସ୍ଥିର ରହିଛି। ସେହି ସମୟରେ, ଆମଦାନି ୩.୭୧% ହ୍ରାସ ପାଇଛି। ସାଧାରଣତଃ, ଯେତେବେଳେ ଅଭିବୃଦ୍ଧି ଉପରମୁହାଁ ହୁଏ, ସେତେବେଳେ ଆମଦାନି ବୃଦ୍ଧି ପାଏ। ଆମଦାନିରେ ହ୍ରାସ ଏକ ଆର୍ଥିକ ମାନ୍ଦାବସ୍ଥାକୁ ସୂଚିତ କରେ।

**ନୂଆ ରେକର୍ଡ**

# ଆକାଶରେ ଯୋଗଦେଲେ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୧।୭ (ସମିସ)

ଚଳିତ ଆକାଡେମିକ୍ ବର୍ଷରେ ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ରେ ଯୋଗଦେଲେ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ। ବିଭିନ୍ନ ପ୍ରତିଯୋଗିତାମୂଳକ ବ୍ରାଣ୍ଡର ଅଭିଜ୍ଞତା ନେବା ପରେ ଏହି ଛାତ୍ରମାନେ ଆକାଶରେ ସାମିଲ ହୋଇଛନ୍ତି। ନିଟ୍, ଜେଇଇ ଏବଂ ଅଲିମ୍ପିଆଡରେ କ୍ରମାଗତ ଭାବେ ସଫଳତା ହାସଲ କରିବା,ଦୃଢ଼ ଟ୍ରାକ୍ ରେକର୍ଡ ଏବଂ ପରୀକ୍ଷା ଫଳାଫଳକୁ ଦେଖିବା ପରେ ଏହି ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକମାନେ ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ଅତୁଳନୀୟ ଆକାଡେମିକ୍ ବ୍ୟବସ୍ଥା ସହ ୫୫୦୦ ରୁ ଅଧିକ ଫାକଲ୍ଟିଙ୍କୁ ଏଫ୍‌ଟିଏସ୍ ଆସେସ୍‌ମେଣ୍ଟ ଏବଂ ନେଇ ଆକାଶର କୋଚିଂ ସିଷ୍ଟମ ଅନ୍ୟମାନଙ୍କଠାରୁ ଭିନ୍ନ। ଏ ସମ୍ପର୍କରେ ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଦୀପକ୍ ମହେରୋତ୍ରା କହିଛନ୍ତି ଯେ, ଅକାଶ ପରିବାରକୁ ଆମେ ଏହି ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକଙ୍କୁ ସ୍ୱାଗତ କରୁଛୁ। ଏହା ଆମର ଆକାଡେମିକ୍ ବ୍ୟବସ୍ଥା ଉପରେ ବିଶ୍ୱାସକୁ ପ୍ରତିପାଦିତ କରୁଛି।





# ୟୁପିଆଇର ବହୁଳ ପ୍ରଚଳନ ପାଇଁ ଫିନୋର 'ଗତି' ଆକାଉଣ୍ଟ

ଭୁବନେଶ୍ୱର,୨୧।୭ (ସମିସ): ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସହଜ, ସରଳ ଏବଂ ସୁବିଧାଜନକ କରିଥିବା ଫିନୋ ପେମେଣ୍ଟସ ବ୍ୟାଙ୍କ ସମ୍ପ୍ରତି ଏକ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପରେ ଗ୍ରାହକମାନଙ୍କର ବ୍ୟାଙ୍କିଙ୍ଗ କାରବାରକୁ ତତ୍‌କ୍ଷଣାତ କାରବାର ନିମନ୍ତେ ସମର୍ଥ କରାଇବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଫିନୋ ପେମେଣ୍ଟସ୍ ବ୍ୟାଙ୍କ ଏହାର ନୂଆ ସଞ୍ଚୟ ଆକାଉଣ୍ଟ 'ଗତି' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହାର ଅର୍ଥ ଅନେକ ଭାରତୀୟ ଭାଷାରେ ହେଉଛି 'ସ୍ପିଡ ଅଥବା ତ୍ୱରିତ'। ଏହି ଉତ୍ପାଦ ଏକ ସୁଲଭ ଢଙ୍ଗରେ ବ୍ୟାଙ୍କିଙ୍ଗ ସେବା ନିମନ୍ତେ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରିବାକୁ ଆକାଂକ୍ଷା ରଖୁଥିବା ଗ୍ରାହକମାନଙ୍କର ଆବଶ୍ୟକତା ପୂରଣ କରିବାକୁ ଡିଜାଇନ କରାଯାଇଛି। ଭାରତରେ ଡିଜିଟାଇଜେସନ ଦ୍ରୁତ ଗତିରେ ପ୍ରସାର ଲାଭ କରୁଥିବାବେଳେ ଏହି ବିଭାଗର ଗ୍ରାହକମାନେ ୟୁପିଆଇର ବର୍ଦ୍ଧିତ ଗ୍ରହଣୀୟତା ସହିତ ଫିଜିଟାଲରୁ ଡିଜିଟାଲକୁ ସ୍ଥାନାନ୍ତରିତ ହେବା ନିମନ୍ତେ ପ୍ରସ୍ତୁତ ରହିଛନ୍ତି। ଜଣେ ବ୍ୟକ୍ତି ଫିନୋ ବ୍ୟାଙ୍କର ଓଡ଼ିଶାରେ ପରିବ୍ୟାପ୍ତ ହୋଇଥିବା ୧୭୭୯୦ ମର୍ଚ୍ଚାଣ୍ଟ ପଏଣ୍ଟ ମଧ୍ୟରୁ ଯେକୌଣସିରେ ଗତି ସଞ୍ଚୟ ଆକାଉଣ୍ଟ ଖୋଲିପାରିବେ ଏବଂ ଏହାର ଫାଇଦା ନେଇପାରିବେ। ଜିରୋ ବାଲାନ୍ସ ଗତି ଆକାଉଣ୍ଟ ଇକେୱାଇସି ଅଥେଣ୍ଟିକେସନ୍ ଜରିଆରେ ମାତ୍ର ୧୦୦ ଟଙ୍କାର ଥରକ ପାଇଁ ଆକାଉଣ୍ଟ ଖୋଲିବା ଦେୟ ପୈଠ କରି ଖୋଲାଯାଇପାରିବ।

# ଏଲ୍‌ଆଣ୍ଡଟି ଫାଇନାନ୍ସର ତ୍ରୈମାସିକ ଲାଭରେ ବୃଦ୍ଧି

ମୁମ୍ବଇ,୨୧।୭

ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ (ଏନବିଏଫସି) ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲଟିଏଫ୍) ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୈୟମାସିକରେ ୭୦୧ କୋଟି ଟଙ୍କାର କନ୍‌ସୋଲିଡେଟେଡ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି ଯାହା ପୂର୍ବ ତ୍ରୟମାସିକ ତୁଳନାରେ (କ୍ୟୁଓକ୍ୟୁ) ୧୦ ପ୍ରତିଶତ ଏବଂ ପ୍ରଥମ ତ୍ରୟମାସିକରେ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ୨% ଅଧିକ ହୋଇଛି। ଏହି ତ୍ରୈୟମାସିକରେ ଏଲଟିଏଫ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ଏପର୍ଯ୍ୟନ୍ତ ସର୍ବାଧିକ କନ୍‌ସୋଲିଡେଟେଡ ବୁକ୍ ୧,୦୨,୩୧୪ କୋଟି ଟଙ୍କା ହାସଲ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ। ଏହି ତ୍ରୈୟମାସିକରେ ରିଟେଲ୍ ବୁକ୍ ପରିମାଣ ୯୯,୮୧୬ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। କମ୍ପାନୀ ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୈୟମାସିକରେ ୧୭,୫୨୨ କୋଟି ଟଙ୍କାର ତ୍ରୟମାସିକ ରିଟେଲ ଯୋଗାଣ ହାସଲ କରିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକରେ ରିଟେଲକରଣ ୯୮ ପ୍ରତିଶତ ହୋଇଛି, ଯାହା ୨୦୨୬ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି।


**ଟ୍ରାଭେଲ୍ + ଲିଜର୍ ରିପୋର୍ଟ** | **ପର୍ଯ୍ୟଟକଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ତାଲିକା**

# ଇଟାଲୀକୁ ପଛରେ ପକାଇଲା ଜୟପୁର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ପର୍ଯ୍ୟଟକଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ତାଲିକାରେ ଇଟାଲୀକୁ ପଛରେ ପକାଇଛି ଭାରତର ଏକ ସହର। ଜୟପୁର ସହର ପର୍ଯ୍ୟଟକଙ୍କ ଆଗମନରେ ଇଟାଲିର ଲୋକପ୍ରିୟ ସହର ଫ୍ଲୋରେନ୍ସକୁ ପଛରେ ପକାଇଦେଇଛି। ବିଶ୍ୱସ୍ତରୀୟ ଭ୍ରମଣ ପ୍ରକାଶନ ଟ୍ରାଭେଲ୍ + ଲିଜର୍ ଦ୍ୱାରା କରାଯାଇଥିବା ବିଶ୍ୱର ଶ୍ରେଷ୍ଠ ପୁରସ୍କାର ୨୦୨୫ ସର୍ଭେରେ ରାଜସ୍ଥାନର ରାଜଧାନୀ ଜୟପୁର ଇଟାଲୀର ଫ୍ଲୋରେନ୍ସଠାରୁ ଆଗରେ ରହିଛି।

ଜୟପୁର ଭ୍ରମଣ, ସଂସ୍କୃତି ଏବଂ ସାମଗ୍ରିକ ପରିଦର୍ଶକ ଅଭିଜ୍ଞତା ପାଇଁ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ସହର ମଧ୍ୟରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ ପର୍ଯ୍ୟଟକ ଜୟପୁର ସହରକୁ ବହୁଳମାତ୍ରାରେ ଭୋଟ ଦେଇଛନ୍ତି। ଫଳରେ ଭାରତର ଏହି ସହର ଏକାଧିକ ବିକାଶିତ ଦେଶର ପ୍ରତିଷ୍ଠିତ ସହରକୁ ପଛରେ ପକାଇଛି। ଗୋଲାପୀ ସହର ଭାବରେ ଜଣାଶୁଣା ଜୟପୁର, ଏହି ସର୍ଭେରେ ୯୧.୩୩ ସ୍କୋର ସହିତ ତାଲିକାରେ ୫ମ ସ୍ଥାନରେ ଅଛି। ଫ୍ଲୋରେନ୍ସ ୯୦.୦୮ ସ୍କୋର ସହିତ ୧୧ତମ ସ୍ଥାନରେ ଅଛି। ଟ୍ରାଭେଲ୍ + ଲିଜର୍ ଜୟପୁରକୁ ଏକ ପରିଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଭାବରେ ବର୍ଣ୍ଣନା କରିଛି, ଏହାର ବିଳାସପୂର୍ଣ୍ଣ ହୋଟେଲ, ବିଶ୍ୱସ୍ତରୀୟ ସପିଂ ଏବଂ ସ୍ପନ୍ଦନଶୀଳ ସାଂସ୍କୃତିକ ଐତିହ୍ୟର ପ୍ରଶଂସା କରିଛି। ଏହି ତାଲିକାର ଶୀର୍ଷରେ ରହିଛି ମେକ୍ସିକୋର ସାନ ମିଗୁଏଲ ଡି ଆଲେଣ୍ଡେ ସହର। ଏହି ସହର ଏହାର ଅନନ୍ୟ ସାଂସ୍କୃତିକ ପରିବେଶ ଏବଂ ସୁଲଭତା ପାଇଁ ପରିଚିତ। ସର୍ଭେ ଅନୁଯାୟୀ, ଭୋଟରମାନେ ଏହି ସହରର କେନ୍ଦ୍ରୀସ୍ଥଳରେ ଅବସ୍ଥିତ ସଂଗ୍ରହାଳୟ, ଉଦ୍ଭିଦ ଉଦ୍ୟାନ ଏବଂ ବୁଟିକ୍ ଦୋକାନ ଭଳି ଆକର୍ଷଣଗୁଡ଼ିକୁ ପସନ୍ଦ କରିଥିଲେ। ଅନେକ ଲୋକ ସହରର ସ୍ପନ୍ଦନଶୀଳ କଳା ଦୃଶ୍ୟ ଏବଂ ସାନ ମିଗୁଏଲ ଲେଖକ ସମ୍ମିଳନୀ ଏବଂ ସାହିତ୍ୟ ମହୋତ୍ସବ ସମେତ ଏଭଳି ବାର୍ଷିକ କାର୍ଯ୍ୟକ୍ରମରେ ପରିପୂର୍ଣ୍ଣ ହୋଇଥିବାରୁ ଏହି ସହର ତାଲିକାରେ ଶୀର୍ଷରେ ରହିବା ଆବଶ୍ୟକ ବୋଲି ଭୋଟରମାନେ ମତ ଦେଇଥିଲେ। ଥାଇଲ୍ୟାଣ୍ଡର ଐତିହାସିକ ଉତ୍ତର ସହର ଚିଆଙ୍ଗ ମାଇ ୯୧.୯୪ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସହର ସାଂସ୍କୃତିକ ସ୍ଥାନ, ଦୋକାନ ବଜାର, ଖାଦ୍ୟପେୟ ଏବଂ ପ୍ରକୃତିର ଅଦ୍ଭୁତ ମିଶ୍ରଣ ପାଇଁ ଜଣାଶୁଣା। ଚିଆଙ୍ଗ ମାଇର ଉତ୍କୃଷ୍ଟ ବିଳାସପୂର୍ଣ୍ଣ ହୋଟେଲଗୁଡ଼ିକ ଭୋଟରମାନଙ୍କ ମଧ୍ୟରେ ଏହାର ମୂଲ୍ୟାଙ୍କନ ଜାରି ରଖିବାର ଆଉ ଏକ କାରଣ।




## ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ ବୁଧବାରଠାରୁ

# ବୁମ୍‌ରା, ପନ୍ତ୍ ଓ କାମ୍ବୋଜ ଖେଳିବେ

ଓଲ୍ଡ ଟ୍ରାଫୋର୍ଡ, ୨୧।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆସନ୍ତା ବୁଧବାରଠାରୁ ଖେଳାଯିବ। ଏହା ପୂର୍ବରୁ ୧-୨ରେ ସିରିଜ୍ ପଛୁଆ ଥିବା ଭାରତକୁ ବରାବର ସ୍ଥିତିକୁ ଆଣିବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଏଭଳି ସ୍ଥିତିରେ ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବାମହାତୀ ଅର୍ଶଦୀପ ସିଂହ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସହ ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି ସିରିଜ୍‌ରୁ ବିଦା ହୋଇଛନ୍ତି। ଭାରତର ଏକମାତ୍ର ବିଜୟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କ ଫିଟ୍‌ନେସ ଠିକ୍ ନ ଥିବାରୁ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଭଲ ପ୍ରଦର୍ଶନ କରି ନ ଥିବା ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁରଙ୍କ ନାମ ବିଚାରକୁ ନିଆଯାଉ ନାହିଁ। ୱିକେଟ ରକ୍ଷକ ଋଷଭ ପନ୍ତ୍ ଆଜି କିପିଙ୍ଗ କରିଛନ୍ତି। ଖେଳିଲାବେଳେ ଆଘାତ ପାଇଥିବା ଆଙ୍ଗୁଠିରେ ସାମାନ୍ୟ ଯନ୍ତ୍ରଣା ହୋଇଥିଲା। ଫାଷ୍ଟ ବୋଲର ଯଶ୍‌ପ୍ରୀତ୍ ବୁମ୍‌ରାଙ୍କୁ ଅଧିକ ବୋଲିଂ ନ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାର ଅର୍ଥ ପ୍ରଥମ ଓ ତୃତୀୟ ଟେଷ୍ଟ ଖେଳିଥିବା ବୁମ୍‌ରାଙ୍କୁ ଚତୁର୍ଥ ଟେଷ୍ଟରେ ବିଶ୍ରାମ ଦିଆଯିବା କଥା। ଏଭଳି ସ୍ଥିତିରେ ଚତୁର୍ଥ ଟେଷ୍ଟ ଲାଗି କାହାକୁ ଦଳରେ ସାମିଲ କରାଯିବ, କାହାକୁ ବାହାରେ ରଖାଯିବ ତାହାକୁ ନେଇ ଚାପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଏମାନଙ୍କ ସହ ଦ୍ୱନ୍ଦ୍ୱରେ ମଧ୍ୟ ଭାରତୀୟ କ୍ରିକେଟ ଦଳର ବଡ଼ ସମର୍ଥକ ଗୋଷ୍ଠୀ।





■ **ଯଶୀ ଭାଇ ଖେଳେଙ୍ଗେ** : କିନ୍ତୁ ଏସବୁ ଉପରୁ ପରଦା ଉଠାଇଛନ୍ତି ଭାରତର ଅନ୍ୟତମ ଫିଟ୍ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ। ଆଜି ଏଠାରେ ସାମ୍ବାଦିକଙ୍କ ଆଲୋଚନା ବେଳେ ସେ ଅନେକ କଥା ସ୍ପଷ୍ଟ କରିଛନ୍ତି। 'ଯଶୀ ଭାଇ ଖେଳେଙ୍ଗେ। (ଏହାର ଅର୍ଥ ଯଶ୍‌ପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ। ଆକାଶଦୀପଙ୍କ ମାଂସପେଶୀରେ ଆଘାତ ଲାଗିଛି। ଟ୍ରେନର ଓ ଫିଜିଓ ତାଙ୍କ ଉପରେ ନିଷ୍ପତ୍ତି ନେବେ। ସେ ଯାହା ହେଉ ଠିକଣା ଏରିଆରେ ଆମକୁ ବୋଲିଂ କରିବାକୁ ହେବ' ବୋଲି ସିରାଜ କହିଛନ୍ତି। ସିରାଜଙ୍କ ସୂଚନାରୁ ଯଶ୍‌ପ୍ରୀତ୍ ବୁମ୍‌ରା ଏହି ଟେଷ୍ଟରେ ଖେଳିବା ସ୍ପଷ୍ଟ ହୋଇଛି। ଏଠାରେ ଯଦି ଭାରତ ହାରିଯାଏ ତେବେ ସିରିଜ୍‌ରେ ପରାଜିତ ହେବ। ଏଣୁ ମ୍ୟାଚ୍ ବଞ୍ଚାଇବା କିମ୍ବା ବିଜୟ ହାସଲ କରିବା ଭାରତର ପ୍ରାଥମିକତା। ବୁମ୍‌ରାଙ୍କ ପାର୍ଟନର ଆକାଶ ଦୀପ୍‌ଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଦଳରେ ଆଉ ଦୁଇଜଣ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଭାରତ-'ଏ' ପକ୍ଷରୁ ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଖେଳିଥିବା ହରିୟାଣାର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଯାହା ଆଶା କରାଯାଉଛି କାମ୍ବୋଜ୍‌ଙ୍କୁ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସିରାଜଙ୍କ ସୂଚନାକୁ ବିଶ୍ୱାସ କରାଗଲେ ଏହି ମ୍ୟାଚ୍‌ରେ ବୁମ୍‌ରା, ପନ୍ତ୍‌ଙ୍କ ଖେଳିବା ନିଶ୍ଚିତ। ଆଜି ପ୍ରସିଦ୍ଧ ଓ ଶାର୍ଦ୍ଦୁଳଙ୍କୁ ଯେପରି ନେଟ୍‌ସରୁ ଏଡ଼ାଇ ରଖାଯାଇଛି, ସେଥିରୁ ଉଭୟ ଖେଳାଳିଙ୍କର ଚତୁର୍ଥ ଟେଷ୍ଟରେ ଖେଳିବା ସମ୍ଭାବନା କମ୍। କିନ୍ତୁ ନୀତୀଶ କୁମାର ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହାକୁ ନେଇ ସନ୍ଦେହ ରହିଛି।

■ **ଡେବ୍ୟୁ କରିପାରନ୍ତି କାମ୍ବୋଜ୍** : ଭାରତୀୟ ଦଳରେ ଜଣେ ନବାଗତ ଫାଷ୍ଟ ବୋଲର ହରିୟାଣାର ଅଂଶୁଲ କାମ୍ବୋଜ୍‌ଙ୍କୁ ସାମିଲ କରାଯାଇଛି। ଶନିବାର ସେ ଟିମ୍ ସହ ଯୋଗଦେଇଥିଲେ ଓ ରବିବାର ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ଟିମ୍ ସହ ରହିଥିଲେ। ଆଜି ସୋମବାର ସେ ନେଟ୍ ପ୍ରାକ୍ଟିସ୍ କରିଥିଲେ। କୋଚ୍ ଗୌତମ ଗମ୍ଭୀର, ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ, ଅଧିନାୟକ ଗିଲ୍ ଓ ବରିଷ୍ଠ ଫାଷ୍ଟ ବୋଲର ବୁମ୍‌ରାଙ୍କ ସହ ଆଲୋଚନା କରିବା ଦେଖାଯାଇଥିଲା। ଏହା ପରେ ସେ ୪୫ ମିନିଟ୍‌କାଳ ବୋଲିଂ କରିଥିଲେ। ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ସେ ଦୀର୍ଘ ଏକଘଣ୍ଟା ଧରି ନେଟ୍‌ସରେ ବୋଲିଂ କରିଥିଲେ। ସିରାଜଙ୍କ କହିବା ଅନୁଯାୟୀ ସେ ଠିକଣା ସ୍ଥାନରେ ବଲ ପକାଇଥିଲେ। ଭଲ ଲାଇନ୍ ଓ ଲେନ୍ଥ ଲାଗି ଜଣା ଥିବା କାମ୍ବୋଜ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

■ **ୱିକେଟ କିପିଙ୍ଗ କଲେ ପନ୍ତ୍** : ଭାରତ ଲାଗି ସବୁଠାରୁ ଉଲ୍ଲେଖନୀୟ ଖବର ହେଲା ଋଷଭ ପନ୍ତ୍ ୱିକେଟ କିପିଙ୍ଗ କରିବା। ଆଘାତପ୍ରାପ୍ତ ଆଙ୍ଗୁଳିରେ ବେଳେ ବେଳେ ଯନ୍ତ୍ରଣା ପାଉଥିଲେ ମଧ୍ୟ ପନ୍ତ କିପିଙ୍ଗ୍ କରିଥିଲେ। ଏଣୁ ସେ ତାଙ୍କ ସ୍ଥାନ ବଜାୟ ରଖିବେ ବୋଲି ଆଶା କରିବା ସ୍ୱାଭାବିକ୍।

## ୮ ବର୍ଷ ପରେ ଟେଷ୍ଟ ଖେଳିବେ ଡାୱସନ



ଓଲ୍ଡ ଟ୍ରାଫୋର୍ଡ,୨୧।୭ (ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ବାମହାତୀ ସ୍ପିନର ଲିଆମ ଡାୱସନ ଇଂଲଣ୍ଡ ପକ୍ଷରୁ ଟେଷ୍ଟ ମ୍ୟାଚ୍ ଖେଳିବେ। ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ପକ୍ଷରୁ ଘୋଷଣା କରାଯାଇଥିବା ଏକାଦଶରୁ ଏହା ସ୍ପଷ୍ଟ ହୋଇଛି। ସେ ଆହତ ସ୍ପିନର ସୋଏବ ବସିରଙ୍କ ସ୍ଥାନରେ ଖେଳିବେ ଓ ଇଂଲଣ୍ଡ ଦଳରେ ଏହା ଏକମାତ୍ର ପରିବର୍ତ୍ତନ। ଇଂଲଣ୍ଡ ଏବେ ୨-୧ରେ ସିରିଜ୍ ଆଗୁଆ ରହିଛି।

**ଇଂଲଣ୍ଡ ଦଳ** : ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାୱସନ।

● ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଏକାଂଶଙ୍କ ଶତକ ଇଂଲଣ୍ଡର ସମ୍ମାନ ରଖିଲା

ଚେଲମ୍ସଫୋର୍ଡ, ୨୧।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ (୧୯୧ ବର୍ଷରୁ କମ୍) ଟେଷ୍ଟରେ ଇଂଲଣ୍ଡ ପ୍ରଥମ ପାଳିରେ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପ୍ରଥମ ଦିବସ ସୁଦ୍ଧା ୭ ୱିକେଟ୍‌ରେ ୨୨୯ ରନ କରିଥିଲା। ସୋମବାର ୨ୟ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଇଂଲଣ୍ଡ ୩୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତୀୟ ବଂଶୋଦ୍ଭବ ଖେଳାଳି ଏକାଂଶ ସିଂହ ଶତକୀୟ ପାଳି ଖେଳି ଘରୋଇ ଦଳର ସମ୍ମାନ ରକ୍ଷା କରିଛନ୍ତି। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ଏକାଂଶ ୧୫୫ ବଲ୍ ଖେଳି ୧୪ ଚୌକା ଓ ୩ ଛକା ସହ ୧୧୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଥୋମାସ ରିଉ ୫୯, ଜେମ୍ସ ମିଣ୍ଟୋ ୪୬ ରନ କରିଥିଲେ। ଭାରତୀୟ ୟୁଥ୍ ଦଳ ପକ୍ଷରୁ ଲେଗ୍-ସ୍ପିନର ନମନ ପୁଷ୍ପକ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୫୧ ରନ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା।

## ଆସନ୍ତାବର୍ଷ ଚାମ୍ପିଅନ୍ସ ଲିଗ୍ କ୍ରିକେଟ



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ଏକ ଦଶନ୍ଧିପରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଚାମ୍ପିଅନ୍ସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହୋଇପାରେ। ଏଥିଲାଗି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସି ବୈଠକରେ ଆଲୋଚନା ହୋଇଛି ଓ ବିଭିନ୍ନ ଦେଶର ପ୍ରତିନିଧିଭାବେ ଆୟୋଜନ ସପକ୍ଷରେ ସମ୍ମତି ଜଣାଇଛନ୍ତି। ୨୦୧୪ରେ ଶେଷଥର ଏହା ଭାରତରେ ଆୟୋଜିତ ହୋଇଥିଲା ଓ ଚେନ୍ନଇ ସୁପର କିଙ୍ଗ୍‌ସ ଟାଇଟଲ ଜିତିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରୁ ୩ଟି, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରୁ ୨ଟି ଲେଖାଏଁ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡରୁ ଗୋଟିଏ ଲେଖାଏଁ ଟି-୨୦ ଟିମ୍ ଭାଗନେଇଥିଲେ। ଏହାର ୬ଟି ସଂସ୍କରଣ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୪ଥର ଭାରତୀୟ ଦଳ ଓ ଦୁଇଥର ଅଷ୍ଟ୍ରେଲୀୟ ଦଳ ଚାମ୍ପିଅନ ହୋଇଥିଲେ।

**ଦୁଇଥାକିଆ ଟେଷ୍ଟ ଚାମ୍ପିଅନସିପ୍** : କ୍ରିକେଟରେ ଏବେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌କୁ ଦୁଇ ଥାକିଆ କରିବାକୁ ଆଇସିସିର ନୂଆ ସିଇଓ ସଂଯୋଗ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ୮ ଜଣିଆ କମିଟି ଗଠନ କରାଯାଇଛି। ଏହାର ରିପୋର୍ଟ ପାଇବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ଚେୟାରମ୍ୟାନ୍ ଜୟ ଶାହ କହିଛନ୍ତି।

## ଏସିଆ କପ୍ ହକି: ଭାରତ ଆସିବାକୁ ପାକିସ୍ତାନ ଅନିଚ୍ଛୁକ

କରାଚି,୨୧।୭ (ଏଜେନ୍ସି): ଭାରତରେ ଆସନ୍ତା ମାସରେ ଏସିଆ କପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଚାମ୍ପିଅନ ହୋଇଥିବା ଦଳ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଭଳି ସ୍ଥିତିରେ ସୁରକ୍ଷା କାରଣରୁ ପାକିସ୍ତାନର ହକି ଟିମ୍ ଭାରତରେ ଏସିଆ କପ୍ ଖେଳିବା ଲାଗି ଯିବ ନାହିଁ ବୋଲି ଏହି ଦେଶର ହକି ସଂଘ ସଭାପତି ତାରିକ୍ ବୁଗତି କହିଛନ୍ତି। ଆମେ ଏ ସମ୍ପର୍କରେ ଏସିଆ ହକି ମହାସଂଘ (ଏଏଚ୍‌ଏଫ୍) ଓ ଫେଡେରେସନ ଅଫ୍ ଇଣ୍ଟରନ୍ୟାସନାଲ ହକି (ଏଫ୍‌ଆଇଏଚ୍)କୁ ଜଣାଇଦେଇଛୁ। ସରକାର ମଧ୍ୟ ସମାନ କାରଣରୁ ଭାରତକୁ ପାକିସ୍ତାନୀ ଖେଳାଳିଙ୍କୁ ଛାଡ଼ିବାକୁ ନାରାଜ। ଏଣୁ ଏ ସମ୍ପର୍କରେ ଏଏଚ୍‌ଏଫ୍ ଓ ଏଫ୍‌ଆଇଏଚ୍ ଯେଉଁ ନିଷ୍ପତ୍ତି ନେବ ତାହାକୁ ଆମେ ଗ୍ରହଣ କରିବୁ ବୋଲି ବୁଗତି କହିଛନ୍ତି।



## ୧୭ କିଲୋ ଓଜନ କମାଇଲେ ସର୍ଫରାଜ



ମୁମ୍ବଇ, ୨୧।୭ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ସର୍ଫରାଜ ଖାନ ବେଶ୍ କିଛି ଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଆସୁଛନ୍ତି। ଘରୋଇ କ୍ରିକେଟ୍‌ରେ ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଥିଲେ ମଧ୍ୟ ସର୍ଫରାଜଙ୍କ ପାଇଁ ତାଙ୍କ ଫିଟ୍‌ନେସ ତଥା ପୃଥୁଳାକାୟ ଶରୀର ସର୍ବଦା ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥାଏ। ଯେଉଁଥି ପାଇଁ ତାଙ୍କୁ ଅନେକ ସମୟରେ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଥାଏ। କିନ୍ତୁ ୨୭ ବର୍ଷୀୟ ଏହି ମୁମ୍ବାଇ ୱିକେଟ୍‌କିପର ତାଙ୍କ ସମାଲୋଚକଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି। ଏହି ଜବାବ ସେ ବ୍ୟାଟ୍‌ରେ ନ ଦେଇ ନିଜର ବଳିଷ୍ଠ ପରିବର୍ତ୍ତିତ ଫିଟ୍‌ନେସ ଜରିଆରେ ଦେଇଛନ୍ତି। ସର୍ଫରାଜ ଗଲା ଦୁଇ ମାସରେ ଜିମ୍‌ରେ କଠିନ ଅଭ୍ୟାସ କରି ଝାଳ ବୁହାଇ ୧୭ କିଲୋ ଓଜନ କମାଇଦେଇଛନ୍ତି। ସୋମବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରିଥିଲେ। ଏହି ଫଟୋରେ କ୍ୟାପସନରେ ସେ ଉଲ୍ଲେଖ କରିଥିଲେ ଯେ ୨ ମାସ ମଧ୍ୟରେ ସେ ୧୭ କିଲୋ ଓଜନ କମାଇବାରେ ସଫଳ ହୋଇଛନ୍ତି। ନୂଆ ଲୁକ୍‌ରେ ସର୍ଫରାଜ ବେଶ୍ ଫିଟ୍ ନଜର ଆସୁଛନ୍ତି।

## ଜାତୀୟ କୁସ୍ତି ଲାଗି ୧୬ ମନୋନୀତ

ଭୁବନେଶ୍ୱର, ୨୧।୭ (ସମିସ): ୨୩ ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତା ମଙ୍ଗଳବାରଠାରୁ ରାଞ୍ଚିରେ ଆୟୋଜିତ ହେବାକୁ ଯାଉଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୬ଜଣ କୁସ୍ତି ଖେଳାଳି ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଏହି ଖେଳାଳିମାନେ ମନୋନୀତ ହୋଇଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ଓ ମହିଳା କୁସ୍ତି ଲାଗି ଅନୁଷ୍ଠିତ ଏହି ଚୟନ ଶିବିରରେ ରାଜ୍ୟ ସଂଘ ଅନୁବନ୍ଧିତ ଓ ଅଣ ଅନୁବନ୍ଧିତ ଜିଲ୍ଲାର ୫୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚୟନ ଶିବିର ଶେଷରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ରାଜ୍ୟ କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ବିଜୟ ଦାସ, ଲଲାଟେନ୍ଦୁ ବଡୁ, କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଥିଲେ।

## ସେମିରେ ପହଞ୍ଚିବାରେ ହମ୍ପି ପ୍ରଥମ ଭାରତୀୟ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଭାରତର ନଂ-୧ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସେ ଦେଶର ପ୍ରଥମ ଖେଳାଳି ଭାବେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କ ପରେ ଦିବ୍ୟା ଦେଶମୁଖ ଟାଇବ୍ରେକରରେ ଡି ହାରିକାଙ୍କୁ ହରାଇ ଦ୍ୱିତୀୟ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମଥର ଲାଗି ୨ଜଣ ଖେଳାଳିଙ୍କୁ ଏଭଳି ସଫଳତା ମିଳିଛି। ପୂର୍ବରୁ ୨୦୨୩ ବିଶ୍ୱକପ୍‌ରେ ହାରିକା ଦ୍ରୋଣାଭାଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଭାରତ ଲାଗି ଶ୍ରେଷ୍ଠ ସଫଳତା ଥିଲା। ଜର୍ଜିଆର ବାଟୁମିଠାରେ ଚାଲିଥିବା ଏହି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ୟୁଜିନ ସଙ୍ଗ୍‌ଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରଥିଲେ। ସେମିଫାଇନାଲରେ ହମ୍ପିଙ୍କ ସହ ଟପ୍ ସିଡ୍ ଚୀନ୍‌ର ଲେଇ ତିଙ୍ଗଜିଏ ଓ ଦିବ୍ୟାଙ୍କ ସହ ଚୀନ୍‌ର ଆଉ ଜଣେ ଖେଳାଳି ତାନ ଝୋଙ୍ଗୟିଙ୍କର ମୁକାବିଲା ହେବ। ଲେଇ କ୍ୱାର୍ଟରରେ ଭାରତର ଆର୍ ବୈଶାଳୀଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ।

ମହିଳା ଚେସ୍ ବିଶ୍ୱକପ୍


କୋନେରୁ ହମ୍ପି


ଦିବ୍ୟା ଦେଶମୁଖ

## ୨୩ ବର୍ଷ ପରେ ଭାରତରେ ହେବ ଚେସ୍ ବିଶ୍ୱକପ୍



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଭାରତରେ ଚେସ୍ ବିଶ୍ୱକପ୍ ଚଳିତବର୍ଷ ଆୟୋଜିତ ହେବ ବୋଲି ଚେସ୍ ଖେଳର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨୭ରେ ଶେଷ ହେବ ଏବଂ ଏଥିରେ ବିଶ୍ୱର ଶ୍ରେଷ୍ଠ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। କିନ୍ତୁ ଏହା ଭାରତର କେଉଁ ସହରରେ ଆୟୋଜିତ ହେବ ତାହା ଘୋଷଣା କରାଯାଇନାହିଁ। ଶେଷଥର ଏହି ବିଶ୍ୱକପ୍ ୨୦୦୨ ହାଇଦରାବାଦ୍‌ରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତରୁ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ୨୦୨୩ ରନର୍ସଅପ୍ ଅର୍ଜୁନ ଏରିଗାଏସି ଶୀର୍ଷ ଖେଳାଳିଭାବେ ଅଂଶଗ୍ରହଣ କରିବେ। ବିଶ୍ୱର ନମ୍ବର-୧ ଖେଳାଳି ତଥା ୨୦୨୩ ଚାମ୍ପିଅନ୍ ମ୍ୟାଗ୍ନସ କାର୍ଲସେନ୍ ମଧ୍ୟ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରୁ ମଧ୍ୟ କ୍ୟାଣ୍ଡିଡେଟ ଚେସ୍-୨୦୨୬ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତାରେ ଭାଗନେବାକୁ ଥିବା ୨୦୬ ଜଣ ଖେଳାଳିଙ୍କ ମଧ୍ୟରୁ ମାନ୍ୟତାରେ ପ୍ରଥମ ୫୦ଜଣ ଖେଳାଳି ସିଧାସଳଖ ଦ୍ୱିତୀୟ ରାଉଣ୍ଡରେ ଖେଳିବେ। ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଖେଳାଯିବ ଓ ଅବଶିଷ୍ଟ ଖେଳାଳି ଏଥିରେ ଭାଗନେବେ। ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରାଇବ।

## ଅଷ୍ଟ୍ରେଲିଆକୁ ଜିତାଇଲେ ପଦାର୍ପଣକାରୀ ଓଏନ୍

କିଙ୍ଗ୍‌ସଟନ୍, ୨୧।୭ (ଏଜେନ୍ସି): ପଦାର୍ପଣକାରୀ ମାଇକେଲ୍ ଓଏନ୍‌ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ (୫୦ ରନ ଓ ୧ ୱିକେଟ୍) ବଳରେ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପ୍ରଦତ୍ତ ୧୯୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ୭ ୱିକେଟ୍ ହରାଇ ୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। କାମେରନ ଗ୍ରୀନ ୫୧, ଅଧିନାୟକ ମିଚେଲ ମାର୍ଶ ୨୪, ଗ୍ଲେନ ମ୍ୟାକ୍ସୱେଲ ୧୧ ରନ କରିଥିଲେ। ପୂର୍ବରୁ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ (୫୫) ଓ ରୋଷ୍ଟନ ଚେଜ୍ (୬୦)ଙ୍କ ଅର୍ଦ୍ଧଶତକ ସହାୟତାରେ ୮ ୱିକେଟ୍‌ରେ ୧୮୯ ରନ କରିଥିଲା।

## ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ୬ ବ୍ୟାଡ୍‌ମିଣ୍ଟନ ଖେଳାଳି ବାଦ୍ ପଡ଼ିଲେ




ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଏଆଇୟୁ ବା ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି ଭାରତରେ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାର ସର୍ବୋଚ୍ଚ ସଂସ୍ଥା। ଏହି ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା କର୍ମକର୍ତ୍ତାମାନଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁଁ ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରୁ ୬ଜଣ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶା ତଥା କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ମଧ୍ୟ ଅଛନ୍ତି। ଏହି କ୍ରୀଡ଼ାରେ ଭାରତ ଏକ ପଦକ ଜିତିଛି। ସମସ୍ତ ଯୋଗ୍ୟ ଖେଳାଳି ଅଂଶଗ୍ରହଣ କରିଥିଲେ ଭାରତକୁ ଆହୁରି ଅଧିକ ସଫଳତା ମିଳିଥାନ୍ତା ବୋଲି କୁହାଯାଉଛି। ଘଟଣା ଅନୁଯାୟୀ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜୁଲାଇ ୧୬ରେ ମ୍ୟାନେଜରଙ୍କ ବୈଠକ ହୋଇଥିଲା। ଏହି ବୈଠକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ୧୨ ଜଣ ଖେଳାଳିଙ୍କ ନାମ ଦୁଇ ପ୍ରତିନିଧି ବିଭି ରାଓ ଓ ଅଜିତ ମୋହନ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ। କିଟ୍‌ରେ ଯେଉଁମାନଙ୍କୁ ଚୟନ କରାଯାଇଥିଲା ସେଥିରେ କିଛି ଖେଳାଳିଙ୍କୁ ଆହତ କିମ୍ବା ଅନ୍ୟ କାରଣ ଲାଗି ବାଦ୍ ଦିଆଯାଇଥିଲା। କିନ୍ତୁ ତାଙ୍କ ବଦଳରେ ସାମିଲ ହୋଇଥିବା ଖେଳାଳିଙ୍କ ନାମ ଭାରତର ଦୁଇ ପ୍ରତିନିଧି ଠିକ୍ ଭାବେ ପଢ଼ି ପାରି ନ ଥିଲେ କିମ୍ବା ତାଲିକା ଯୋଗାଇ ପାରି ନ ଥିଲେ। ଯାହା ଫଳରେ ୬ଜଣ ଖେଳାଳି ଯଥା ଓଡ଼ିଶାର ଅବିନାଶ ମହାନ୍ତିଙ୍କ ସହ ରୋହନ କୁମାର, ଦର୍ଶନ ପୂଜାରୀ, ଅଦିତି ଭଟ୍ଟ, ବିରାଜ କୁଭାଲେ ଓ ଅଲିଶା ଖାନ୍ ଭାଗ ନେଇ ପାରି ନ ଥିଲେ। 'ଏହାକୁ ମୋ ଦୁର୍ଭାଗ୍ୟ କହିବି ନା ଏଆଇୟୁ ଆମ କ୍ୟାରିୟର ସହ ଖେଳୁଛି' ବୋଲି କହିଛନ୍ତି ଅଲିଶା। ଏ ସମ୍ପର୍କରେ ଏଆଇୟୁ ପକ୍ଷରୁ କିଛି ସ୍ପଷ୍ଟିକରଣ ଦିଆଯାଇନାହିଁ।

## ସାହାଣୀ କପ୍
# କ୍ୱାର୍ଟରରେ କୋରାପୁଟ -ଭୁବନେଶ୍ୱର

ଭୁବନେଶ୍ୱର, ୨୧।୭ (ସମିସ)


ବ୍ରହ୍ମପୁର ଜୋନ

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ସିନିଅର ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତାର ୬ଷ୍ଠ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜୋନରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧା ୫-୦ ଗୋଲ୍‌ରେ ପୁରୀକୁ ପରାସ୍ତ କରିଛି। ଜଳଧର ନାୟକ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କଟକ ୬-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇଛି। ସେହିଭଳି କେନ୍ଦୁଝର ଜୋନରେ ସୁନ୍ଦରଗଡ଼ ୧-୦ ଗୋଲ୍‌ରେ ବାଲେଶ୍ୱର ବିପକ୍ଷରେ ବିଜୟୀ ହୋଇଛି। ଢେଙ୍କାନାଳ ଓ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। ବ୍ରହ୍ମପୁର ଜୋନରେ ମଧ୍ୟ ଆଜି ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୋରାପୁଟ ୪-୦ ଗୋଲରେ ରାୟଗଡ଼ାକୁ ଓ ମୟୂରଭଞ୍ଜ ୫-୦ ଗୋଲ୍‌ରେ ମାଲକାନଗିରିକୁ ମାତ୍ ଦେଇଛି।

ଏଥିସହ ୩ଟି ଜୋନରେ କ୍ୱାର୍ଟର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। କେନ୍ଦ୍ରାପଡ଼ା ଜୋନରେ କଟକ ଓ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନରେ ଭୁବନେଶ୍ୱର ଓ କୋରାପୁଟ ଏବଂ କେନ୍ଦୁଝର ଜୋନରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ସେହିଭଳି ବୌଦ୍ଧ ଜୋନରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ସମାପ୍ତ ହେଲେ ଏଠାରେ କେଉଁ ଦଳ କ୍ୱାର୍ଟର ଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

**କ୍ୱାର୍ଟର କାର୍ଯ୍ୟସୂଚୀ**

| ଜୋନ୍ | ମ୍ୟାଚ୍ |
|---|---|
| କେନ୍ଦ୍ରାପଡ଼ା | କଟକ ବନାମ ଝାରସୁଗୁଡ଼ା |
| ବ୍ରହ୍ମପୁର | ଭୁବନେଶ୍ୱର ବନାମ କୋରାପୁଟ |
| କେନ୍ଦୁଝର | ସୁନ୍ଦରଗଡ଼ ବନାମ ଆର୍‌ଏସ୍‌ପି |
| ବୌଦ୍ଧ | ନିର୍ଦ୍ଧାରିତ ହୋଇନାହିଁ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।

## ଆମ୍ବ ପାଇଁ ଦିନଟିଏ



ପ୍ରତିବର୍ଷ ଜୁଲାଇ ୨୨ ତାରିଖକୁ 'ଜାତୀୟ ଆମ୍ବ ଦିବସ' ଭାବେ ପାଳନ କରାଯାଉଛି। ଔଷଧୀୟ ଗୁଣରେ ଭରପୂର ଆମ୍ବର ପ୍ରଚାର ପ୍ରସାର ପାଇଁ ଏହି ଦିବସର ପରିକଳ୍ପନା। ଆମ୍ବ ହେଉଛି ଏକ ପ୍ରକୃତି ଦତ୍ତ ସମୃଦ୍ଧ ଏବଂ ଆକର୍ଷଣୀୟ ମିଠା ଫଳ । ଆମ୍ବର ସ୍ୱାଦ ପାଇଁ ତାକୁ ଫଳର ରାଜା ବୋଲି କୁହାଯାଏ। ଏହାକୁ ଉଭୟ କଞ୍ଚା ଓ ପାଚିଲା ଭାବେ ଖିଆଯାଏ। ଖରାଦିନେ ଭାତ, ରୁଟି ସହିତ ସବୁଠୁ ଅଧିକ ଖୋଜା ପଡ଼ିଥାଏ ପାଚିଲା ଆମ୍ବକୁ । ଓଡ଼ିଆ ଘରେ ରଜ ଓ ସାବିତ୍ରୀ ଭାରରେ ସ୍ଥାନ ପାଏ ଆମ୍ବ। ଭାରତର ଜାତୀୟ ଫଳ ଆମ୍ବ । ଏହି ସ୍ୱାଦିଷ୍ଟ ଓ ରସାଳ ଫଳଟିକୁ ସବୁ ବୟସର ଲୋକେ ଖାଇବାକୁ ପସନ୍ଦ କରନ୍ତି। ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ସ୍ୱାଦ ଓ ବାସ୍ନା ଯୋଗୁ ଆମ୍ବ ଯୁଗ ଯୁଗ ଧରି ଭାରତର ଖାଦ୍ୟ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି। ଐତିହାସିକମାନଙ୍କ ତଥ୍ୟ ଅନୁସାରେ, ଭାରତୀୟମାନେ ୪୦୦୦ ବର୍ଷରୁ ଅଧିକ କାଳ ଧରି ଏହି ରସାଳ ଫଳ ଚାଷ କରୁଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ମାତ୍ର ୪୦୦ ବର୍ଷ ପୁରୁଣା। ଆମ୍ବର ପୁରାତନ ନାମ ଥିଲା ଆମ୍ରଫଳ। ବେଦରେ ଏହାକୁ 'ରସାଳ' ଓ 'ସହକାର' ନାମରେ ନାମିତ କରାଯାଇଛି। ସାଧାରଣତଃ ଖରାଦିନେ ଏହା ବଜାରରେ ଉପଲବ୍ଧ ହୋଇଥାଏ। ଏବେ କିନ୍ତୁ ବର୍ଷର ସବୁ ସମୟରେ ବଜାରରେ ଅଳ୍ପ ବହୁତେ ଆମ୍ବ ମିଳୁଛି। ଆମ୍ବରେ ପାଖାପାଖି ୨୦ ପ୍ରକାରର ଭିଟାମିନ୍ ଓ ଖଣିଜ ତତ୍ତ୍ୱ ରହିଛି, ଯେଉଁଥିପାଇଁ ଏହା ଏକ ସୁପରଫୁଡ୍ ଭାବେ ମଧ୍ୟ ପରିଗଣିତ ହୋଇଥାଏ। ହିନ୍ଦୁ ଧର୍ମ, ଧାର୍ମିକ ବିଶ୍ୱାସ ଓ ପରମ୍ପରାରେ ଆମ୍ବ ଓ ଆମ୍ବ ଡାଳର ବହୁତ ମହତ୍ତ୍ୱ ଅଛି। କଳସ ବା ଘଟ ସ୍ଥାପନ ଉପଲକ୍ଷେ ଆମ୍ବଡାଳ ଓ ପଇଡ଼ ଅପରିହାର୍ଯ୍ୟ ବସ୍ତୁ। ବିଭିନ୍ନ ମେଳାସ୍ଥଳୀ ଓ ସ୍ୱାଗତ ତୋରଣକୁ ଆମ୍ବ ଡାଳଦ୍ୱାରା ସଜା ଯାଇଥାଏ। ଦୋଳଯାତ ବେଳେ ପ୍ରଭୁ ଶ୍ରୀଦୋଳଗୋବିନ୍ଦଙ୍କ ପାଖରେ ଆମ୍ବ କଷି ଲାଗି କରାଯାଏ। ଆମ୍ବ ଏକ ଅତ୍ୟନ୍ତ ପବିତ୍ର ବୃକ୍ଷ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଆମ୍ବପତ୍ର ବ୍ୟବହାର ହେତୁ ଏହା ଅନ୍ୟାନ୍ୟ ବୃକ୍ଷ ଯଥା ତୁଳସୀ, ବେଲ ଅଁଳା, ଅଶ୍ୱସ୍ତ, ବର, ପଳାଶ, କଦଳୀ ଇତ୍ୟାଦି ଭଳି ପୂଜନୀୟ। ସେହିଭଳି ବୃକ୍ଷ ପୂଜା ପରମ୍ପରାରେ ଆମ୍ବ ଗଛକୁ ପୂଜା କରିବାର ପର୍ବ ହେଉଛି ବଉଳ ଅମାବାସ୍ୟା। ପୌଷ ମାସର ଅମାବାସ୍ୟା ବକୁଳ ଅମାବାସ୍ୟା ନାମରେ ଖ୍ୟାତ। ବସନ୍ତ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାରେ ମଧ୍ୟ ଲାଗି ହୁଏ ଆମ୍ବର ବଉଳ।

## ବାଲିରେ ଘଟୁଛି ବ୍ରେକ୍‌ଅପ୍!



ଇଣ୍ଡୋନେସିଆର ବାଲି ହେଉଛି ଅତ୍ୟନ୍ତ ସୁନ୍ଦର ଏବଂ ମନୋରମ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୁଟି କାଟିବାକୁ ଯାଆନ୍ତି। ଏବେ ଏହି ସ୍ଥାନ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ଅଜବ ଲୋକବିଶ୍ୱାସକୁ ନେଇ ଚର୍ଚ୍ଚାରେ ରହିଛି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ବାଲିକୁ ନେଇ ଅଜବ କଥା ଭାଇରାଲ ହେଉଛି। ଲୋକଙ୍କ କହିବା କଥା, ଅବିବାହିତ ଯୁବକ-ଯୁବତୀ ବାଲି ବୁଲିକି ଯିବାର କିଛି ଦିନ ମଧ୍ୟରେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇ ଯାଉଛି। ତେବେ ଏହି କଥାର ଚର୍ଚ୍ଚା ଏକ ପଡକାଷ୍ଟ ଭିଡିଓରୁ ଆରମ୍ଭ ହୋଇଛି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ପଡକାଷ୍ଟର ହୋଷ୍ଟ କହିଛନ୍ତି ଯେ, ଅନେକ ପ୍ରେମୀଯୁଗଳ ସେମାନଙ୍କ ବ୍ରେକ୍‌ଅପ୍ କାହାଣୀ ସୋସିଆଲ ମିଡିଆରେ ସେୟାର୍ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହି ପ୍ରେମୀଯୁଗଳମାନେ ବ୍ରେକ୍‌ଅପ୍ ପୂର୍ବରୁ ବାଲି ଯାଇଥିଲେ। ବାଲି ଟ୍ରିପ୍ ପରେ ପ୍ରେମୀ ଯୁଗଳଙ୍କ ସମ୍ପର୍କରେ ତିକ୍ତତା ଦେଖାଯାଇ ଶେଷରେ ବ୍ରେକ୍‌ଅପ୍ ହେଉଥିବା କୁହାଯାଉଛି। ତେବେ ଏଭଳି ବ୍ରେକ୍‌ଅପ୍‌କୁ ବାଲିରେ ଥିବା tanah lot ମନ୍ଦିର ସହିତ ଯୋଡ଼ା ଯାଇଛି। ଏହି ମନ୍ଦିର ଖୁବ୍ ଲୋକପ୍ରିୟ। ଏହା ସମୁଦ୍ରକୂଳରେ ଥିବା ଏକ ଚଟାଣ ଉପରେ ରହିଛି। ଏହି ମନ୍ଦିରରେ ଏକ ବିଶେଷ ପ୍ରକାର ଶକ୍ତି ଅଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ପ୍ରେମ ସମ୍ପର୍କର ପରୀକ୍ଷା ନେଇଥାଏ। ସମ୍ପର୍କ ମଜଭୁତ ନ ଥିଲେ, ମନ୍ଦିର ଯିବା ପରେ ସମ୍ପର୍କ ଭାଙ୍ଗିଯାଏ ବୋଲି କୁହାଯାଏ। ତେଣୁ ଅବିବାହିତଙ୍କୁ ଏହି ମନ୍ଦିର ଯିବା ଉଚିତ ନୁହେଁ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି। ସେହିପରି ପ୍ରଶ୍ନ ଉଠୁଛି, ଏହି କଥାର ସତ୍ୟାସତ୍ୟ କେତେ? ଏସମ୍ପର୍କରେ ରିଲେସନ୍‌ସିପ୍ ଏକ୍ସପର୍ଟଙ୍କ କହିବା କଥା, ପ୍ରେମୀ ଯୁଗଳ ଯେତେବେଳେ ଏକାଠି ଯାତ୍ରା କରନ୍ତି ଓ ଦୀର୍ଘ ସମୟ ଏକାଠି ରହନ୍ତି, ପରସ୍ପରର ଅଭ୍ୟାସ, ଦୋଷ, ଦୁର୍ବଳତା ଆଦି ବାବଦରେ ଜାଣନ୍ତି। ଏହାସହ ଯାତ୍ରାର ଥକ୍କାପଣ, ଟଙ୍କା ଚିନ୍ତା, ଭବିଷ୍ୟତ ଚିନ୍ତା କରିବାବେଳେ କଳି, ଝଗଡ଼ା ଆଦି ମିଶି ସମ୍ପର୍କରେ ତିକ୍ତତା ଆସେ। ଯଦି ସମ୍ପର୍କ ପୂର୍ବରୁ ଦୁର୍ବଳ ଥାଏ, ଏହି ତିକ୍ତତା ଅଧିକ ବୃଦ୍ଧି ପାଏ। ତେଣୁ ଏଭଳି ସ୍ଥିତିରେ ବାଲିକୁ ଦୋଷ ଦେବା ଭୁଲ୍ ହେବ।

## କାହାଣୀ ପାଇଁ ଅଟକିଛି 'ଏସ୍‌ଏସ୍‌ଏମ୍‌ବି୨୯'ର ସୁଟିଂ



'ରାମାୟଣ' ପରେ ଏସ୍. ଏସ୍ ରାଜମୌଳିଙ୍କ 'ଏସ୍‌ଏସ୍‌ଏମ୍‌ବି୨୯'କୁ ଭାରତୀୟ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। କିଛି ଦିନ ପୂର୍ବରୁ ଲୋକେସନ ପାଇଁ ଏହାର ସୁଟିଂ ଅଟକିଥିବା କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ପ୍ରକୃତରେ ଫିଲ୍ମର କାହାଣୀ ପାଇଁ ଏବେ ସୁଟିଂ ଅଟକି ଯାଇଥିବା ଜଣାପଡ଼ିଛି। ଫିଲ୍ମର ଗୋଟିଏ ପାର୍ଟର ସୁଟିଂ ମହେଶବାବୁ ସାରି ଦେଇଛନ୍ତି। କିନ୍ତୁ ଏଥିରେ ଆହୁରି ମସଲା ଦିଆଯାଇ ପାରିଥାନ୍ତା ବୋଲି ସେ ଅନୁଭବ କଲେ। ଏବେ ସେ ସୁଟିଂରୁ ବ୍ରେକ୍ ନେଇ ଏହାର କାହାଣୀ ଉପରେ କାମ କରୁଛନ୍ତି। ଫିଲ୍ମଟିକୁ ହିଟ୍ କରିବା ପାଇଁ ରାଜମୌଳି ମହେଶବାବୁଙ୍କର ଏକ ସୋଲୋ ଡ୍ୟାନ୍ସ ନମ୍ବର ରଖିଛନ୍ତି। 'ଏସ୍‌ଏସ୍‌ଏମ୍‌ବି୨୯'ର କାହାଣୀ ହଲିଉଡ୍‌ର 'ଇଣ୍ଡିଆନା ଜୋନ୍ସ' ସିରିଜ୍‌ରୁ ପ୍ରେରିତ ବୋଲି କୁହାଯାଉଛି। ଫିଲ୍ମରେ ଅଧିକ ଆକ୍ସନ୍ ଓ ଜଙ୍ଗଲ ସିନ୍ ରହିବ ବୋଲି କୁହାଯାଉଛି।

## ସୁବର୍ଣ୍ଣା



## କମ୍ ଖର୍ଚ୍ଚରେ ଅଧିକ ଲାଭ ସିଟ୍ରୋନେଲା



**ଆଜିକାଲି ପାରମ୍ପରିକ ଚାଷ ବଦଳରେ ବହୁ ଲୋକ ଔଷଧୀୟ ବଗିଚା କରିବା ଟ୍ରେଣ୍ଡକୁ ଆପଣାଇଛନ୍ତି। ତୁଳସୀ, ଘି-କୁଆଁରୀ, ପୁଦିନା, ଗିଲୟ, ଜୁଆଣି, ନିମ, ହଳଦୀ ଆଦି ଗଛ ସହିତ ଅଧିକାଂଶ ସୁଗନ୍ଧିତ ଘାସ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ତେବେ କମ୍ ଖର୍ଚ୍ଚରେ ଜାଭା ସିଟ୍ରୋନେଲା ଚାଷରୁ ଜଣେ ଆୟ ବୃଦ୍ଧି କରିପାରିବ। ଏହି ଔଷଧୀୟ ଗଛରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଆମୋଏବିକ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ଭରପୁର ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସେହିପରି ଏହି ଚାଷ ପରିବେଶ ଅନୁକୂଳ।**

ଜାଭା ସିଟ୍ରୋନେଲା ପତଳା ଓ ଲେମ୍ବୁ ପରି ସୁଗନ୍ଧ ଆସୁଥିବା ସୁଗନ୍ଧିତ ଘାସ। ଏଥିରୁ ବାହାରୁଥିବା ତେଲ ପରଫ୍ୟୁମ୍, ମଶାମାରିବା ପାଇଁ ଉତ୍ପାଦ, ସାନିଟାଇଜର, ଧୂପ, ସାବୁନ୍ ଏବଂ ହର୍ବାଲ୍ କ୍ରିମ୍ ବ୍ୟବହାର ପାଇଁ ଉପଯୋଗୀ ହୋଇଥାଏ। ବଜାରରେ ଏହାର ମୂଲ୍ୟ ପ୍ରତି ଲିଟର ପିଛା ୧୪୦୦ ଟଙ୍କା। ଏହି ଚାଷ ପାଇଁ କମ୍ ଖର୍ଚ୍ଚ ହୋଇଥାଏ। ଏହା ଏକ ବହୁବର୍ଷୀୟ ଫସଲ। ଅର୍ଥାତ୍ ଏହାକୁ ଥରେ ଲଗାଇଲେ, ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୩ରୁ ୪ଥର କାଟି ପାରିବେ। ପ୍ରଥମ ବର୍ଷରେ ହେକ୍ଟର ପିଛା ୧୫୦ରୁ ୨୦୦ କିଗ୍ରା ତେଲ ମିଳିଥାଏ। ଏହି ଚାଷ ପାଇଁ ବାଲିଆ ଦୋରସା ମାଟି ଉପଯୁକ୍ତ। ଅମ୍ଳୀୟ ଏବଂ କ୍ଷାରୀୟ ମାଟିରେ ବି ସଫଳତା ପୂର୍ବକ ଏହି ଚାଷ କରାଯାଇପାରିବ। ଏହାର ଉନ୍ନତ କିସମ ହେଉଛି, ଜୋର ଲ୍ୟାବ୍ ସି-୫, ଜୋର ଲ୍ୟାବ ସି-୨ ଏବଂ ବାୟୋ-୧୩ ଇତ୍ୟାଦି। ଏହି ଚାଷରୁ ଅଧିକ ଲାଭ ପାଇବା ପାଇଁ ଜମିକୁ ତିନିରୁ ଚାରି ଥର ଗଭୀର ହଳ କରି ହେକ୍ଟର ପିଛା ୨୦ରୁ ୨୫ ଟନ୍ ସଢ଼ା ଖତ ମିଶାଯାଇଥାଏ। ଚାଷ ପାଇଁ ଫେବୃୟାରୀ-ମାର୍ଚ୍ଚ କିମ୍ବା ଜୁଲାଇରୁ ଅଗଷ୍ଟ ମାସ ଭଲ ସମୟ। ଏହି ଫସଲରେ ରୋଗ ପୋକ ଲାଗିବାର ଭୟ କମ୍ ଥାଏ। ସିଟ୍ରୋନେଲା ଚେର ମାଟିର ଅଧିକ ଗଭୀରକୁ ଯାଉନଥିବାରୁ ଏହି ଫସଲରେ ନିୟମିତ ଜଳ ସିଞ୍ଚନ ଆବଶ୍ୟକ। ଗ୍ରୀଷ୍ମଋତୁରେ ୧୦ରୁ ୧୫ ଦିନ ଏବଂ ଶୀତଋତୁରେ ୨୦ରୁ ୩୦ ଦିନ ଅନ୍ତରରେ ଜଳ ସିଞ୍ଚନ ଜରୁରି। ସିଟ୍ରୋନେଲା ମୂଳଚାରା ଲଗାଯିବାର ୬ ମାସ ମଧ୍ୟରେ ଘାସ କଟାଯାଇ ଏଥିରୁ ତେଲ କଢ଼ାଯାଇଥାଏ।

## ଧାନ ଫସଲରେ ରୋଗ ନିୟନ୍ତ୍ରଣ ପାଇଁ ପ୍ରଭାବୀ ଫିମ୍ପିନାଶକ



ଆମ ରାଜ୍ୟର ମୁଖ୍ୟ ଫସଲ ହେଉଛି ଧାନ। ହେଲେ ଧାନ ଫସଲରେ ରୋଗପୋକ ପ୍ରାଦୁର୍ଭାବରୁ ଧାନ ଅମଳ ଶତକଡ଼ା ୩୦ ପ୍ରତିଶତ ହ୍ରାସ ପାଇଥାଏ। ଖରିଫ ଧାନ ଫସଲରେ ପିଲ ଦେବା ପରଠାରୁ ଥୋଡ଼ ଆସିବା ମଧ୍ୟରେ ପତ୍ରଛଦା ପୋଡ଼ାରୋଗ ସଂକ୍ରମଣ କରିଥାଏ। ସଂକ୍ରମିତ ରୋଗାକ୍ରାନ୍ତ ଗଛର ପତ୍ର ମୂଳେ ଧୂସର ସବୁଜ ରଙ୍ଗର ଏକ ଦାଗ ଦେଖାଯାଇ କ୍ରମେ ଆକାର ବୃଦ୍ଧି ପାଏ। ରୋଗର ପ୍ରାଦୁର୍ଭାବ ଅଧିକ ହେଲେ ପତ୍ର ସଂକ୍ରମିତ ହୋଇ ବୋଡ଼ା ସାପ କାତି ପରି ଚିହ୍ନ ବ୍ୟାପି ଚାଷୀଙ୍କ ଚିନ୍ତା ବୃଦ୍ଧି କରେ। ତେଣୁ ଏହି ରୋଗ ନିୟନ୍ତ୍ରଣ ପାଇଁ ନିକଟରେ ଆନ୍ତର୍ଜାତୀୟ ଉଦ୍ୟୋଗ ବାୟର ପକ୍ଷରୁ ଏକ ପ୍ରଭାବୀ ଫିମ୍ପିନାଶକ 'ଫେଲୁଜିତ'ର ଶୁଭାରମ୍ଭ କରାଯାଇଛି। ଏହା ଫସଲରେ ପତ୍ରଛଦା ପୋଡ଼ା ରୋଗ(ସିଥ୍ ବ୍ଲାଇଟ)କୁ ନିୟନ୍ତ୍ରଣ କରି ଫସଲକୁ ସୁରକ୍ଷା ଦେବ। ଖୁବ୍‌ଶୀଘ୍ର ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଏହି କବକନାଶକ ଉପଲବ୍ଧ ହେବ। ଫେଲୁଜିତ, ପେନ୍‌ଫ୍ଲୁଫେନ୍ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ଏହା ଫସଲ ଅମଳ ଓ ଗୁଣବତ୍ତାକୁ ଉନ୍ନତ କରୁଥିବା ଏକ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରିପାରିବ। ଅନ୍ୟ ଫିମ୍ପିନାଶକ ଭଳି ଏହାକୁ ଫସଲରେ ବାରମ୍ବାର ପ୍ରୟୋଗ କରିବାକୁ ପଡୁନଥିବାରୁ ଚାଷୀଙ୍କ ସମୟ ବଞ୍ଚିବ। ଶ୍ରମ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ବାୟରର କ୍ରପ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲର ପ୍ରମୁଖ ମୋହନ ବାବୁଙ୍କ କହିବାନୁସାରେ, "ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ ଚାଷୀଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶାଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।" ୩୨୦ ମିଲି ଓ ୧ ଲିଟରରେ ଉପଲବ୍ଧ ଫେଲୁଜିତ ସିଥ୍ ବ୍ଲାଇଟ ବିରୋଧି ଲଢେଇରେ ଏକ ପ୍ରଭାବୀ ଫିମ୍ପିନାଶକ ଏଥିରେ ଅତ୍ୟୁକ୍ତି ନାହିଁ।

## ସ୍ମାର୍ଟ ଆଲୋକ ଯନ୍ତ୍ର



ଫସଲର ପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ କୀଟନାଶକ, ସାର, ଔଷଧ ଆଦି ପ୍ରୟୋଗ କରନ୍ତି। ପୋକ ନିୟନ୍ତ୍ରଣ କରିବାକୁ ଆଲୋକଯନ୍ତା ଏକ ଉତ୍ତମ ବିକଳ୍ପ। ତେବେ ପାରମ୍ପରିକ ଆଲୋକଯନ୍ତା ସମସ୍ତ ପ୍ରଜାତିର ପୋକକୁ ଆକର୍ଷିତ କରୁଥିବାରୁ ଫସଲ ବୃଦ୍ଧି ପାଇଁ ଆବଶ୍ୟକୀୟ ଉପକାରୀ କୀଟ ଲୋପ ପାଇଯାଆନ୍ତି। ଏନେଇ ଡେଲ୍‌ଟା ଥିଙ୍ଗସ୍ ପ୍ରା ଲିଃ ଜୟଶଙ୍କର ତେଲେଙ୍ଗାନା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ପିଜେଟିଏସ୍‌ଏୟୁ) ର ବୈଜ୍ଞାନିକଙ୍କ ସହ ମିଳିତ ଭାବେ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଆଇଟ୍ରାପର ନାମକ ଏହି ଆଲୋକଯନ୍ତାଟି ଏକ ଇଣ୍ଟେଲିଜେଣ୍ଟ ଆଲୋକ ଯନ୍ତା। ବିଶେଷକରି ଏକ ନିର୍ଦ୍ଦିଷ୍ଟ ସମୟରେ କପାର ବକରା ବିନ୍ଧା ପୋକ ଏବଂ ଧାନ ଫସଲରେ ଲାଗୁଥିବା ନିର୍ଦ୍ଦିଷ୍ଟ ପୋକକୁ ଏହି ଯନ୍ତା ଅଧିକ ଆକୃଷ୍ଟ କରିଥାଏ। ଏଥିରେ ଅତି ବାଇଗଣୀ ରଶ୍ମୀ ଏବଂ ଦୃଶ୍ୟମାନ ଆଲୋକର ଉପଯୋଗ କରାଯାଇଛି। ଏହି ଆଲୋକଯନ୍ତାରେ ଏକ ମଲଟି ୱେଲନଥ୍ ଏଲ୍‌ଇଡି ବଲ୍‌ବ ଏବଂ ଆଇଓଟି ଯୁକ୍ତ ମାଇକ୍ରୋ କଣ୍ଟ୍ରୋଲର ଥାଏ। ଯାହାକି କେଉଁ ସମୟରେ କେଉଁ ରଙ୍ଗର ଆଲୋକ ଜଳିବ ତାହା ନିର୍ଦ୍ଧାରଣ କରିଥାଏ। ଏହି ଆଲୋକଯନ୍ତା କ୍ଷତିକାରୀ କୀଟକୁ ଆକର୍ଷିତ କରୁଥିବାବେଳେ ଉପକାରୀ କୀଟକୁ ଆଦୌ ଆକର୍ଷିତ କରେ ନାହିଁ। ଫସଲର ଉପକାରୀ କୀଟ ସକ୍ରିୟ ହେଲେ, ଉପରକଣଟି ବନ୍ଦ ହୋଇ କୀଟକୁ ସୁରକ୍ଷା ପ୍ରଦାନ କରିଥାଏ। ଫଳରେ ଚାଷୀଙ୍କୁ ଫସଲରେ ବାରମ୍ବାର କୀଟନାଶକ ସିଞ୍ଚନ କରିବାକୁ ପଡ଼େ ନାହିଁ। ପରିଶ୍ରମ କମ୍ ହୁଏ। ଏହା ପରିବେଶ ଅନୁକୂଳ ହୋଇଥିବାରୁ ଭଲ ଅମଳ ମିଳିଥାଏ।

## କୃଷି ପାଣିପାଗ



**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖାଲୁଆ ଜମିରେ ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ।
- ମକା ଓ ନଳିତାରେ ବର୍ଷା ଛାଡ଼ିଲା ପରେ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
- ମାଟିର ଆର୍ଦ୍ରତାର ସଦୁପଯୋଗ ପାଇଁ ଅଣ ଧାନ ଫସଲ ଯଥା- ଚିନାବାଦାମ, ହରଡ଼, ଜଡ଼ା, ମୁଗ, ବିରି ଓ ରାଶି ଇତ୍ୟାଦି ଫସଲ ଲଗାନ୍ତୁ।
- ମୁଗ କିମ୍ବା ବିରି ଚାଷରେ ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଫିଙ୍ଗିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ।
- ବାଇଗଣଚାରା ମୁଖ୍ୟ ଜମିରେ ଲଗାଇ ସାରିଥିଲେ କୋଡ଼ାଖୋସା ପରେ ଏକର ପ୍ରତି ୩୦ କିଗ୍ରା ୟୁରିଆ ଏବଂ ୨୦ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସାର ପ୍ରୟୋଗ କରନ୍ତୁ।
- ପନିପରିବାରେ ସାହେବୀ ରୋଗ ପ୍ରତିରୋଧ ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ସହ ବିହନ ବିଶୋଧନ ନିହାତି ଜରୁରି।